# ù_g_eYû

## wke geyÞ ejîaîZ

# ପ୍ରେରଣା

ଲେଖକ
ଡ. ଶରଚ୍ଚନ୍ଦ୍ର ମହାପାତ୍ର

ପ୍ରକାଶକ
ଆମରିସତ୍ୟ
AMARISATYA

# ପ୍ରେରଣା

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
**ସର୍ବସ୍ୱ ୍ ଅଧିକାରୀ :** ଡ. ଶରଚ୍ଚନ୍ଦ୍ର ମହାପାତ୍ର
**ପ୍ରଥମ ସଂସ୍କରଣ : ୨୦ ଅଗଷ୍ଟ, ୨୦୧୭**
**ପ୍ରକାଶକ:** ଆମରିସତ୍ୟ, ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପ୍ରାଣନାଥ କଲେଜ, ଜିଲା: ଖୋରଧା, ପିନ୍: ୭୫୨୦୫୭
**ମୁଦ୍ରଣ:** ପ୍ରତିଭା ପ୍ରିଣ୍ଟର୍ସ, ୟୁନିଟ୍-୯, ଭୁବନେଶ୍ୱର
**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ରଥ
**ଲେଖକଙ୍କ ଠିକଣା :** ଡ. ଶରଚ୍ଚନ୍ଦ୍ର ମହାପାତ୍ର, ୫ମ ଲେନ୍, ମଙ୍ଗଳା ନଗର,ଖୋରଧା,ପିନ-୭୫୨୦୫୫
**ମୋବାଇଲ୍** : ୮୮୯୫୫୯୬୬୭୫
ମୂଲ୍ୟ : **୫୦ ଟଂକା**

---

# PRERANA

*Dr. Sarata Chandra Mohapatra*
©*: Dr. Sarata Chandra Mohapatra*
***1st Edition** : 20 Aug. 2017*
**Published by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
06755-220980
**Printed at**:
PRATIVA PRINTERS
Unit -9, Bhubaneswar
**Cover Design & Formating** : Rajib Rath
*Address of the Author - Dr Sarat Chandra Mohapatra, 5th Lane, Mangala Nagar , Post/Dist-Khordha- 752055*
*Mob. :8895596675*

**ISBN : 978-93-85900-23-5**

Price: ₹ 50.00

# ମାତ୍ର ପଦେ କଥା...

କେତେଜଣ ମହାମାନବଙ୍କର ଦେଶଭକ୍ତିର ଅଦ୍ଭୁତ ପରାକାଷ୍ଠା ଏହି ପୁସ୍ତକଟିରେ ପ୍ରଦର୍ଶିତ ହୋଇଅଛି । ସୁଖ, ସ୍ୱାଚ୍ଛନ୍ଦ୍ୟ, ଧନ, କ୍ଷମତା ଏ ସବୁ ପାର୍ଥିବ ଆକର୍ଷଣକୁ ପ୍ରତ୍ୟାଖ୍ୟାନ କରି ମାତୃଭୂମିର ସେବାରେ ସେମାନେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ପୁନଶ୍ଚ ସେମାନେ ଅନ୍ୟାୟ ବିରୁଦ୍ଧରେ ବୀରତ୍ୱର ସହ ସଂଗ୍ରାମ କରିଥିଲେ । ଶିବାଜୀଙ୍କ ଜୀବନ ତାହାର ଜ୍ୱଳନ୍ତ ଉଦାହରଣ । ସେମାନଙ୍କର ଜୀବନର ଅମର କାହାଣୀ ଆମକୁ ପ୍ରେରଣା ଦେବ । ଆଶା ଓ ବିଶ୍ୱାସ ତାହାରି ଉପରେ ଆଧାରିତ ଏ ପୁସ୍ତିକାଟି ପାଠକଙ୍କଦ୍ୱାରା ଆଦୃତ ହେବ ।

ବିନୀତ

ଡ. ଶରତଚନ୍ଦ୍ର ମହାପାତ୍ର

# ସୂଚୀପତ୍ର


| | |
|---|---|
| ୧. ଛତ୍ରପତି ଶିବାଜୀ | ୫ |
| ୨. ବାଳ ଗଙ୍ଗାଧର ତିଳକ | ୯ |
| ୩. ଗୋପାଳକୃଷ୍ଣ ଗୋଖଲେ | ୧୯ |
| ୪. ଗୋଖଲେ ଓ ଗାନ୍ଧିଜୀ | ୨୬ |
| ୫. ବୀର ସଭରକର | ୨୯ |
| ୬. ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସ | ୩୬ |
| ୭. ସୁଭାଷଚନ୍ଦ୍ର ବୋଷ | ୪୩ |
| ୮. ଲାଲବାହାଦୁର ଶାସ୍ତ୍ରୀ | ୫୦ |
| ୯. ଚକ୍ରବର୍ତ୍ତୀ ରାଜଗୋପାଳଚାରୀ | ୫୯ |
| ୧୦. ଭକ୍ତି ଅର୍ଘ୍ୟ | ୬୬ |

# ଛତ୍ରପତି ଶିବାଜୀ

ଭାରତବର୍ଷର ଇତିହାସରେ ଶିବାଜୀ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଯେତେବେଳେ ମୋଗଲ ସାମ୍ରାଜ୍ୟ ସମଗ୍ର ଭାରତବର୍ଷରେ ବ୍ୟାପିଯାଇଥିଲା ସେହି ସମୟରେ ସେ ଏକ ସ୍ୱତନ୍ତ୍ର ମରାଠା ସାମ୍ରାଜ୍ୟ ଗଠନ କରିପାରିଥିଲେ । ତାଙ୍କର ବୀରତ୍ୱ ଓ ଯୁଦ୍ଧକୌଶଳ ତାଙ୍କ ପାଇଁ ଆଣିଥିଲା ଅପୂର୍ବ ସଫଳତା । ଶିବାଜୀଙ୍କ ଜୀବନ କାହାଣୀ ଅତ୍ୟନ୍ତ ରୋମାଞ୍ଚକର ଏବଂ ଏହା ଯୁଗେ ଯୁଗେ ଦେଶପ୍ରେମୀମାନଙ୍କର ପ୍ରାଣରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟିକରି ଆସିଅଛି । ଜଣେ ବୀରପୁରୁଷ ଭାବରେ ଇତିହାସ ପୃଷ୍ଠାରେ ତାଙ୍କ ନାମ ଲିପିବଦ୍ଧ ହୋଇ ରହିଅଛି ।

ଶିବାଜୀଙ୍କ ଜନ୍ମ ୧୬୨୭ ମସିହା ଅପ୍ରେଲ ମାସ ୧୦ ତାରିଖ ଦିନ ହୋଇଥିଲା । ତାଙ୍କର ପିତାଙ୍କର ନାମ ଶାହାଜୀ ଓ ମାତାଙ୍କର ନାମ ଜିଜାବାଈ ।

କଥାଅଛି ଶିବାଜୀଙ୍କ ପିତା ଶାହାଜୀ ଥରେ ସ୍ୱପ୍ନରେ ଦେଖିଲେ ଯେ ତାଙ୍କୁ ଜଣେ ସାଧୁ ଗୋଟିଏ ଆମ୍ବଫଳ ଦେଇ କହିଲେ ଯେ ଏ ଫଳଟି ତାଙ୍କ ପତ୍ନୀ ଜିଜାବାଈଙ୍କୁ ଖାଇବାକୁ ଦିଅନ୍ତୁ । ଏହା ଭକ୍ଷଣ କଲେ ଶିବଙ୍କ ଭଳି ପୁଅଟିଏ ହେବ । ଶାହାଜୀ ଏହାକୁ ପାଳନ କରିଥିଲେ । ସ୍ୱପ୍ନର ଏ ଘଟଣା ସତ୍ୟରେ ପରିଣତ ହୋଇଥିଲା । କିଛିଦିନ ପରେ ଶିବାଜୀଙ୍କର ଜନ୍ମ ହୋଇଥିଲା । ତାଙ୍କର ନାମ ଏଇଥିପାଇଁ ଶିବାଜୀ ରଖାଯାଇଥିଲା । ଶିବାଜୀଙ୍କ ଜନ୍ମସ୍ଥାନର ନାମଥିଲା ଶିବନର ।

ସେତେବେଳେ ସମ୍ଭ୍ରାନ୍ତ ଶ୍ରେଣୀର ପୁରୁଷମାନେ ଏକାଧିକ ପତ୍ନୀ ଗ୍ରହଣ କରିପାରୁଥିଲେ । ଏଣୁ ଜିଜାବାଈଙ୍କ ବ୍ୟତୀତ ଶାହାଜୀ ଅନ୍ୟ ଏକ ସ୍ତ୍ରୀ ଗ୍ରହଣ କଲେ । ଜିଜାବାଈ ଅତ୍ୟନ୍ତ ସ୍ୱାଭିମାନିନୀ ଥିଲେ । ଏଣୁ ସେ ଶିବନର ତ୍ୟାଗକରି ପୁନାକୁ ଚାଲିଆସିଲେ । ଶିବାଜୀଙ୍କ ପିତା ବିଜାପୁରର ସୁଲତାନଙ୍କ ଅଧୀନରେ କାର୍ଯ୍ୟ କରିବା ପାଇଁ ଚାଲିଗଲା ପରେ ତାଙ୍କର ମାଆ ଜିଜାବାଈ ଶିବାଜୀଙ୍କର ପୂର୍ଣ୍ଣ ଦାୟିତ୍ୱ ନେଲେ । ଶିବାଜୀଙ୍କୁ ଜଣେ ବୀର ତଥା ଯୋଗ୍ୟ ସନ୍ତାନ ଭାବରେ ଗଢ଼ିବାପାଇଁ ତାଙ୍କର ମାଆ ଉଦ୍ୟମ କରିଥିଲେ । ସେ ତାଙ୍କୁ ରାମାୟଣ ତଥା ମହାଭାରତର ବୀରମାନଙ୍କର କଥା ଶୁଣାଉଥିଲେ । ଶିବାଜୀ କିଭଳି ଉପଯୁକ୍ତ ଶିକ୍ଷାଲାଭ କରିବେ ଏହି ଉଦ୍ଦେଶ୍ୟ ନେଇ ସେ ତାଙ୍କର ଶିକ୍ଷାର ଦାୟିତ୍ୱ ଦାଦାଜୀ କୋଣ୍ଡଦେବ ନାମକ

ଜଣେ ବ୍ରାହ୍ମଣଙ୍କ ହସ୍ତରେ ଅର୍ପଣ କରିଥିଲେ। ବାଲ୍ୟକାଳରୁ ଶିବାଜୀଙ୍କର ସାହସିକ କାର୍ଯ୍ୟରେ ଯୋଗଦେବାର ପ୍ରବୃତ୍ତି ଗଢ଼ିଉଠିଥିଲା। ପାଠ ଅପେକ୍ଷା ଖେଳ ଓ କସରତରେ ତାଙ୍କର ଅଧିକ ଆଗ୍ରହ ପରିଲକ୍ଷିତ ହେଉଥିଲା। ସେ ଖଡ଼୍‌ଗଧରି ଅସ୍ତ୍ରଖେଳରେ ଭାଗ ନେଉଥିଲେ। ସେହି ସମୟରେ ସେଠାକାର ପାର୍ବତ୍ୟ ଅଞ୍ଚଳରେ ମାଭଲି ବୋଲି ପାର୍ବତୀୟ ଲୋକେ ବାସ କରୁଥିଲେ। ସେମାନେ ଅତ୍ୟନ୍ତ ସାହସୀ ଥିଲେ। ଶିବାଜୀ ବାଲ୍ୟକାଳରୁ ସେମାନଙ୍କ ସହିତ ବହୁତ ମିଶୁଥିଲେ। ପରେ ଏମାନଙ୍କୁ ଯୁଦ୍ଧ କୌଶଳ ଶିକ୍ଷାଦେଇ ନିଜର ସୈନ୍ୟବାହିନୀରେ ମିଶାଇଥିଲେ। ଶିବାଜୀ ପିଲାଦିନରୁ ନିଜର ବଂଶ ପରମ୍ପରାକୁ ନେଇ ଗର୍ବ ଅନୁଭବ କରୁଥିଲେ। ଭବିଷ୍ୟତରେ ଏକ ସ୍ୱାଧୀନ ରାଜ୍ୟ ଗଠନ କରିବେ ଏହି ସ୍ୱପ୍ନ ପିଲାଦିନରୁ ସେ ଦେଖିବାକୁ ଲାଗିଲେ।

ତାଙ୍କୁ ଯେତେବେଳେ ମାତ୍ର ୨୦ବର୍ଷ ବୟସ ହୋଇଥିଲା ସେ ସେହି ସମୟରେ ଏକ ଦୁଃସାହସିକ କାର୍ଯ୍ୟ କରିଥିଲେ। ସେ କେତେକ ସୈନ୍ୟଙ୍କୁ ଧରି ବିଜାପୁର ରାଜ୍ୟର 'ଟୋରନ୍' ଦୁର୍ଗକୁ ଅଧିକାର କରିନେଲେ। ଏହି ଆକ୍ରମଣରୁ ସେ ବହୁତ କିଛି ଧନ ମଧ୍ୟ ପାଇଥିଲେ। ତାଙ୍କର ଏ କାର୍ଯ୍ୟରେ ବିଜାପୁରର ସୁଲତାନ ଉତ୍‌କ୍ଷିପ୍ତ ହୋଇଉଠିଲେ। ସେ ରାଗରେ ଶିବାଜୀଙ୍କ ପିତାଙ୍କୁ ବନ୍ଦୀ କରିଦେଲେ ଏବଂ ଶିବାଜୀଙ୍କୁ ଆଦେଶ ଦେଲେ ତାଙ୍କୁ ଦେଖା କରିବାପାଇଁ। କିନ୍ତୁ ଶିବାଜୀ ଏ ଆଦେଶକୁ ମାନିଲେ ନାହିଁ। ତେବେ କିଛିଦିନ ପାଇଁ ବିଜାପୁର ସୁଲତାନଙ୍କ ସହିତ ସେ ବିବାଦ ନ କରି ନୀରବ ରହିଲେ। ଉଦ୍ଦେଶ୍ୟ ଥିଲା ତାଙ୍କର ପିତାଙ୍କର ମୁକ୍ତି। ସେ ଅନ୍ୟ ଏକ କୌଶଳ ମଧ୍ୟ ଅବଲମ୍ବନ କରିଥିଲେ। ସେ ତାଙ୍କର ପିତାଙ୍କର ମୁକ୍ତିପାଇଁ ମୋଗଲ ସମ୍ରାଟ ଶାହାଜାହାନଙ୍କ ପାଖକୁ ଗୋଟିଏ ଚିଠି ଲେଖିଥିଲେ। ଶାହାଜାହାନ ମଧ୍ୟ ବିଜାପୁର ରାଜ୍ୟର ଶାସନରେ ହସ୍ତକ୍ଷେପ କରିବାକୁ ଚାହୁଁଥିଲେ ଫଳରେ ସେ ସୁଲତାନଙ୍କୁ ଶିବାଜୀଙ୍କ ପିତାଙ୍କୁ ମୁକ୍ତିଦେବା ପାଇଁ କଡ଼ା ଆଦେଶ ଦେଇଥିଲେ। ଯାହାହେଉ ଶିବାଜୀ ବିଭିନ୍ନ କୌଶଳ ଅବଲମ୍ବନ କରି ପିତାଙ୍କୁ ରକ୍ଷା କରିପାରିଥିଲେ। ତେବେ ଏହି ସମୟରେ ସେ ନିଜର ବିଜିତ ଅଞ୍ଚଳ ଉପରେ ନିଜର ଅଧିକାରକୁ ଅଧିକ ଦୃଢ଼ୀଭୂତ କରିଥିଲେ। ସୈନ୍ୟବାହିନୀକୁ ଅଧିକ ଶକ୍ତିଶାଳୀ କରିପାରିଥିଲେ।

ଶିବାଜୀଙ୍କ ଉତ୍‌ଥାନ ଦେଖି ବିଜାପୁରର ସୁଲତାନ ଆଶଙ୍କା କଲେ ଯେ ଭବିଷ୍ୟତରେ ସେ ତାଙ୍କ ପାଇଁ ବିପଦ ସୃଷ୍ଟି କରିବେ। ଏଣୁ ତାଙ୍କୁ ଉଚିତ୍ ଶିକ୍ଷା ଦେବାକୁ ପଡ଼ିବ। ଏହି ଉଦ୍ଦେଶ୍ୟରେ ସେ ଆଫଜଲ୍ ଖାଁଙ୍କୁ ଶିବାଜୀଙ୍କୁ ଆୟତ୍ତ କରିବା ପାଇଁ ପଠାଇଲେ। ଆଫଜଲ୍ ଖାଁ ଜଣେ ଦକ୍ଷ ଯୋଦ୍ଧା ଥିଲେ ଏବଂ ଗଠନ ଦୃଷ୍ଟିରୁ ଖୁବ୍ ଶକ୍ତିଶାଳୀ ଥିଲେ। ଶିବାଜୀଙ୍କୁ ସବୁଦିନ ପାଇଁ ହଟାଇଦେବାକୁ ସେ କିଛି ସୈନ୍ୟଧରି ଶିବାଜୀଙ୍କ ରାଜ୍ୟକୁ ଆସିଥିଲେ। ପଥ ମଧ୍ୟରେ ସେ ଅନେକ ହିନ୍ଦୁ ମନ୍ଦିର ଧ୍ୱଂସ କରିଦେଇଥିଲେ। ସେ ଏକ ଷଡ଼ଯନ୍ତ୍ର ରଚି ଶିବାଜୀଙ୍କ ପାଖକୁ ଏକ ଶାନ୍ତି ପ୍ରସ୍ତାବ ପଠାଇଥିଲେ। ଉଭୟଙ୍କ ଭିତରେ ଏକାନ୍ତ ସ୍ଥାନରେ ଆଲୋଚନା

ହେବ। ଉଭୟଙ୍କ ପକ୍ଷରୁ ଦେହରକ୍ଷୀ ମାତ୍ର ଦୁଇଜଣ ରହିବେ। ଶିବାଜୀ ଏ ପ୍ରସ୍ତାବକୁ ଗ୍ରହଣ କଲେ। ମାତ୍ର ଆଫଜଲ୍ ଖାଁଙ୍କ ମନ୍ଦ ଉଦ୍ଦେଶ୍ୟକୁ ସେ ଭଲଭାବରେ ଜାଣିଥିଲେ। ଏଥିପାଇଁ ସେ ପ୍ରସ୍ତୁତ ହୋଇଆସିଥିଲେ। ପ୍ରଥମେ ଆଫଜଲ୍ ଖାଁ ତାଙ୍କୁ ଆଲିଙ୍ଗନ କରିବା ଛଳନା କରି ତାଙ୍କର ବେକକୁ ଚାପି ଦେଇଥିଲେ। ଆଫଜଲ୍ ଖାଁ ଅତ୍ୟନ୍ତ ବଳଶାଳୀ ଥିଲେ। ତାଙ୍କର ଚାପରୁ ମୁକ୍ତି ପାଇବା ଶିବାଜୀଙ୍କ ପକ୍ଷରେ ସମ୍ଭବ ନଥିଲା। ଏଣୁ ସେ ଆଣିଥିବା 'ବାଘନଖ' ଦ୍ୱାରା ଆଫଜଲ ଖାଁଙ୍କ ପେଟକୁ ଚିରିଦେଲେ। ଆଫଜଲ ଖାଁ ତାଙ୍କୁ ଅସ୍ତ୍ରରେ ଆଘାତ ଦେଲେ ମଧ୍ୟ ତାଙ୍କର କିଛି ହେଲାନାହିଁ। କାରଣ ଭିତରେ ସେ ସାଞ୍ଜୁ ପିନ୍ଧିଥିଲେ। ଆଫଜଲ ଖାଁଙ୍କର ମୃତ୍ୟୁ ଘଟିଲା। ତାଙ୍କର ସୈନ୍ୟମାନେ ଆକ୍ରମଣର ସମ୍ମୁଖୀନ ନହୋଇପାରି ଭୟଭୀତ ହୋଇ ପଳାୟନ କଲେ। ଏହି ବିଜୟ ଶିବାଜୀଙ୍କ ଆତ୍ମବିଶ୍ୱାସକୁ ବଢ଼ାଇ ଦେଇଥିଲା। ଏହି ଘଟଣା ଘଟିଥିଲା ୧୬୫୯ ମସିହାରେ। ଏହାପରେ ଶିବାଜୀ ଦକ୍ଷିଣ କୋଙ୍କନ୍ ଓ କୋହ୍ଲାପୁର ଦଖଲ କରି ନିଜର ରାଜ୍ୟ ବିସ୍ତାରିତ କରିପାରିଲେ।

ଆଉରଙ୍ଗଜେବ ୧୬୫୮ରେ ସମ୍ରାଟ ହେଲେ। ସେ ଦେଖିଲେ ଶିବାଜୀ ନିଜର କ୍ଷମତାକୁ ଅଧିକରୁ ଅଧିକ ଜାହିର କରିବାକୁ ଲାଗିଛନ୍ତି। ତାଙ୍କୁ ଆୟତ୍ତ କରିବାକୁ ପଡ଼ିବ। ଏଣୁ ଏହି ଉଦ୍ଦେଶ୍ୟରେ ସେ ନିଜର ମାମୁଁ ସାୟସ୍ତ ଖାଁଙ୍କୁ କୌଣସି ପ୍ରକାରେ ଶିବାଜୀଙ୍କୁ ପରାସ୍ତ କରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଲେ। ଶାୟସ୍ତ ଖାଁ ଗୋଟିଏ ବିରାଟ ସୈନ୍ୟବାହିନୀ ଧରିଆସି ପ୍ରଥମେ ପୁନା ଓ ଅନ୍ୟାନ୍ୟ କିଛି ଅଞ୍ଚଳ ଅଧିକାର କରିନେଲେ। କିନ୍ତୁ ଶିବାଜୀ ଦବି ଯିବାର ବ୍ୟକ୍ତି ନଥିଲେ। ସେ ଥିଲେ ଅତ୍ୟନ୍ତ କୌଶଳୀ। ସମ୍ମୁଖ ଯୁଦ୍ଧ ନହେଲେ ବି ଗରିଲା ଯୁଦ୍ଧରେ ସେ ସିଦ୍ଧହସ୍ତ ଥିଲେ। ଏଣୁ ସେ ଗୋଟିଏ ବରଯାତ୍ରୀ ଦଳର ନାଟକ ରଚନା କରି କିଛି ସୈନ୍ୟଙ୍କୁ ଆଣି ଶାୟସ୍ତ ଖାଁ ତାଙ୍କର ଶୟନ କକ୍ଷରେ ଥିବାବେଳେ ଆକ୍ରମଣ କଲେ। ଏଭଳି ହଠାତ୍ ଆକ୍ରମଣର ସମ୍ମୁଖୀନ ହେବା ସମ୍ଭବ ନଥିଲା। ଶାୟସ୍ତ ଖାଁ ଜୀବନ ବିକଳରେ ପଳାଇଲେ। ମାତ୍ର ଖଣ୍ଡାଧାରରେ ତାଙ୍କର ବୁଢ଼ା ଆଙ୍ଗୁଠିଟି କଟିଯାଇଥିଲା। ଆକ୍ରମଣରେ ତାଙ୍କର କେତେକ ସୈନ୍ୟ ଓ ଗୋଟିଏ ପୁଅ ଜୀବନ ହରାଇଥିଲେ। ମୋଗଲମାନେ ବିଶେଷ କରି ଆଉରଙ୍ଗଜେବ ଏଥିରେ ବିଶେଷ ଅପମାନିତ ବୋଧ କରିଥିଲେ।

ଶିବାଜୀଙ୍କୁ କୌଣସି ପ୍ରକାରେ ଆୟତ୍ତ କରିବାକୁ ପଡ଼ିବ। ଏଥିପାଇଁ ସେ ଦୁଇଜଣ ଅଭିଜ୍ଞ ଯୋଦ୍ଧା ଯଥା ଜୟ ସିଂ ଓ ଦିଲର ଖାଁଙ୍କୁ ବିଶାଳ ସୈନ୍ୟବାହିନୀ ସହ ଶିବାଜୀଙ୍କ ରାଜ୍ୟ ଉପରେ ଆକ୍ରମଣ କରିବାକୁ ପଠାଇଲେ। ଏଭଳି ଏକ ବିଶାଳ ସୈନ୍ୟବାହିନୀର ସମ୍ମୁଖୀନ ହେବା ଶିବାଜୀଙ୍କ ପକ୍ଷରେ ସମ୍ଭବ ନଥିଲା। ଏଣୁ ଜୟ ସିଂଙ୍କ ପାଖକୁ ସେ ଶାନ୍ତି ପ୍ରସ୍ତାବ ପଠାଇଲେ। ପୁରନ୍ଦର ଚୁକ୍ତି ଅନୁଯାୟୀ ସେ ଅନେକ ଦୁର୍ଗ ଫେରାଇ ଦେଇଥିଲେ। ପରେ ଜୟ ସିଂଙ୍କ ପ୍ରସ୍ତାବ ଅନୁଯାୟୀ ସେ ଆଗ୍ରା ଯାଇ ଆଉରଙ୍ଗଜେବଙ୍କୁ ଦେଖା କରିବାକୁ ରାଜି ହୋଇଥିଲେ।

ତାଙ୍କୁ କୁହାଯାଇଥିଲା ଯେ ସେ ସମ୍ପୂର୍ଣ୍ଣ ନିରାପଦରେ ରହିବେ ଓ ଆଉରଙ୍ଗଜେବଙ୍କ ବନ୍ଧୁ ଭାବରେ ତାଙ୍କୁ ସମ୍ମାନିତ କରାଯିବ। ଶିବାଜୀ ନିଜର ପୁଅଙ୍କ ସହିତ ବହୁତ ଆଶା ନେଇ ଆଗ୍ରା ଯାଇଥିଲେ। ମାତ୍ର ଫଳ ବିପରୀତ ହେଲା। ତାଙ୍କୁ ଅପମାନିତ କରାଯାଇଥିଲା ଏବଂ ସେ ପ୍ରତିବାଦ କରିବାରୁ ତାଙ୍କୁ ଗୃହବନ୍ଦୀ ରଖାଯାଇଥିଲା। ବର୍ତ୍ତମାନ ତାଙ୍କପାଇଁ ଚିନ୍ତାର ବିଷୟ ହେଲା ସେ କିଭଳି ଏଇ ବନ୍ଦୀ ଅବସ୍ଥାରୁ ମୁକ୍ତିଲାଭ କରିବେ। ଏଥିପାଇଁ ସେ ଏକ ଉପାୟ ଅବଲମ୍ବନ କଲେ। ପ୍ରଥମେ ସେ ଛଳନା କଲେ ଯେ ସେ ଅସୁସ୍ଥ ଅଛନ୍ତି। ପରେ ସେ ସୁସ୍ଥ ହେବାର ଘୋଷଣା କରି ଝୁଡ଼ି ଝୁଡ଼ି ମିଠେଇ ଓ ଫଳ ବାହାରକୁ ପଠାଇଥିଲେ ସାଧୁ, ସନ୍ଥ ଓ ଭିକାରୀଙ୍କ ଭିତରେ ବାଣ୍ଟିବା ପାଇଁ। ପ୍ରଥମେ ଏହି ଝୁଡ଼ିକୁ ପରୀକ୍ଷା କରାଯାଉଥିଲା। ମାତ୍ର ପରେ ଆଉ ଏପରି କରାଗଲା ନାହିଁ। ଦିନେ ଶିବାଜୀ ଓ ତାଙ୍କର ପୁଅ ଶମ୍ଭୁଜୀ ଏହାରି ଭିତରେ ଲୁଚିକରି ବାହାରକୁ ଚାଲିଆସିଲେ। ପରେ ସନ୍ନ୍ୟାସୀ ବେଶ ଧରି ବାଟରେ ବୁଲି ବୁଲି ନିଜ ରାଜ୍ୟରେ ପହଞ୍ଚିଥିଲେ। ତାଙ୍କ ରାଜ୍ୟରେ ଆନନ୍ଦର ଲହରୀ ଖେଳିଗଲା। ଏହାପରେ ଶିବାଜୀ ଦୃଢ଼ତାର ସହ ତାଙ୍କର ଆକ୍ରମଣ ଆରମ୍ଭ କରି ପୁରନ୍ଦର ଚୁକ୍ତି ଅନୁଯାୟୀ ଫେରାଇ ଦେଇଥିବା ଦୁର୍ଗକୁ ଦଖଲ କରିନେଲେ। ମୋଗଲ ଅଧୀନରେ ଥିବା ଅନେକ ଅଞ୍ଚଳ ମଧ୍ୟ ଦଖଲ କରିନେଲେ। ତାଙ୍କ ଆକ୍ରମଣରେ ମୋଗଲ ସେନା ବହୁବାର ପରାଜିତ ହେଲେ। ମୋଗଲ ଶକ୍ତି ତାଙ୍କୁ ଆଉ ଆୟତ୍ତ କରିପାରିଲେନି। ଏହି ଧାରଣା ସୃଷ୍ଟି ହେଲା ଯେ ଶିବାଜୀ ଅଜେୟ ଅଟନ୍ତି।

ଏହାପରେ ଶିବାଜୀ ନିଜକୁ ଏକ ସ୍ୱାଧୀନ ରାଜ୍ୟର ଶାସକ ଭାବରେ ଘୋଷଣା କଲେ। ରାୟଗଡ଼ ଠାରେ ଶାସ୍ତ୍ରୀୟ ରୀତି ଅନୁଯାୟୀ ତାଙ୍କର ସିଂହାସନ ଆରୋହଣ ଉତ୍ସବ ପାଳିତ ହେଲା ୧୬୭୪ ମସିହାରେ। ସେ ନିଜକୁ 'ଛତ୍ରପତି' ବୋଲି ଘୋଷଣା କଲେ। ତାଙ୍କର ମାଆ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାକାର ହେଲା। ତେବେ ଏହି ଉତ୍ସବର ଦୁଇ ସପ୍ତାହ ପରେ ତାଙ୍କର ମାଆ ସ୍ୱର୍ଗାରୋହଣ କଲେ।

ଶିବାଜୀଙ୍କ ସାମ୍ରାଜ୍ୟ ପଶ୍ଚିମ ଘାଟଠାରୁ ଗୋଆ ପର୍ଯ୍ୟନ୍ତ ବ୍ୟାପିଥିଲା। ଏହା ମଧ୍ୟରେ ନାସିକ, ପୁନା, ସତାରା, କୋହ୍ଲାପୁର ପ୍ରଭୃତି ରହିଥିଲା। ଶିବାଜୀ ମଧ୍ୟ ବାଙ୍ଗାଲୋର, ବେଲାରୀ, ଭେଲୋର, ତାଞ୍ଜୋର ପ୍ରଭୃତି ଦଖଲ କରିନେଇଥିଲେ। ପଶ୍ଚିମ କର୍ଣ୍ଣାଟକ ଓ ମହୀଶୁର ମଧ୍ୟ ତାଙ୍କ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ଥିଲା।

ଶିବାଜୀଙ୍କ ରାଜ୍ୟ ଅଧିକ ବିସ୍ତାରିତ ହୋଇଥାଆନ୍ତା ମାତ୍ର ୧୬୮୦ରେ ତାଙ୍କର ବିୟୋଗ ହୋଇଗଲା। ତେବେ ଭବିଷ୍ୟତରେ ବିଶାଳ ମରହଟ୍ଟା ସାମ୍ରାଜ୍ୟର ମୂଳଦୁଆ ସିଏ ପକାଇଥିଲେ। ଜଣେ କୁଶଳୀ ବୀର ଯୋଦ୍ଧା ଭାବରେ ସେ ଯୁଗ ଯୁଗ ଧରି ପ୍ରେରଣା ଦେଉଥିବେ।

●●●

# ବାଳ ଗଙ୍ଗାଧର ତିଳକ



୧୮୫୬ ମସିହା ଜୁଲାଇ ୨୩ ତାରିଖ ଦିନ ବାଳ ଗଙ୍ଗାଧର ତିଳକଙ୍କର ଜନ୍ମ ହୋଇଥିଲା ମହାରାଷ୍ଟ୍ରର ରତ୍ନଗିରିରେ। ତାଙ୍କ ପିତାଙ୍କର ନାମ ଗଙ୍ଗାଧର ପନ୍ତ। ସେ ରତ୍ନଗିରି ଜିଲ୍ଲାର ଗୋଟିଏ ମରାଠୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିଲେ। ସେ ଥିଲେ ଜଣେ ଜାତୀୟତାବାଦୀ। ୧୮୫୭ ମସିହାରେ ସିପାହୀ ବିଦ୍ରୋହ ହୋଇଥିଲା। ଗଙ୍ଗାଧର ଭାବିଥିଲେ ଏ ବିଦ୍ରୋହ ସଫଳ ହେବ ଏବଂ ଇଂରେଜମାନେ ଏ ଦେଶ ଛାଡ଼ି ଚାଲିଯିବେ। ମାତ୍ର ଏଭଳି ହେଲାନାହିଁ। ବିଦ୍ରୋହକୁ ଦମନ କରାଯାଇପାରିଲା। ଏହା ଫଳରେ ଗଙ୍ଗାଧରଙ୍କ ମନରେ ବ୍ରିଟିଶ ସରକାର ପ୍ରତି କ୍ରୋଧ ଓ ଘୃଣାଭାବ ଆସିଥିଲା।

ବାଳ ଗଙ୍ଗାଧର ତିଳକ ପିଲାଦିନେ ପିତାଙ୍କର ବ୍ରିଟିଶ ସରକାର ପ୍ରତି ମନର କ୍ରୋଧକୁ ଅନୁଭବ କରିପାରୁଥିଲେ। ଏଣୁ ସେ ପିଲାଦିନେ ସବୁବେଳେ ଭାବୁଥିଲେ ଏ ବିଦେଶୀ ଶାସନର ଅନ୍ତ କେବେ ଘଟିବ। ତାଙ୍କର ସାଙ୍ଗମାନଙ୍କ ଆଗରେ ଏକଥା ସେ ବାରମ୍ବାର କହୁଥିଲେ। ସାଙ୍ଗମାନଙ୍କ ମନରେ ସେ ଇଂରେଜ ସରକାର ପ୍ରତି ବିଦ୍ୱେଷର ଭାବ ସୃଷ୍ଟି କରିପାରୁଥିଲେ। ତାଙ୍କର ସାହସ ଓ ଆତ୍ମବିଶ୍ୱାସ ଦେଖି ସାଙ୍ଗମାନେ ତାଙ୍କୁ ନିଜର ଦଳପତି ବୋଲି ଭାବିନେଇଥିଲେ। ସେ ରତ୍ନଗିରିରେ ସାଙ୍ଗମାନଙ୍କ ସହ ଖେଳିବୁଲି ଓ ମଝିରେ ମଝିରେ ଦେଶର ରାଜନୀତି ବିଷୟରେ ଆଲୋଚନା କରି ଖୁସିରେ ସମୟ କାଟୁଥିଲେ।

ତେବେ ହଠାତ୍ ସେ ଜାଣିବାକୁ ପାଇଲେ ଯେ ତାଙ୍କର ପିତାଙ୍କର ବଦଳି ପୁନାକୁ ହୋଇଅଛି। ତାଙ୍କୁ ସେତେବେଳେ ମାତ୍ର ଦଶବର୍ଷ ବୟସ। ମନଦୁଃଖରେ ଭାଙ୍ଗିପଡ଼ିଲା। ତେବେ ସରକାରୀ ଆଦେଶ ମାନିବାକୁ ପଡ଼ିବ। ବାପାଙ୍କ ସହିତ ସେ ପୁନା ଯିବାକୁ ବାଧ୍ୟହେଲେ। ପ୍ରଥମେ ପ୍ରଥମେ ଖରାପ ଲାଗୁଥିଲା। ନୂଆ ଯାଗା, ସମସ୍ତେ ତାଙ୍କପାଇଁ ନୂଆ ହେଲେ। କିନ୍ତୁ ପରିବର୍ତ୍ତିତ ପରିସ୍ଥିତି ସହ ସେ ଖାପଖୁଆଇ ପାରିଲେ ଓ ସାଙ୍ଗସାଥୀଙ୍କ ସ୍ମୃତି ମନରୁ ଅପସରି ଗଲା। ପୁନାର ବୃହତ୍ତର ପରିବେଶ ତାଙ୍କୁ କ୍ରମେ ଭଲ ଲାଗିଲା ଏବଂ ଏଠି ନୂଆ ବନ୍ଧୁମାନଙ୍କୁ ସେ ଆଦରରେ ଗ୍ରହଣ କଲେ। ସବୁ ଭଲରେ ଚାଲିଥିଲା। ମାତ୍ର ଏପରି

ଏକ ଦୁର୍ଘଟଣା ଘଟିଲା ପରିବାର ପାଇଁ ଯାହା ସବୁକୁ ଓଲଟପାଲଟ କରିଦେଲା। ତାଙ୍କ ଜନନୀଙ୍କ ବିୟୋଗ ଥିଲା ପରିବାର ପାଇଁ ଏକ ଦାରୁଣ ଧକ୍କା। ତେବେ ତାଙ୍କର ପିତା ଧୈର୍ଯ୍ୟର ସହ ପରିସ୍ଥିତିକୁ ସମ୍ଭାଳି ନେଲେ। ସେ ଉଭୟ ପିତା ଓ ମାତାର ସ୍ନେହ ସେମାନଙ୍କୁ ଦେଇ ଓ ଅଧିକ ଯତ୍ନନେଇ ପରିସ୍ଥିତିକୁ ହାଲୁକା କରିବାକୁ ଚେଷ୍ଟା କରିଥିଲେ।

ତିଳକଙ୍କୁ ଯେତେବେଳେ ପନ୍ଦର ବର୍ଷ ବୟସ ହୋଇଥିଲା ସେ ସମୟର ବିଧି ଅନୁସାରେ ତାଙ୍କୁ ବିବାହ କରିଦିଆଗଲା। ତାଙ୍କ ସ୍ତ୍ରୀଙ୍କ ପ୍ରକୃତ ନାମ ଥିଲା ସତ୍ୟଭାମା। ମାତ୍ର ଡ଼ାକନାମ ଥିଲା ତାପୀ। ତିଳକଙ୍କ ବିବାହ ପରେ ତାଙ୍କର ପିତା ଅସୁସ୍ଥ ହୋଇପଡ଼ିଲେ ଏବଂ କିଛିଦିନ ପରେ ତାଙ୍କର ବିୟୋଗ ହେଲା। ଏହି ଦୁର୍ଦ୍ଦିନରେ ତାଙ୍କ ପତ୍ନୀ ସତ୍ୟଭାମା ଏଗାର ବର୍ଷ ବୟସରେ ଆସି ଶ୍ୱଶୁରାଳୟରେ ରହିଲେ। ଆଉ ଜଣେ ସମ୍ପର୍କୀୟା ସ୍ତ୍ରୀ ଆସି ଘରର ଏକ ପ୍ରକାର ଦାୟିତ୍ୱ ନେଲେ।

ତିଳକ ୧୮୭୨ ମସିହାରେ ମାଟ୍ରିକ୍ୟୁଲେସନ୍ ପାଶ୍‌କଲେ। ଏହାପରେ ସେ ଡ଼େକାନ୍ କଲେଜରେ ନାମ ଲେଖାଇଲେ। ଘରଠାରୁ ଦୂରରେ ରହି ପାଠପଢ଼ାରେ ସେ ଗଭୀର ମନୋନିବେଶ କରିଥିଲେ। ଏହି କଲେଜ ପଢ଼ା ସମୟରେ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଥିଲେ। ତାଙ୍କର ନାମ ଅଗରକର। ଦୁହେଁ ଦେଶର ସମସ୍ୟା ବିଷୟରେ ବହୁତ ଆଲୋଚନା କରୁଥିଲେ। ଡ଼େକାନ୍ କଲେଜରେ ନାମ ଲେଖାଇବା ବେଳକୁ ତାଙ୍କର ବୟସ ଥିଲା ୧୬ ବର୍ଷ। ୧୮୭୬ ମସିହାରେ ଗଣିତ ଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ସେ ବି.ଏ. ପାଶ୍‌କଲେ। ଏହାପରେ ସେ ଲ ପଢ଼ିଲେ।

ଧନୀ ହେବା ବା କ୍ଷମତା ଉପଭୋଗ କରିବା ତାଙ୍କ ଜୀବନର ଲକ୍ଷ୍ୟ ନଥିଲା। ତାଙ୍କର ମୂଳଲକ୍ଷ୍ୟ ଥିଲା କିଭଳି ଦେଶ ସ୍ୱାଧୀନ ହେବ। ସେ ଭାବୁଥିଲେ ଯେ ଭାରତର ଦୁର୍ଦ୍ଦଶାର କାରଣ ଥିଲା ଅଶିକ୍ଷା ଓ କୁସଂସ୍କାର। ଏଣୁ ଭାରତୀୟମାନେ ଆଧୁନିକ ଶିକ୍ଷାଲାଭ କରିବା ଦରକାର। ଏହାହିଁ ଭାରତୀୟମାନଙ୍କୁ ସାମାଜିକ କୁସଂସ୍କାରରୁ ମୁକ୍ତିଦେବ।

ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ସେ ଅଗରକରଙ୍କ ସହିତ ମିଶି ଗୋଟିଏ ବିଦ୍ୟାଳୟ ସ୍ଥାପନ କଲେ ୧୮୮୦ ମସିହାରେ। ଏହି ଅନୁଷ୍ଠାନର ନାମ ଦିଆଗଲା 'ନିୟୁ ଇଂଲିସ ସ୍କୁଲ'। ଏହା 'ଡ଼େକାନ୍ ଏଡୁକେସନ୍ ସୋସାଇଟି' ସହିତ ସଂଯୁକ୍ତ ହେଲା। ଏହି ବିଦ୍ୟାଳୟର ଖ୍ୟାତି ଦିନକୁ ଦିନ ବଢ଼ିବାକୁ ଲାଗିଲା ଏବଂ ଶହ ଶହ ଛାତ୍ର ଆସି ଏଠାରେ ଅଧ୍ୟୟନ କଲେ। ଖ୍ୟାତି ବଢ଼ିବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ଆୟ ମଧ୍ୟ ବଢ଼ିଲା। କିନ୍ତୁ ତିଳକ ଲକ୍ଷ୍ୟ କଲେ ଯେ ତାଙ୍କର ବନ୍ଧୁମାନଙ୍କ ମଧ୍ୟରୁ କେତେକ ଅର୍ଥଲୋଭୀ ହୋଇଗଲେଣି। ଅନୁଷ୍ଠାନର ଆଦର୍ଶ ପ୍ରତି ସେମାନଙ୍କର ଲକ୍ଷ୍ୟ ରହୁନାହିଁ। ସେ ଏମାନଙ୍କୁ ସମାଲୋଚନା

କଲେ। ଫଳରେ ତାଙ୍କ ବନ୍ଧୁମାନେ ତାଙ୍କୁ ତ୍ୟାଗକଲେ ଓ ଡ଼େକାନ୍ ଏଡୁକେସନ୍ ସୋସାଇଟି କର୍ତ୍ତୃପକ୍ଷ ମଧ୍ୟ ତାଙ୍କ ଉପରେ କ୍ଷୁବ୍ଧ ହେଲେ। ଅଗରକରଙ୍କ ସହିତ ତାଙ୍କର ସମ୍ପର୍କ ତିକ୍ତ ହୋଇଉଠିଲା। ଗୋପାଳକୃଷ୍ଣ ଗୋଖଲେ ତାଙ୍କ ଉପରେ ଅସନ୍ତୁଷ୍ଟ ହେଲେ। ଏଣୁ ୧୮୯୦ ମସିହାରେ ସେ ଏ ଅନୁଷ୍ଠାନରୁ ଇସ୍ତଫା ଦେଇଦେଲେ।

ବାଳଗଙ୍ଗାଧର ତିଳକ ଦୁଇଗୋଟି ପତ୍ରିକା ସ୍ଥାପନ କରିଥିଲେ ଯଥା- (୧) ମରାଠୀ ଭାଷାରେ 'ମରାଠା' ଓ (୨) ଇଂରାଜୀ ଭାଷାରେ 'କେଶରୀ'। ଡ଼େକାନ୍ ସୋସାଇଟି ସହିତ ସମ୍ପର୍କ ଛିନ୍ନ କରିବା ପରେ ପୂର୍ଣ୍ଣ ସମୟ ଏ ପତ୍ରିକା ପାଇଁ ଦେଇଥିଲେ।

ତିଳକଙ୍କ ଉଦ୍ଦେଶ୍ୟ ଥିଲା ଏହି ପତ୍ରିକା ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିବା। ଇଂରେଜ ସରକାରଙ୍କର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା। ସେ ସାମାଜିକ କୁସଂସ୍କାର ଦୂରକରିବା ଉପରେ ଏହି ପତ୍ରିକା ମାଧ୍ୟମରେ ଗୁରୁତ୍ୱ ଦେଉଥିଲେ। ପୁନଶ୍ଚ କୃଷକମାନେ କିପରି ରାଜା ଓ ଜମିଦାରମାନଙ୍କ ଦାଉରୁ ଉଦ୍ଧାର ପାଇବେ ସେ ବିଷୟରେ ଜନସଚେତନତା ସୃଷ୍ଟି କରୁଥିଲେ।

ତିଳକ ଜଣେ ବିଦ୍ୱାନ ବ୍ୟକ୍ତି ଥିଲେ। ସେ ବେଦ, ଉପନିଷଦ୍, ଭଗବଦ୍ ଗୀତା ପ୍ରଭୃତିକୁ ଗଭୀର ଭାବରେ ଅଧ୍ୟୟନ କରିଥିଲେ। ସେ ସାଂସ୍କୃତିକ ଜାଗରଣ ଓ ଦେଶଭକ୍ତିର ପ୍ରସାରପାଇଁ 'ଗଣପତି ଉତ୍ସବ' ଓ 'ଶିବାଜୀ ଜୟନ୍ତୀ' ଆରମ୍ଭ କରିଥିଲେ। ତାଙ୍କର ଧାରଣା ଥିଲା ଏ ଉତ୍ସବମାନଙ୍କର ପାଳନ ଅବସରରେ ବିପୁଳ ଜନସମାଗମ ହେବ ଓ ଜାତୀୟତା ତଥା ଦେଶଭକ୍ତି ଭାବ ଉଦ୍ରେକରେ ଏହା ସହାୟକ ହେବ।

୧୮୯୬ ମସିହାରେ ମହାରାଷ୍ଟ୍ରରେ ଭୟଙ୍କର ଦୁର୍ଭିକ୍ଷ ଦେଖାଦେଇଥିଲା। ଅନାହାରରେ ବହୁ ଲୋକଙ୍କର ମୃତ୍ୟୁ ଘଟିଲା। ମାତ୍ର ସରକାର ସମ୍ପୂର୍ଣ୍ଣ ଉଦାସୀନ ରହିଲେ। ଏହି ଘୋର ଦୁର୍ଦ୍ଦିନରେ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ତିଳକ 'ସ୍ୱେଚ୍ଛାସେବକ' ଦଳ ଗଢ଼ିଲେ ଓ ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କଲେ। ନିଜର ପତ୍ରିକା ମାଧ୍ୟମରେ ବିଦେଶୀ ସରକାରଙ୍କୁ ତୀବ୍ର ସମାଲୋଚନା କଲେ।

ଏହାପରେ ୧୮୯୭ ମସିହାରେ ପୁନାରେ ପ୍ଲେଗ ରୋଗ ବ୍ୟାପିଥିଲା ଓ ଅନେକ ଲୋକଙ୍କର ମୃତ୍ୟୁହେଲା। ଇଂରେଜ ସରକାର ଏହିକ୍ଷେତ୍ରରେ ମଧ୍ୟ ଉଦାସୀନ ରହିଲେ। ଏହି ସମୟରେ ପୁନାରେ ର୍ୟାଣ୍ଡ ନାମକ ଜଣେ ପୋଲିସ୍ କମିଶନର ଥିଲେ ଯାହାଙ୍କୁ ପ୍ଲେଗ ନିରାକରଣ ସମିତିର ମୁଖ୍ୟ ରୂପେ ସରକାର ଦାୟିତ୍ୱ ଦେଇଥିଲେ। ସେ ଅତ୍ୟନ୍ତ ନିଷ୍ଠୁର ଓ ଅତ୍ୟାଚାରୀ ଥିଲେ। ଭାରତୀୟମାନଙ୍କୁ ସେ ଘୃଣା କରୁଥିଲେ। ସେ ରୋଗୀମାନଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ ତାଚ୍ଛଲ୍ୟ କରି ବିଭିନ୍ନ ମନ୍ତବ୍ୟ ଦେଉଥିଲେ। ତାଙ୍କରି ନିର୍ଦ୍ଦେଶରେ

ପୋଲିସ୍‌ମାନେ ଲୋକମାନଙ୍କ ଘର ଭିତରେ ପଶି ଘରର ସ୍ୱଚ୍ଛତା ଉପରେ ଦୃଷ୍ଟି ଦେଉଥିଲେ। ମାତ୍ର ଏଭଳି ଖବର ଆସି ପହଞ୍ଚିଲା ଯେ ସେମାନେ ସ୍ତ୍ରୀମାନଙ୍କୁ ଖରାପ ବ୍ୟବହାର କରୁଥିଲେ ଏବଂ ଜୋତା ପିନ୍ଧି ଠାକୁର ଘର ଭିତରେ ପ୍ରବେଶ କରୁଥିଲେ। ଦୁର୍ଦ୍ଦିନରେ ଏଭଳି ଅତ୍ୟାଚାରର ଖବର ପାଇ ଜଣେ ଯୁବକ ଉତ୍ୟକ୍ତ ହୋଇ ର୍‌ୟାଣ୍ଡଙ୍କୁ ଗୁଳିମାରି ହତ୍ୟାକଲା। ସନ୍ଦେହରେ ଚପରକର ଭାଇଦ୍ୱୟଙ୍କୁ ଗିରଫ କରାଗଲା। ପରେ ସେମାନେ ଫାଶୀ ପାଇଥିଲେ। ତେବେ ସରକାରଙ୍କର ରାଗ ଥିଲା ତିଳକଙ୍କ ଉପରେ। ସେମାନେ ଭାବିଲେ ଯେ ତିଳକଙ୍କ ଉତ୍ତେଜନାମୂଳକ ଲେଖାସବୁ ଏ ଯୁବକମାନଙ୍କୁ ପ୍ରଭାବିତ କରୁଥିଲା। ତାହାରି ଫଳରେ ଜଣେ ଯୁବକ ଅଫିସରଙ୍କୁ ଗୁଳିମାରି ହତ୍ୟାକଲା। ତିଳକ ପୂର୍ବରୁ ର୍‌ୟାଣ୍ଡଙ୍କୁ ସମାଲୋଚନା କରି 'କେଶରୀ' ପତ୍ରିକାରେ ଲେଖିଥିଲେ, "A dubious, mad, racist, arrogant and abusive officer like Rand has been let loose on the people by the Bombay Government."

ଏଣୁ ସରକାର ଭାବିନେଲେ ଯେ ଏହି ହତ୍ୟାକାଣ୍ଡ ପାଇଁ ତିଳକ ଦାୟୀ। ଏହି ହତ୍ୟାକାଣ୍ଡ ଘଟିବାର ଏକମାସ ପରେ ଦେଶଦ୍ରୋହ ଅଭିଯୋଗରେ ତିଳକଙ୍କୁ ଗିରଫ କରାଗଲା। ୧୮୯୭ ସେପ୍ଟେମ୍ବର ୯ ତାରିଖରୁ ତାଙ୍କର ବିଚାର ଆରମ୍ଭ ହେଲା। ଏ ବିଚାରର ଫଳ କଣ ହେବ ତାହା ଆଗରୁ ଜଣାଥିଲା। ତିଳକଙ୍କୁ ଅଠରମାସ ଜେଲଦଣ୍ଡର ରାୟ ଘୋଷଣା କରାଗଲା। ନିରପେକ୍ଷ ବିଚାର ହୋଇ ନଥିଲା ଓ ତିଳକଙ୍କ ପ୍ରତି ଅନ୍ୟାୟ କରାଯାଇଥିଲା। ଏହା ବିରୁଦ୍ଧରେ ସର୍ବତ୍ର ପତ୍ରିବାଦର ସ୍ୱର ଶୁଣାଗଲା। ଜନସାଧରଣ ଉତ୍ତେଜିତ ହୋଇଉଠିଲେ। ତିଳକଙ୍କ ମୁକ୍ତିପାଇଁ ଅର୍ଥ ସଂଗ୍ରହ କରାଗଲା। 'ତିଳକ ଫଣ୍ଡ'ଗଠନ କରାଗଲା। ବହୁ ବିଶିଷ୍ଟ ବ୍ୟକ୍ତି ଇଂଲଣ୍ଡର ରାଣୀଙ୍କ ପାଖକୁ 'Memorandum' ପଠାଇଲେ। ଜର୍ମାନ ପ୍ରଫେସର୍ ମାକ୍‌ସମୁଲର ଓ ବିଶିଷ୍ଟ ନେତା ଦାଦାଭାଇ ନାରୋଜୀ ପ୍ରଭୃତି ଏଥିରେ ଦସ୍ତଖତ କରିଥିଲେ। ପ୍ରବଳ ଚାପ ପଡ଼ିବାରୁ ସରକାର ସର୍ତ୍ତମୂଳକ ଭାବେ ତିଳକଙ୍କୁ ଖଲାସ କରିବାକୁ ରାଜିହେଲା। ମାତ୍ର ସ୍ୱାଧୀନଚେତା ତିଳକ ଏ ସର୍ତ୍ତମାନିବାକୁ ପ୍ରସ୍ତୁତ ନଥିଲେ। ପରିଶେଷରେ ପ୍ରବଳ ଚାପର ବଶବର୍ତ୍ତୀ ହୋଇ ତିଳକଙ୍କୁ ନିଃସର୍ତ୍ତ ଭାବରେ ୧୮୯୮ ସେପ୍ଟେମ୍ବର ମାସ ୬ ତାରିଖରେ ଖଲାସ କରିଦିଆଗଲା।

ପ୍ରବଳ ପରିଶ୍ରମ ଯୋଗୁଁ ତିଳକଙ୍କ ଶରୀର ଦୁର୍ବଳ ହୋଇପଡ଼ିଥିଲା। ଏଣୁ ସେ କିଛିଦିନ ବିଶ୍ରାମ ଚାହିଁଥିଲେ। ତିଳକଙ୍କ ପତ୍ନୀ ସତ୍ୟଭାମା ଜଣେ ଆଦର୍ଶ ହିନ୍ଦୁ ଗୃହିଣୀ ଥିଲେ। ତିଳକ ଅଧିକାଂଶ ସମୟ ପରିବାରଠାରୁ ଦୂରରେ ରହୁଥିଲେ ଏବଂ ଘରକଥା ତଥା ପିଲାମାନଙ୍କ କଥା କିଛି ବୁଝିପାରୁନଥିଲେ। ଏଥିପାଇଁ ବହୁ ସମୟରେ ପତ୍ନୀଙ୍କ ଆଗରେ

ସେ ଦୁଃଖ ପ୍ରକାଶ କରୁଥିଲେ । କିନ୍ତୁ ପତ୍ନୀ ତିଳକଙ୍କୁ ସବୁ କାର୍ଯ୍ୟରେ ସମର୍ଥନ କରୁଥିଲେ ଓ ତାଙ୍କର ମାନସିକ ଚାପକୁ ଲାଘବ କରିବାକୁ ଚେଷ୍ଟା କରୁଥିଲେ । ସେ ଥିଲେ ତିଳକଙ୍କ ପାଇଁ ପ୍ରେରଣାର ଉତ୍ସ । ଏଣୁ ତିଳକ ପରିବାର ସହିତ କିଛିଦିନ କଟାଇବାକୁ ଇଚ୍ଛାକଲେ । ସେ ଏମାନଙ୍କ ସହ ଏକ ସ୍ୱାସ୍ଥ୍ୟକର ସ୍ଥାନକୁ ଯାଇ କିଛିଦିନ ରହିଲେ । ତାଙ୍କ ସ୍ୱାସ୍ଥ୍ୟର ଉନ୍ନତି ଘଟିଲା । ଏହାପରେ ପୁନର୍ବାର ସେ ନିଜର କର୍ମକ୍ଷେତ୍ରକୁ ଫେରିଆସିଥିଲେ । ଦେଖିବାକୁ ଗଲେ 'ବିଶ୍ରାମ' କ'ଣ ତାହା ସେ ଜୀବନରେ ଜାଣିନଥିଲେ । ଦେଶବାସୀଙ୍କର ସେବା ତାଙ୍କ ଜୀବନର ବ୍ରତଥିଲା ।

୧୮୮୯ ମସିହାରେ ତିଳକ ଜାତୀୟ କଂଗ୍ରେସରେ ଯୋଗଦେଇଥିଲେ । କିନ୍ତୁ ସେ ଥିଲେ ଚରମପନ୍ଥୀ ନେତା । ବାଳଗଙ୍ଗାଧର ତିଳକ, ଲାଲ ଲଜପତ ରାୟ ଓ ବିପିନ ବିହାରୀ ପାଲ ଥିଲେ ଚରମପନ୍ଥୀ ଗୋଷ୍ଠୀର । ସେମାନେ ଚାହୁଁଥିଲେ ପୂର୍ଣ୍ଣ ସ୍ୱରାଜ୍ୟ ଏବଂ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସାଲିସ ବିହୀନ ସଂଗ୍ରାମ । ଗୋପାଳକୃଷ୍ଣ ଗୋଖଲେ ପ୍ରଭୃତି ଥିଲେ ଉଦାରପନ୍ଥୀ । ସେମାନେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ ଚାହୁଁନଥିଲେ । ସେମାନଙ୍କ ସହିତ ସହଯୋଗ ମନୋବୃତ୍ତି ରଖି ସାମ୍ବିଧାନିକ ଉପାୟରେ ଦେଶର ସ୍ୱାର୍ଥ ସମ୍ବନ୍ଧିତ ଦାବୀର ପୂରଣ ଇଚ୍ଛା କରୁଥିଲା । ଦୁଇଗୋଷ୍ଠୀ ମଧ୍ୟରେ ବିଭେଦ ଦିନକୁ ଦିନ ବଢ଼ିବାକୁ ଲାଗିଲା । ତିଳକ ଓ ଗୋଖଲେ ଏହି ବିଚାରାଧାରା ଦ୍ୱାରା ପରସ୍ପର ଠାରୁ ଅଲଗା ହୋଇଯାଇଥିଲେ । ତିଳକ ଚାହିଁଥିଲେ ସଂଘର୍ଷ, ଗୋଖଲେ ଚାହିଁଥିଲେ କିଛିଟା ସହଯୋଗ ।

୧୯୦୫ ମସିହାରେ ଯେତେବେଳେ ବଙ୍ଗ ବିଭାଜନ ହେଲା ସେତେବେଳେ ଦେଶବାସୀ ଇଂରେଜ ସରକାର ବିରୁଦ୍ଧରେ ଅଧିକ ଉଗ୍ର ହୋଇଉଠିଲେ । ତିଳକ ସେମାନଙ୍କ ପାଇଁ ଥିଲେ ପ୍ରେରଣାର ଉତ୍ସ । ତିଳକ ଉଦାରବାଦୀ ବା ନରମପନ୍ଥୀ ନେତାମାନଙ୍କୁ ବ୍ରିଟିଶ ସରକାରଙ୍କର ଗୋଡ଼ାଣିଆ ବୋଲି ଭାବୁଥିଲେ ଏବଂ ତୀବ୍ର ସମାଲୋଚନା କରୁଥିଲେ । ତିଳକଙ୍କ ମତଥିଲା ପ୍ରାର୍ଥନା ଦ୍ୱାରା ସ୍ୱାଧୀନତା ମିଳେନାହିଁ । ସଂଘର୍ଷ କରିବାକୁ ପଡ଼ିବ । ଏହି ଦୁଇଗୋଷ୍ଠୀଙ୍କ ମଧ୍ୟରେ ମତଭେଦ ଏଭଳି ଅବସ୍ଥାକୁ ଆସିଥିଲା ଯେ ସୁରାଟ ଅଧିବେଶନରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା ଓ ଶାନ୍ତି ରକ୍ଷା କରିବାକୁ ପୋଲିସକୁ ଅଣାଯାଇଥିଲା ।

ତିଳକ ଦେଶର କୃଷକମାନଙ୍କର ସମସ୍ୟା ଉପରେ ଗଭୀର ଭାବରେ ଚିନ୍ତା କରିଥିଲେ । ଆଗେ ଆମ ଦେଶରେ ଲୋକମାନେ କୁଟୀରଶିଳ୍ପ ଉପରେ ନିର୍ଭର କରୁଥିଲେ । ବ୍ରିଟିଶ ଶାସନ ପରେ ସେମାନଙ୍କ ନୀତି ଯୋଗୁ କୁଟୀର ଶିଳ୍ପ ବନ୍ଦ ହୋଇଗଲା । ଲୋକମାନେ ବଞ୍ଚିବା ପାଇଁ କୃଷି ଉପରେ ନିର୍ଭର କଲେ । କିନ୍ତୁ କୃଷକମାନେ ଦୟନୀୟ ଅବସ୍ଥାରେ ରହିଥିଲେ । ସେମାନେ ଜମିରେ କଠୋର ପରିଶ୍ରମ କଲେ ମଧ୍ୟ ପ୍ରକୃତ ଲାଭ ଉଠାଉଥିଲେ

ଜମିଦାରମାନେ। ସେମାନେ କିଛି କାମ ନକରି ଘରେ ବସି ବିଳାସ ବ୍ୟସନରେ ଜୀବନ କାଟୁଥିବା ବେଳେ କୃଷକଙ୍କ ପିଲାମାନେ ଉପାସ ରହୁଥିଲେ। ଏଣୁ ତିଳକ ଚାହୁଁଥିଲେ ଯେ ଭୂସଂସ୍କାର ହେଉ ଯାହାଦ୍ୱାରା କୃଷକମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଘଟିବ। ତିଳକଙ୍କ ଏହି ଚିନ୍ତାଧାରାର ଗୁରୁତ୍ୱକୁ ବହୁ ବର୍ଷପରେ ଆମ ସରକାର ଉପଲବ୍ଧି କଲେ।

ତିଳକ ଭାବୁଥିଲେ ଯେ ଇଂରେଜ ଏକ ବ୍ୟବସାୟୀ ଜାତି। ନିଜ ଜିନିଷ ଭାରତରେ ବିକ୍ରିକରି ସେମାନେ ଆମକୁ ଶୋଷଣ କରୁଛନ୍ତି। ଏଣୁ ବିଦେଶୀ ଜିନିଷ ବର୍ଜନ କଲେ ସେମାନେ ଲାଭବାନ ହୋଇପାରିବେ ନାହିଁ। ପରିଶେଷରେ ଏ ଦେଶରେ ତାଙ୍କର ସ୍ୱାର୍ଥ ନଥିବାରୁ ଏ ଦେଶ ଛାଡ଼ି ଚାଲିଯିବେ। ପ୍ରକୃତରେ ତିଳକଙ୍କ ଆହ୍ୱାନରେ ଲୋକମାନେ ବିଦେଶୀ ଜିନିଷ ବର୍ଜନ କଲେ। ଏଣୁ ତିଳକ ସରକାରଙ୍କର ଚକ୍ଷୁଶୂଳ ହେଲେ।

ସେ ସମୟରେ ଆତ୍ମରକ୍ଷା ପାଇଁ ଭାରତୀୟମାନେ ଅସ୍ତ୍ରଶସ୍ତ୍ର ରଖିବା ବେଆଇନ ଥିଲା। ତିଳକ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ  କରିଥିଲେ ଏବଂ ପରେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ପରିଶେଷରେ ସରକାର ଏଥିପ୍ରତି ଅନୁମତି ଦେବାକୁ ବାଧ୍ୟ ହେଲେ।

ନିଶାନିବାରଣ ପାଇଁ ତିଳକ ଆନ୍ଦୋଳନ ଆରମ୍ଭ କରିଥିଲେ। ବିଦେଶୀ ସରକାର ଚାହୁଁଥିଲେ ଯେ ଦେଶରେ ମଦ ଦୋକାନ ସବୁଆଡ଼େ ଖୋଲୁ। କାରଣ ମଦ ଦୋକାନ ଖୋଲିଲେ ଟାକ୍ସ୍ ଆଦାୟ ହେବ ଓ ବିଦେଶୀ ସରକାର ବିପୁଳ ଧନ ଭାରତୀୟଙ୍କଠାରୁ ଲୁଟିକରି ନେବେ। ତିଳକଙ୍କ ଆହ୍ୱାନରେ ମଦ ଦୋକାନ ଆଗରେ ପିକେଟିଙ୍ଗ୍ କରାଗଲା ଯାହା ଫଳରେ ଲୋକମାନଙ୍କୁ ମଦ ଦୋକାନକୁ ନ ଯିବାକୁ ଅନୁରୋଧ କରାଗଲା। ଏହାର ଭଲ ପ୍ରଭାବ ଜନସାଧାରଣଙ୍କ ଉପରେ ପଡ଼ିଲା ଓ ଅନେକ ମଦ ଦୋକାନ ବନ୍ଦ ହୋଇଗଲା।

ତିଳକ ଭାରତବର୍ଷର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଭଳି ବିଭିନ୍ନ ବିଭାଗକୁ ପ୍ରଭାବିତ କରିଥିଲେ। ତାଙ୍କର ରାଜନୈତିକ ବିଚାରଧାରା ଇଂରେଜ ସରକାରଙ୍କୁ ବିଚଳିତ କରିଦେଇଥିଲା। ବ୍ରିଟିଶ୍ ସରକାର ସ୍ଥିର କଲେ ଯେ ତିଳକଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ପଡ଼ିବ। ଜଣେ ନିଷ୍ଠୁର ବ୍ରିଟିଶ୍ ଅଫିସରଙ୍କୁ ମାରିବା ପାଇଁ କିଛି ଯୁବକ ବୋମା ଫିଙ୍ଗିଦେଲେ। ମାତ୍ର ଦୁର୍ଭାଗ୍ୟକୁ ଦୁଇଜଣ ଇଂଲିସ୍ ମହିଳାଙ୍କର ମୃତ୍ୟୁ ଘଟିଲା। ଏଥିପାଇଁ ଖୁଦିରାମ ଫାସୀ ପାଇଲେ। ମାତ୍ର ସରକାର ଅନୁଭବ କଲେ ଯେ ତିଳକଙ୍କ ଚିନ୍ତାଧାରା ଓ ତାଙ୍କଦ୍ୱାରା ପ୍ରକାଶିତ ପତ୍ରିକାରେ ବିଭିନ୍ନ ଲେଖା ଜନସାଧାରଣ ବିଶେଷତଃ ଯୁବକମାନଙ୍କୁ ଉତ୍ତେଜିତ କରୁଅଛି। ତେଣୁ ତାଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ପଡ଼ିବ। ସେ ଯେଉଁ ଲେଖାଗୁଡ଼ିକ 'କେଶରୀ'ରେ ପ୍ରକାଶ କରୁଥିଲେ ତାହା ଉତ୍ତେଜନାମୂଳକ ଥିଲା। ତେଣୁ ଦେଶଦ୍ରୋହ ଅଭିଯୋଗରେ ତାଙ୍କୁ ୧୯୦୮ ମସିହା ଜୁଲାଇ ୨୪ ତାରିଖ ଦିନ

ଗିରଫ କରାଗଲା ଏବଂ ଡ଼ଙ୍ଗ୍ରି ଜେଲରେ ରଖାଗଲା । ତାଙ୍କୁ ଜାମିନ୍ ଦେବାପାଇଁ ଏମ୍.ଏ ଜିନ୍ନା ବିଚାରପତି ଡ଼ାଭରଙ୍କ ପାଖରେ ଦରଖାସ୍ତ କଲେ । ମାତ୍ର ସେ ଏହାକୁ ପ୍ରତ୍ୟାଖ୍ୟାନ କଲେ । ଭାଗ୍ୟର ବିଡ଼ମ୍ବନା ଯେ ଏହି ଡ଼ାଭର ଓକିଲ ଥିଲାବେଳେ ତିଳକଙ୍କ ଜାମିନ୍ ପାଇଁ ପୂର୍ବେ ଥରେ ଦରଖାସ୍ତ ଦେଇଥିଲେ । ତିଳକଙ୍କ ବିଚାରପାଇଁ ଯେଉଁ ଜୁରୀ ଗଠନ କରାଗଲା ଏଥିରେ ୭ଜଣ ୟୁରୋପୀୟାନ୍ ଏବଂ ଦୁଇଜଣ ପାର୍ଶୀ ଥିଲେ । ତିଳକ ତାଙ୍କ ପକ୍ଷରୁ କୌଣସି ଓକିଲ ଦେଇ ନଥିଲେ । ନିଜ କେଶ୍ ନିଜେ ଲଢ଼ିଥିଲେ । ତିଳକ କେଶରୀ ପତ୍ରିକାରେ ଦୁଇଟି ସମ୍ପାଦକୀୟ ପାଇଁ ଦଣ୍ଡ ପାଇବା ଦରକାର ବୋଲି ସରକାରୀ ଓକିଲମାନେ ଯୁକ୍ତି ବାଢ଼ିଲେ । ùMÙWG [ ôû 'The misfortune of the country' (ଦେଶର ଦୁର୍ଭାଗ୍ୟ) ଅନ୍ୟଟି ଥିଲା 'These Remedies are not Lasting' ଏଗୁଡ଼ିକ ସ୍ଥାୟୀ ପ୍ରତିକାର ନୁହେଁ । ଏହି ପ୍ରବନ୍ଧମାନଙ୍କରେ ସେ ବ୍ରିଟିଶ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ତିଳକ ନିଜ ସପକ୍ଷରେ ବଳିଷ୍ଠ ପ୍ରମାଣ ଦେଇଥିଲେ । କିନ୍ତୁ ସେ ସମ୍ମାନ ଓ ମର୍ଯ୍ୟାଦାର ସହ ଯୁକ୍ତି ଦେଇଥିଲେ । ତାଙ୍କର ବକ୍ତବ୍ୟ ନିଜପାଇଁ ନୁହେଁ, ଦେଶବାସୀଙ୍କ ପାଇଁ । ତେବେ ବିଚାର ନିରପେକ୍ଷ ନଥିଲା । ଜୁରୀର ଅଧିକାଂଶ ସଭ୍ୟ ବିଦେଶୀ ଥିଲେ । ତେଣୁ ତିଳକଙ୍କ ଦୋଷ ସାବ୍ୟସ୍ତ କରାଯାଇଥିଲା । ବିଚାରପତି ଏହି ଭାବରେ ରାୟ ଦେଇଥିଲେ ।

ତିଳକ କଣ ରାୟ ହେବାକୁ ଯାଉଛି ତାହା ଆଗରୁ ଜାଣିପାରିଥିଲେ ଏବଂ ନିଜର ବନ୍ଧୁମାନଙ୍କୁ ଏହାର ସଙ୍କେତ ଦେଇକହିଥିଲେ ଯେ, "ଆସନ୍ତୁ ଏକାଠି ଚାହା ପିଇବା । ମୁଁ ଜାଣିଛି ମୋତେ ଜେଲ୍ ଯିବାକୁ ପଡ଼ିବ ।" ତିଳକଙ୍କୁ ୬ବର୍ଷ ଜେଲଦଣ୍ଡ ମିଳିଥିଲା ଏବଂ ବର୍ମାର ମାଣ୍ଡାଲେ ଜେଲରେ ସେ ରହିଥିଲେ । ତେବେ ଯେଉଁ ଜୁରୀ ତାଙ୍କ ସମ୍ପର୍କରେ ବିଚାର କରିଥିଲେ, ସେମାନଙ୍କ ମଧ୍ୟରୁ ସାତଜଣ ତାଙ୍କ ବିପକ୍ଷରେ ଓ ୨ଜଣ ସପକ୍ଷରେ ମତାମତ ଦେଇଥିଲେ । ତିଳକଙ୍କୁ ବିଚାରପତି ଯେତେବେଳେ ପଚାରିଥିଲେ ଯେ ତାଙ୍କର କିଛି କହିବାର ଅଛି କି ? ତିଳକ ଏହାର ଉତ୍ତର ନିମ୍ନମତେ ଦେଇଥିଲେ । "All I wish to say is that in spite of the verdict of the jury, I maintain that I am innocent. There are higher powers that rule the destiny of things and it may be the will of the Providence that the cause which I represent may prosper more by my suffering than by my remaining free."

ତିଳକଙ୍କୁ ପ୍ରଥମେ ଅହମ୍ମଦାବାଦର ସାବରମତି ଜେଲରେ ରଖାଯାଇଥିଲା । ମାତ୍ର ତାଙ୍କ ଗିରଫର ଏଭଳି ପ୍ରତିବାଦ ଭାରତ ବର୍ଷରେ ହେଲା ଯେ ବ୍ରିଟିଶ୍ ସରକାର ଭାବିଲେ

ଯେ ଦେଶ ଭିତରେ ପରିସ୍ଥିତି ଭୟାବହ ହୋଇଯିବ। ଏହି ଆଶଙ୍କାରେ ତାଙ୍କୁ ବର୍ମାର ମାଣ୍ଡାଲେ ଜେଲକୁ ପଠାଇ ଦିଆଗଲା।

ତିଳକ ଜଣେ ନିର୍ଭୀକ ବ୍ୟକ୍ତି ଥିଲେ। ଜିନ୍ନା ତାଙ୍କର ଓକିଲ ହୋଇ କେଶ୍ ଲଢ଼ିବାକୁ ଚାହୁଁଥିଲେ। ମାତ୍ର ତିଳକ ଏହାକୁ କୋର୍ଟରେ ପ୍ରତ୍ୟାଖ୍ୟାନ କରିଥିଲେ। କୋର୍ଟରେ ଯାହା ସେ କହିଥିଲେ ତାର ପ୍ରତ୍ୟେକଟି ଶବ୍ଦ ଦେଶବାସୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ସେ ଦେଶବାସୀଙ୍କର ଭାବାବେଗକୁ ସମର୍ଥନ କରି କହିଥିଲେ ଯେ ଯେପର୍ଯ୍ୟନ୍ତ ଦେଶ ସ୍ୱାଧୀନତା ଲାଭ ନ କରିଛି ସେପର୍ଯ୍ୟନ୍ତ ଏଭଳି ହିଂସାତ୍ମକ କାର୍ଯ୍ୟ ଘଟିବା ସ୍ୱାଭାବିକ।

ସେ ଏଭଳି କହିଥିଲେ, "Until you do not start giving us freedom we shall throw bombs and we shall go on throwing bombs. It in a natural reaction." ବିଚାରପତି ଡ଼ାଭେର ତିଳକଙ୍କୁ ୬ ବର୍ଷ ଜେଲଦଣ୍ଡ ଘୋଷଣା କରି ତାଙ୍କପ୍ରତି କଟୂକ୍ତି ମଧ୍ୟ ପ୍ରକାଶ କରିଥିଲେ ଯଥା ତାଙ୍କର ମନଥିଲା ବିକାର-ଗ୍ରସ୍ତ ଓ ବ୍ୟାଧିଗ୍ରସ୍ତ "Perverted and diseased mind" ମୁଁ ଆଗରୁ କହିଅଛି ଯେ ଏହି ବିଚାରପତି ଓକିଲ ଥିବାବେଳେ ତିଳକଙ୍କ ଜାମିନ୍ ପାଇଁ ଆବେଦନ କରିଥିଲେ। ଏହାହିଁ ଭାଗ୍ୟର ବିଡ଼ମ୍ବନା। ଏହାର ବହୁବର୍ଷ ପରେ ଗାନ୍ଧିଜୀଙ୍କୁ ଯେତେବେଳେ ବିଚାର ପରେ ଜେଲଦଣ୍ଡ ମିଳିଲା ସେ ସମୟର ବିଚାରପତି କହିଥିଲେ ଯେ ତିଳକ ଯେଉଁ ଅପରାଧ ପାଇଁ ଯେଉଁ ଧାରାରେ ଦଣ୍ଡିତ ହୋଇଥିଲେ ଗାନ୍ଧିଜୀ ମଧ୍ୟ ସେହି ଭାବରେ ଦଣ୍ଡିତ ହେବାକୁ ଯାଉଛନ୍ତି। ଏହାର ଉତ୍ତରରେ ଗାନ୍ଧିଜୀ କହିଥିଲେ ତିଳକଙ୍କ ନାମ ସହିତ ତାଙ୍କ ନାମ ସଂଯୁକ୍ତ ହେବା ତାଙ୍କ ପାଇଁ ଏକ ଗୌରବର ବିଷୟ। ଗାନ୍ଧିଜୀଙ୍କ ଉକ୍ତି ଥିଲା ଯେ, "I just want to say that I consider it my proud privilege and honour to be associated with his name"

ତିଳକଙ୍କୁ ଷ୍ଟିମରରେ ବମ୍ବେରୁ ରେଙ୍ଗୁନ୍‌କୁ ନିଆଯାଇଥିଲା। ସେପ୍ଟେମ୍ବର ୨୨ ତାରିଖରେ ଏହା ରେଙ୍ଗୁନରେ ପହଞ୍ଚିଥିଲା ଏବଂ ସେଠାରୁ ମାଣ୍ଡାଲେକୁ ତାଙ୍କୁ ନିଆଯାଇଥିଲା। ଏହି ମାଣ୍ଡେଲେ ଜେଲରେ ତାଙ୍କୁ ଏକ କ୍ଷୁଦ୍ର କୋଠରୀରେ ରଖାଯାଇଥିଲା। ଜେଲ ଭିତରେ ତାଙ୍କୁ କ୍ଷୁଦ୍ର ପ୍ରାଙ୍ଗଣ ମଧ୍ୟରେ ବୁଲିବାକୁ ସୁଯୋଗ ମିଳିଥିଲା। ଏହାର ଲମ୍ବ ୧୫୦ ଫୁଟ ଓ ଓସାର ୬୦ ଫୁଟ। ପ୍ରାଙ୍ଗଣ ଦ୍ୱାର ବନ୍ଦ ରହୁଥିଲା ଏବଂ ତାଙ୍କର କୋଠରୀର ଦ୍ୱାରରେ ସନ୍ଧ୍ୟାହେଲେ ତାଲା ପଡୁଥିଲା।

ତିଳକଙ୍କୁ ଡ଼ାଇବେଟିସ୍ ହୋଇଥିଲା ଏବଂ ତାଙ୍କର ବୟସ ସେତେବେଳକୁ ପଚାଶ ଟପିଯାଇଥିଲା। ଏହି ନିର୍ଜନ କାରାବାସ ଭିତରେ ସେ ପଢ଼ାପଢ଼ିରେ ସମୟ କାଟି ବ୍ୟକ୍ତିଗତ

ଦୁଃଖ ଭୁଲିଯିବାକୁ ଚେଷ୍ଟା କରୁଥିଲେ । ସବୁବେଳେ ପଢ଼ାପଢ଼ିରେ ବ୍ୟସ୍ତ ରହୁଥାଆନ୍ତି । ସେ ବିଭିନ୍ନ ଦର୍ଶନ ଗ୍ରନ୍ଥ ଗଢୁଥାଆନ୍ତି । ପାଶ୍ଚାତ୍ୟ ଦାର୍ଶନିକଙ୍କ ବିଷୟରେ ଜାଣିବା ପାଇଁ ସେ ଜର୍ମାନ ଓ ଫରାସୀ ଭାଷା ଜେଲ ଭିତରେ ଶିଖିଲେ । ସେ କେତେ ବହି ସେଠାରେ ପଢୁଥିଲେ ତାହା ଆମେ ଜାଣିପାରିବା ଯେତେବେଳେ ଏହା ବିଚାରକୁ ନେବା ଯେ ମାଣ୍ଡାଲେ ଜେଲରୁ ବିଦାୟ ନେବା ପୂର୍ବରୁ ୪୦୦ ବହି ସେ ବମ୍ବେକୁ ପଠାଇଥିଲେ । ଏହି ପୁସ୍ତକ ଅଧ୍ୟୟନର ଫଳସ୍ୱରୂପ ସେ ତାଙ୍କ ଶ୍ରେଷ୍ଠ ଦାର୍ଶନିକ ଗ୍ରନ୍ଥ "ଗୀତା ରହସ୍ୟ" ରଚନା କରିଥିଲେ । ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଓ ପ୍ରତିଭାର ଅନନ୍ୟ ସ୍ୱାକ୍ଷର ଏ ରଚନା ବହନ କରିଅଛି ।

ତିଳକଙ୍କ ଦିନଚର୍ଯ୍ୟା କିଭଳି ଥିଲା ତାହା ନିମ୍ନ ବର୍ଣ୍ଣନାରୁ ଜଣାପଡ଼େ । ବାସୁଦେବ ରାମଚନ୍ଦ୍ର କୁଲକାର୍ଣ୍ଣି ଯେ ଜେଲରେ ତିଳକଙ୍କ ଖାଦ୍ୟ ପ୍ରସ୍ତୁତ କରୁଥିଲେ ସେ ଏଭଳି କହିଛନ୍ତି । ତିଳକ ପ୍ରଭାତରେ ଶଯ୍ୟାତ୍ୟାଗ କରୁଥିଲେ । ଏହାପରେ କିଛି ସମୟ ସଂସ୍କୃତ ଶ୍ଳୋକ ପାଠ କରୁଥିଲେ । ସେ ନିତ୍ୟକର୍ମ ସାରି ତାଙ୍କ ଶେଯ ଉପରେ ବସି ଏକ ଘଣ୍ଟାକାଳ ଧ୍ୟାନ କରୁଥିଲେ । ସପ୍ତାହକେ ଥରୁଟିଏ ମଧ୍ୟ ଖିଅର ହେଉଥିଲେ । ସେ ଧୋତି, କୁରୁତା, ଟୋପି ଓ ମହାରାଷ୍ଟ୍ରୀୟ ଜୋତା ପିନ୍ଧୁଥିଲେ । ସେ ଖାଦ୍ୟରେ ଅନ୍ନ, ରୁଟି, ସବଜି, ଚଟନି ଗ୍ରହଣ କରୁଥିଲେ । ଖାଇଲାବେଳେ ମଧ୍ୟ ପଢ଼ାରେ ମନଥାଏ । ଶୀତଦିନ ଛାଡ଼ିଦେଲେ ବର୍ଷର ଅନ୍ୟଦିନ ମାନଙ୍କରେ ସେ ଥଣ୍ଡାପାଣିରେ ସ୍ନାନ କରୁଥିଲେ । ସାନ୍ଧ୍ୟ ଭୋଜନ ସନ୍ଧ୍ୟା ୫ଟା ସୁଦ୍ଧା ସାରିବାକୁ ପଡୁଥିଲା । କାରଣ ସନ୍ଧ୍ୟା ୬ଟା ବେଳକୁ ତାଙ୍କରି କୋଠରିର ଦ୍ୱାର ବନ୍ଦ କରିଦିଆଯାଉଥିଲା । ତେବେ ତିଳକ ସାନ୍ଧ୍ୟ ଭୋଜନ ପରେ ବହୁରାତ୍ରି ପର୍ଯ୍ୟନ୍ତ ପଢୁଥିଲେ । ଗଦାଗଦା ପୁସ୍ତକ ତାଙ୍କ ଚାରିପଟେ ରହିଥାଏ । ନିର୍ଜନ ପ୍ରକୋଷ୍ଠକୁ ସେ ବିଦ୍ୟାମନ୍ଦିରରେ ପରିଣତ କରିପାରିଥିଲେ ।

ବହୁ ଦୂରରେ ତାଙ୍କର ପତ୍ନୀ ସ୍ୱାମୀଙ୍କ ଚିନ୍ତାରେ ବୁଡ଼ି ରହିଥିଲେ । ଜଣେ ହିନ୍ଦୁ ରମଣୀ ପକ୍ଷରେ ସ୍ୱାମୀହିଁ ଦେବତା । ତିଳକଙ୍କ ଜୀବନରେ ସେ ଥିଲେ ପ୍ରେରଣାର ଉତ୍ସ । ସେ ଘର କାମରେ ସବୁବେଳେ ବ୍ୟସ୍ତ ଥାଆନ୍ତି । ଘର ବାହାରକୁ ବିଶେଷ ବାହରନ୍ତି ନାହିଁ । କେବେକେବେ ମନ୍ଦିରକୁ ଯାଆନ୍ତି ଠାକୁର ଦର୍ଶନ ପାଇଁ । ତିଳକଙ୍କ କାରାବାସ ପରେ ସେ ଦୁଃଖରେ ଭାଙ୍ଗିପଡ଼ିଥିଲେ । ତାଙ୍କର ବଡ଼ପୁଅଙ୍କର ପୂର୍ବରୁ ମୃତ୍ୟୁ ଘଟିଥିଲା ପ୍ଲେଗ ରୋଗରେ । ଏହା ତାଙ୍କୁ ଦାରୁଣ ଆଘାତ ଦେଇଥିଲା । ବର୍ତ୍ତମାନ ସ୍ୱାମୀଙ୍କର ଛଅବର୍ଷର ନିର୍ଜନ କାରାବାସ । କ୍ରମେ କ୍ରମେ ତାଙ୍କର ଶରୀର ଓ ମନ ଦୁର୍ବଳ ହୋଇପଡ଼ିଲା । ପରିଶେଷରେ ଏ ସଂସାରକୁ ଛାଡ଼ି ସେ ଆରପାରିକି ଚାଲିଗଲେ । ତିଳକ କେବେହେଲେ ନିଜର ଭାବକୁ ପ୍ରକାଶ କରିନଥାନ୍ତି । ମାତ୍ର ସ୍ତ୍ରୀଙ୍କ ବିୟୋଗ ତାଙ୍କୁ ଦାରୁଣ ଆଘାତ ଦେଇଥିଲା । ତିଳକଙ୍କ ଜୀବନକାର ଲେଖିଛନ୍ତି, "Tilak burst into tears and wept like a child." ସେ ଗୋଟିଏ

ଶିଶୁଭଳି କଇଁ କଇଁ ହୋଇ କାନ୍ଦିଉଠିଲେ । ପରିଶେଷରେ ୧୯୧୪ ମସିହା ଜୁନ୍ ମାସ ଆଠ ତାରିଖରେ ସେ ଜେଲରୁ ଖଲାସ ହେଲେ ।

ଭଗ୍ନସ୍ୱାସ୍ଥ୍ୟ ନେଇ ତିଳକ ଜେଲରୁ ଫେରି ଦେଶପାଇଁ ପୁନର୍ବାର କାର୍ଯ୍ୟରେ ଲାଗିପଡ଼ିଲେ । ବ୍ୟକ୍ତିଗତ ଦୁଃଖ ସେ ନିରବରେ ସହୁଥିଲେ । ହେଲେ ପୂର୍ବସ୍ୱାସ୍ଥ୍ୟ ସେ ଆଉ ଫେରିପାଇଲେ ନାହିଁ । ତାଙ୍କର ଅସୁସ୍ଥତା ବଢ଼ିଲା । ୧୯୨୦ ମସିହା ଅଗଷ୍ଟ ମାସ ଏକ ତାରିଖ ରାତିରେ ସେ ଶେଷନିଃଶ୍ୱାସ ତ୍ୟାଗକଲେ । ଦେଶ ଶୋକସାଗରରେ ବୁଡ଼ିଗଲା ।

ତିଳକଙ୍କ ପ୍ରତି ଗାନ୍ଧିଜୀଙ୍କର ଗଭୀର ଭକ୍ତିଥିଲା । ତିଳକ ଥିଲେ ଭାରତ ମାତାର ସୁଯୋଗ୍ୟ ସନ୍ତାନ, ଦେଶଭକ୍ତ, ବିପ୍ଳବୀ ଓ ଭଗବଦ୍ ଗୀତାର ପ୍ରସିଦ୍ଧ ଭାଷ୍ୟକାର । ଭାରତୀୟ ସଂସ୍କୃତିର ବିରାଟ ପ୍ରବକ୍ତା । ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ଦେଶଭକ୍ତି ଦେଶର ମୁକ୍ତିପାଇଁ ଯୁବସମାଜକୁ ଉଦ୍‌ବୁଦ୍ଧ କରିଥିଲା ।

ସେ ଥିଲେ ପ୍ରେରଣାର ଉତ୍ସ । ତାଙ୍କର ପ୍ରସିଦ୍ଧ ବାଣୀଥିଲା, "ସ୍ୱାଧୀନତା ମୋର ଜନ୍ମଗତ ଅଧିକାର ।"

●●●

# ଗୋପାଳକୃଷ୍ଣ ଗୋଖଲେ

ଗୋପାଳକୃଷ୍ଣ ଗୋଖଲେ ବମ୍ବେ ପ୍ରେସିଡ଼େନ୍‌ସିର ରତ୍ନଗିରି ଜିଲ୍ଲା କୋଟଲୁକ୍ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ୧୮୬୬ ମସିହା ମେ ମାସ ୯ତାରିଖ ଦିନ। ତାଙ୍କ ପିତାଙ୍କର ନାମ ଥିଲା କ୍ରିଷ୍ଣା ରାଓ ଓ ମାତାଙ୍କର ନାମ ଥିଲା ସତ୍ୟଭାମା। କ୍ରିଷ୍ଣା ରାଓ କିରାଣୀ ଭାବରେ କର୍ମମୟ ଜୀବନ ଅରମ୍ଭ କରି ପରେ ପୋଲିସ୍ ଇନ୍‌ସ୍ପେକ୍ଟର ହୋଇଥିଲେ। ତେବେ ସେ କମ ଦରମା ପାଉଥିଲେ ଓ ପରିବାରର ଆର୍ଥିକ ଅବସ୍ଥା ଏତେ ଭଲ ନଥିଲା। କ୍ରିଷ୍ଣା ରାଓଙ୍କର ୪ ଗୋଟି ଝିଅ ଓ ୨ ଗୋଟି ପୁଅ ଥିଲେ। ଗୋପାଳକୃଷ୍ଣଙ୍କର ବଡ଼ ଭାଇ ତାଙ୍କ ଠାରୁ ପାଞ୍ଚବର୍ଷ ବଡ଼ଥିଲେ। ତାଙ୍କର ନାମ ଥିଲା ଗୋବିନ୍ଦ ରାଓ।

କ୍ରିଷ୍ଣାରାଓ ତାଙ୍କର ପିଲାମାନଙ୍କର ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ। କାରଣ ସେ ଅନୁଭବ କରୁଥିଲେ ଯେ ଆଧୁନିକ ଶିକ୍ଷା ଅଭାବରୁ ଭାରତୀୟମାନେ କଷ୍ଟ ଭୋଗୁଛନ୍ତି ଓ ନାନାପ୍ରକାର ଅନ୍ଧବିଶ୍ୱାସ ତଥା ଜାତିଆଣ ଭାବ ଯୋଗୁଁ ସେମାନେ ଆଜି ବ୍ରିଟିଶ୍‌ମାନଙ୍କର ଗୋଲାମ ହୋଇଛନ୍ତି। ଭାରତବାସୀ ଆଧୁନିକ ଶିକ୍ଷା ଲାଭକଲେ ସେମାନଙ୍କର ସବୁପ୍ରକାର ଉନ୍ନତି ଘଟିବ ଓ ପରିଶେଷରେ ଦେଶ ମୁକ୍ତିଲାଭ କରିବ।

ଗୋପାଳକୃଷ୍ଣଙ୍କର ପ୍ରାଥମିକ ଶିକ୍ଷା କାଙ୍ଗ୍‌ଲାରେ ହୋଇଥିଲା। ପିଲାଦିନରୁ ସେ ବିବେକବାନ୍ ଥିଲେ ଏବଂ ସତ୍ୟ ପ୍ରତି ତାଙ୍କର ଗଭୀର ଅନୁରକ୍ତି ଥିଲା। ଥରେ ଶିକ୍ଷକ କେତୋଟି ପ୍ରଶ୍ନର ଉତ୍ତର ଘରେ ଲେଖିକରି ଆଣିବାକୁ ଦେଇଥିଲେ। ତା'ପରଦିନ ଦେଖାଗଲା ଯେ ଗୋପାଳକୃଷ୍ଣଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତଙ୍କର ଉତ୍ତର ଭୁଲ୍ ଥିଲା। ଏଣୁ ଶିକ୍ଷକ ଗୋପାଳକୃଷ୍ଣଙ୍କୁ ପ୍ରଶଂସା କଲେ। ତାଙ୍କୁ ଶ୍ରେଣୀର ସବୁଠାରୁ ଭଲ ଛାତ୍ର ବୋଲି କହିଲେ। କିନ୍ତୁ ସେ ଉତ୍ସାହିତ ନହୋଇ ବରଂ କାନ୍ଦିବାକୁ ଲାଗିଲେ। ଶିକ୍ଷକ ଆଶ୍ଚର୍ଯ୍ୟ ହୋଇଗଲେ। କାହିଁକି କାନ୍ଦୁଛନ୍ତି ବୋଲି ପଚାରିବାରୁ ସେ ଉତ୍ତର ଦେଲେ ଯେ ବଡ଼ଭାଇ ତାଙ୍କୁ ଏ ଉତ୍ତର ସବୁ ବତାଇ ଦେଇଛନ୍ତି। ତେବେ ଶିକ୍ଷକ ଏଥିରେ ଆହୁରି ସନ୍ତୁଷ୍ଟ ହେଲେ କାରଣ ସେ ସତ୍ୟ କହିଛନ୍ତି। ସତ୍ୟ କହିବା ସବୁଠାରୁ ଭଲଗୁଣ।

ପ୍ରାଥମିକ ଶିକ୍ଷା ଶେଷକରି ଗୋପାଳକୃଷ୍ଣ ଅଧିକ ପଢ଼ିବା ପାଇଁ ବଡ଼ ଭାଇଙ୍କ ସହ କୋହ୍ଲାର ଯାଇଥିଲେ। ଦୁଇଭାଇ ସେଠାରେ ଇଂରାଜୀ ଶିକ୍ଷା କରୁଥିଲେ। ପିତା ଚାହୁଁଥିଲେ ପିଲାମାନେ ଆଧୁନିକ ଇଂରାଜୀ ଶିକ୍ଷା କରନ୍ତୁ ଯାହାଫଳରେ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ। ଏଥିପାଇଁ ଯେତେ ତ୍ୟାଗ ସ୍ୱୀକାର କରିବାକୁ ପଡୁପଛେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହଠାତ୍ ତାଙ୍କର ପିତାଙ୍କର ମୃତ୍ୟୁ ହେଲା। ପରିବାର ଘୋର ସଙ୍କଟର ସମ୍ମୁଖୀନ ହେଲା।

ଗୋପାଳକୃଷ୍ଣଙ୍କର କକା ନିଜ ବଡ଼ଭାଇର ପରିବାରକୁ ଆଣି ନିଜ ପାଖରେ ରଖିଲେ। ଏଭଳି ଦୁର୍ଦ୍ଦିନରେ ସେମାନଙ୍କର ସହାୟତା କଲେ। କିନ୍ତୁ ଗୋପାଳକୃଷ୍ଣଙ୍କର ବଡ଼ଭାଇ ପାଠପଢ଼ା ଛାଡ଼ି ୧୫ଟଙ୍କା ବେତନରେ ଚାକିରି କଲେ। କାରଣ ସେ ଭାବିଲେ ନିଜେ ପଛେ ନପଢ଼େ, କିନ୍ତୁ ସାନଭାଇ ଗୋପାଳ ଅଧିକ ପଢୁ। ସେ ଭଲ ପଢୁଛି। ପୁନଶ୍ଚ କକାଙ୍କ ଉପରେ ସବୁଦିନ ପାଇଁ କାହିଁକି ବୋଝହୋଇ ରହିବେ। ସାନଭାଇ ଯଦି ଉଚ୍ଚଶିକ୍ଷା ଲାଭ କରିପାରିବ ତେବେ ବାପାଙ୍କର ସ୍ୱପ୍ନ ସାକାର ହେବ। ତାଙ୍କର ବଡ଼ଭାଇ ଘରଖର୍ଚ୍ଚ ପାଇଁ ସାତଟଙ୍କା ରଖୁଥିଲେ ଓ ବାକି ଆଠଟଙ୍କା ଗୋପାଳକୃଷ୍ଣଙ୍କର ପଢ଼ାପାଇଁ ପଠାଉଥିଲେ। ଗୋପାଳକୃଷ୍ଣ ଅତି ସଞ୍ଚିତ ଭାବରେ ଚଳୁଥିଲେ। କାରଣ ଭାଇ ତାଙ୍କ ପାଇଁ କେତେ କଷ୍ଟ ସହୁଛନ୍ତି ତାହା ସେ ଅନୁଭବ କରି ପାରୁଥିଲେ। ସେ ଜଣେ ବିଚକ୍ଷଣ ଛାତ୍ରଥିଲେ ଏବଂ ତାଙ୍କର ସ୍ମରଣ ଶକ୍ତି ଅତି ପ୍ରଖର ଥିଲା। ସେ ଇଂରାଜୀ ଭାଷା ଉପରେ ବହୁତ ଗୁରୁତ୍ୱ ଦେଉଥିଲେ ଏବଂ କଠୋର ପରିଶ୍ରମ କରି ଏହାକୁ ଆୟତ୍ତ କରିପାରିଥିଲେ। ସେ ଅଳ୍ପ ବୟସରେ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇଥିଲେ। ବହୁକଷ୍ଟରେ ତାଙ୍କୁ ପରୀକ୍ଷା ଦେବାପାଇଁ ଅନୁମତି ମିଳିଥିଲା। ତେବେ କୃତିତ୍ୱର ସହ ସେ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଏହାପରେ ସେ ଆଉ ଅଧିକ ପଢ଼ିବେ ନାହିଁ ବୋଲି ଭାବିଥିଲେ। କାରଣ ଭାଇ ତାଙ୍କର ଘୋର ଆର୍ଥିକ ଚାପ ଭିତରେ ରହିଥିଲେ। କିନ୍ତୁ ସେ ଆଉ ଅଧିକ ପଢ଼ିବା ପାଇଁ ତାଙ୍କର ବଡ଼ଭାଇ ଓ ଭାଉଜ ଜିଦ୍‌କଲେ। ଏପରିକି ତାଙ୍କର ଭାଉଜ ଏଥିପାଇଁ ତାଙ୍କର ସୁନାଗହଣା ବିକିଦେବା ପାଇଁ ଆଗେଇ ଆସିଥିଲେ।

ଏହାପରେ ସେ ରାଜାରାମ କଲେଜରେ ୧୮୮୨ ଜାନୁୟାରୀ ମାସରେ ନାମ ଲେଖାଇଥିଲେ। ଏହି କଲେଜରୁ ମଧ୍ୟ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଡ଼େକାନ୍ କଲେଜରେ ଉଚ୍ଚତର ଶିକ୍ଷା ପାଇଁ  ନାମ ଲେଖାଇଥିଲେ। ଶେଷବର୍ଷ ସେ ଏଲଫିନ୍‌ଷ୍ଟନ୍ କଲେଜରୁ କୃତିତ୍ୱର ସହ ବି.ଏ ପାଶ୍ କଲେ।

ବି.ଏ ପାସ୍ ପରେ ତାଙ୍କର ଅଧିକ ପଢ଼ିବାପାଇଁ ଇଚ୍ଛାଥିଲା। ମାତ୍ର ଭାଇଙ୍କ ଉପରେ ବୋଝ ହେବାକୁ ସେ ଚାହୁଁନଥିଲେ। ଏଣୁ ସେ ତିଳକଙ୍କ ଦ୍ୱାରା ପ୍ରତିଷ୍ଠିତ 'ନିୟୁ ଇଂଲିସ୍ ସ୍କୁଲ'ରେ ଯୋଗଦେଲେ। ଶିକ୍ଷକ ଭାବରେ ମାସକୁ ଦରମା ଥିଲା ୩୫ ଟଙ୍କା। ଏହି

ଅନୁଷ୍ଠାନରେ ଶିକ୍ଷକମାନେ ଆବଶ୍ୟକ ପଡ଼ିଲେ ଫର୍ଗୁସନ୍ କଲେଜରେ ମଧ୍ୟ କ୍ଲାସ ନେଉଥିଲେ। ଗୋଖଲେ ଗଭୀର ନିଷ୍ଠାର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ। କୌଣସି ଏକ ବିଷୟ ପଢ଼ାଇବା ପୂର୍ବରୁ ସେ ବିଷୟ ଓ ତତ୍‌ସମ୍ବନ୍ଧୀୟ ଅନ୍ୟାନ୍ୟ ବିଷୟ ଉପରେ ଅଧ୍ୟୟନ କରୁଥିଲେ। ମନେକର ସମୁଦ୍ର ବିଷୟରେ ପଢ଼ିବାକୁ ପଡୁଥିଲା ତେବେ ଯେ ଖାଲି ବହି ଯେ ପଢୁଥିଲେ ତାହା ନୁହେଁ, ନିଜେ ସମୁଦ୍ର ପାଖକୁ ଯାଇ ତତ୍‌ସମ୍ପର୍କୀୟ ସମସ୍ତ ବିଷୟରେ ଜାଣିବାକୁ ଚେଷ୍ଟା କରୁଥିଲେ। ତାଙ୍କର ଅଧ୍ୟାପନା ଶୈଳୀ ଅତି ସୁନ୍ଦର ଥିଲା ଏବଂ ଇଂରାଜୀ ଭାଷାରେ ଦକ୍ଷତା ଥିଲା। ଏଣୁ ଫର୍ଗୁସନ୍ କଲେଜରେ ଅଧ୍ୟାପନା କରି ସୁନାମ ଅର୍ଜନ କରିଥିଲେ।

ଗୋପାଳକୃଷ୍ଣଙ୍କୁ ଯେତେବେଳେ ପନ୍ଦର ବର୍ଷ ବୟସ ହୋଇଥିଲା ସେ ସେତେବେଳର ଚଳଣି ଅନୁସାରେ ବିବାହ କରିଥିଲେ। କିନ୍ତୁ ତାଙ୍କର ବୈବାହିକ ଜୀବନ ଏତେଟା ସୁଖମୟ ନଥିଲା। କାରଣ ବିବାହର କିଛି ବର୍ଷ ପରେ ତାଙ୍କର ପତ୍ନୀ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ। ପୁନର୍ବିବାହ କରିବାପାଇଁ ତାଙ୍କ ଉପରେ ଚାପ ପଡ଼ିଥିଲା ମାତ୍ର ସେ ତାହା କରିନଥିଲେ। ବିବାହିତା ପତ୍ନୀଙ୍କୁ ସେ କେବେ ଅନାଦର କରିନାହାଁନ୍ତି। ବ୍ୟକ୍ତିଗତ ସୁଖପାଇଁ ନୀତି ଓ ଆଦର୍ଶକୁ ସେ କେବେ ତ୍ୟାଗ କରିନଥିଲେ।

ତିଳକଙ୍କ ଦ୍ୱାରା ପ୍ରତିଷ୍ଠିତ ଇଂଲିସ ସ୍କୁଲରେ ସେ ଶିକ୍ଷକତା କରୁଥିଲେ। ଗୋପାଳକୃଷ୍ଣଙ୍କ କର୍ତ୍ତବ୍ୟ ନିଷ୍ଠା ଦେଖି ତିଳକ ତାଙ୍କ ଉପରେ ସନ୍ତୁଷ୍ଟ ଥିଲେ। ସେ ଇଚ୍ଛା କରିଥିଲେ ଯେ ଗୋପାଳକୃଷ୍ଣ ସେ ଅନୁଷ୍ଠାନରେ ସବୁଦିନ ପାଇଁ ରୁହନ୍ତୁ। ମାତ୍ର ଗୋପାଳକୃଷ୍ଣ ଏ ପ୍ରସ୍ତାବରେ ରାଜି ହୋଇନଥିଲେ। ଏକ ବୃହତ୍ତର କର୍ମକ୍ଷେତ୍ରକୁ ଯିବା ତାଙ୍କର ଇଚ୍ଛାଥିଲା।

ଗୋଖଲେଙ୍କ ଲକ୍ଷ୍ୟ ଥିଲା ଆଧୁନିକ ଶିକ୍ଷାର ପ୍ରସାର ଓ ସମାଜରେ ଥିବା କୁସଂସ୍କାରର ଦୂରୀକରଣ। ଏହି ଭାବରେ ସେ କାର୍ଯ୍ୟ କରୁଥିଲେ। ଏଣୁ ସେ "ଡ଼େକାନ୍ ଏଡୁକେସନ୍ ସୋସାଇଟି" ସହ ସମ୍ପର୍କ ରଖିଥିଲେ। ଫର୍ଗୁସନ୍ କଲେଜର ଅଧ୍ୟକ୍ଷ ହେବାପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ ସେ ଏ ଅନୁରୋଧକୁ ରକ୍ଷା କରିନଥିଲେ। କାରଣ ଅଧ୍ୟକ୍ଷ ପଦମଣ୍ଡନ କରିଥିଲେ ସେ କଲେଜ ପାଇଁ ପୂର୍ଣ୍ଣ ସମୟ ଦେବାକୁ ବାଧ୍ୟ ହୋଇଥାଆନ୍ତେ ଏବଂ ଏଥିରେ ତାଙ୍କର ସାମାଜିକ ସଙ୍ଗଠନ ଦୁର୍ବଳ ହୋଇପଡ଼ିଥାଆନ୍ତା। ତେବେ ସେ ଭାଇସ୍ ଡ଼ିନ୍ ହେବାକୁ ରାଜି ହୋଇଥିଲେ। କିଛିଦିନ ପରେ ସେ ଡ଼େକାନ୍ ଏଡୁକେସନ୍ ସୋସାଇଟିର ଜଣେ ମନ୍ତ୍ରୀ ହୋଇଥିଲେ। ଏତେ କମ୍ ବୟସରେ ଏଭଳି ଏକ ସମ୍ମାନଜନକ ପଦ ଲାଭ କରିବା ତାଙ୍କ ପାଇଁ ଥିଲା ଏକ ଗୌରବର ବିଷୟ। ତାଙ୍କ ବୟସ ମାତ୍ର ୨୨ ହୋଇଥିଲା।

ଗୋପାଳକୃଷ୍ଣ ଗୋଖଲେ ରାନାଡ଼େଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ। ରାନାଡ଼େଙ୍କୁ ସେ ପ୍ରଥମେ ଦେଖିଥିଲେ ହିରାବାଗ୍ ହାଇସ୍କୁଲରେ ଅନୁଷ୍ଠିତ ହୋଇଥିବା ଏକ

ସଭାରେ । ଏହି ସଭାର ଆୟୋଜନ ଯେଉଁମାନେ କରିଥିଲେ ସେମାନଙ୍କ ମଧ୍ୟରେ ଗୋଖଲେ ଥିଲେ ଅନ୍ୟତମ । ରାନାଡ଼େ ଏ ସଭାକୁ ଆସିଥିଲେ । ମାତ୍ର ଗେଟ୍‌ପାଶ୍ ନିମନ୍ତ୍ରଣ ପତ୍ର ଆଣିବାକୁ ଭୁଲିଯାଇଥିଲେ । ଗୋଖଲେ ଫାଟକ ପାଖରେ ଅତିଥିମାନଙ୍କ ପରିଚୟ ପତ୍ର ଦେଖି ତାଙ୍କୁ ଛାଡୁଥିଲେ । ଏଣୁ ରାନାଡ଼େଙ୍କୁ ସେ ଭିତରକୁ ଛାଡ଼ିଲେ ନାହିଁ । ମାତ୍ର ଏକଥା ଅନୁଷ୍ଠାନର ସଭାପତିଙ୍କ କାନକୁ ଗଲା । ସେ ଆସି ରାନାଡ଼େଙ୍କୁ ସମ୍ମାନର ସହ ଭିତରକୁ ନେଇଯାଇଥିଲେ । ଗୋଖଲେ ନିଜର ଭୁଲ ପାଇଁ ରାନାଡ଼େଙ୍କ ପାଖରେ ଦୁଃଖପ୍ରକାଶ କଲେ । କିନ୍ତୁ ରାନାଡ଼େ ତାଙ୍କର କର୍ତ୍ତବ୍ୟବୋଧକୁ ପ୍ରଶଂସା କଲେ ଏବଂ ସେହି ଦିନଠାରୁ ତାଙ୍କୁ ନିଜର ଜଣେ ସହଯୋଗୀ ଭାବରେ ଗ୍ରହଣ କରିଥିଲେ । ରାନାଡ଼େଙ୍କର ଗୋଖଲେଙ୍କ ପ୍ରତି ଅତି ଉଚ୍ଚ ଧାରଣା ରହିଥିଲା । ଗୋଖଲେ ଥିଲେ ଶୃଙ୍ଖଳିତ ଓ ନୀତିନିଷ୍ଠ । ଉଭୟଙ୍କ ସମ୍ପର୍କ ହୋଇଥିଲା ଗୁରୁଶିଷ୍ୟର ସମ୍ପର୍କ । ରାନାଡ଼େ ହାଇକୋର୍ଟର ବିଚାରପତି ଥିଲେ ମଧ୍ୟ ସମାଜ ସଂସ୍କାର କ୍ଷେତ୍ରରେ ସକ୍ରିୟ ଥିଲେ । ଗୋଖଲେ ରାନାଡ଼େଙ୍କ ସହଯୋଗୀ ଭାବରେ ସମାଜ ସଂସ୍କାର କ୍ଷେତ୍ରରେ ଅଗ୍ରସର ହୋଇଥିଲେ । ବାଲ୍ୟବିବାହ ବିରୁଦ୍ଧରେ ସେମାନେ ସ୍ୱର ଉତ୍ତୋଳନ କରୁଥିଲେ । ବିଧବା ବିବାହର ସମର୍ଥକ ଥିଲେ । ଜାତିଭେଦର ତୀବ୍ର ସମାଲୋଚନା କରୁଥିଲେ । ରାନାଡ଼େଙ୍କ ସହ କାର୍ଯ୍ୟକରି ଗୋଖଲେ ଶିକ୍ଷା, ସମାଜ, ସଂସ୍କାର ଓ କେତେକାଂଶରେ ରାଜନୈତିକ କାର୍ଯ୍ୟରେ ଅଂଶଗ୍ରହଣ କରି ଜନସାଧାରଣଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ରାଜନୈତିକ ଜୀବନରେ ଇଂରେଜମାନଙ୍କ ବିରୁଦ୍ଧରେ ସଂଘର୍ଷମୂଳକ ପନ୍ଥା ତ୍ୟାଗକରି ସହଯୋଗ ଦ୍ୱାରା ଦେଶବାସୀଙ୍କର କିଭଳି କଲ୍ୟାଣ ସାଧିତ ହେବ ସେ ଦିଗରେ ଅହରହ ଉଦ୍ୟମ କରୁଥିଲେ । ତାଙ୍କର ସାଧୁତା, କର୍ତ୍ତବ୍ୟନିଷ୍ଠା, ଜନସେବା କ୍ଷେତ୍ରରେ ଆନ୍ତରିକତା ଓ ସହଯୋଗମୂଳକ ମନୋଭାବ ଯୋଗୁ ସେ ଜନସାଧାରଣଙ୍କର ତଥା ସରକାରଙ୍କର ବିଶ୍ୱାସର ପାତ୍ର ହୋଇପାରିଥିଲେ ।

ଗୋଖଲେ ଏଭଳି ଲୋକପ୍ରିୟ ହୋଇପାରିଥିଲେ ଯେ ଯେତେବେଳେ ବେଲ୍‌ଭି କମିଶନ ଆଗରେ ଶାସନ ସଂସ୍କାର କ୍ଷେତ୍ରରେ ମତ ଉପସ୍ଥାପନ କରିବାକୁ ଇଂଲଣ୍ଡ ଯିବାପାଇଁ ଯୋଗ୍ୟବ୍ୟକ୍ତିଙ୍କୁ ବଛାଯାଇଥିଲା, ସେମାନଙ୍କ ମଧ୍ୟରେ ଗୋଖଲେ ରହିଥିଲେ । ଏତେ କମ୍ ବୟସରେ ସେ ଏଥିପାଇଁ ସମର୍ଥ ହେବେକି ଏଭଳି ପ୍ରଶ୍ନ କେତକ ଉଠାଇଥିଲେ । ମାତ୍ର ଗୋଖଲେ ଦକ୍ଷତାର ସହିତ ନିଜର ଦାୟିତ୍ୱ ସମ୍ପନ୍ନ କରି ସମାଲୋକଙ୍କର ମୁଖ ବନ୍ଦ କରିପାରିଥିଲେ । ଏହି ସମୟରେ ତାଙ୍କ ବୟସ ଥିଲା ମାତ୍ର ୩୧ ବର୍ଷ । ଭାରତ ବର୍ଷରେ ତାଙ୍କର ଖ୍ୟାତି ଦିନକୁ ଦିନ ବଢ଼ିଥିଲା ।

ତେବେ ବିଦେଶରେ ଥିବା ସମୟରେ ଗୋଖଲେ ପୁନାରେ ପ୍ଲେଗ ରୋଗ ବ୍ୟାପିବାର ସମ୍ବାଦ ପାଇଥିଲେ । ଏଥିରେ ବହୁତ ଲୋକଙ୍କର ମୃତ୍ୟୁ ହୋଇଥିଲା । ମାତ୍ର ବ୍ରିଟିଶ ସରକାର

ଏଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନ ଥିଲେ । ପ୍ଲେଗର ନିରାକରଣ ପାଇଁ ଯେଉଁ କମିଶନ ଗଢ଼ାଯାଇଥିଲା ତାହାର ମୁଖ୍ୟଥିଲେ ର୍ୟାଣ୍ଡ । ସେ ଥିଲେ ନିଷ୍ଠୁର ଓ ଭାରତୀୟଙ୍କୁ ଘୃଣା କରୁଥିଲେ । ତାଙ୍କରି ନିର୍ଦ୍ଦେଶରେ ପୋଲିସ୍ ଲୋକଙ୍କ ଘର ଭିତରେ ପସି ଘର ପରିଷ୍କାର ପରିଚ୍ଛନ୍ନ ରହିଛି କି ନାହିଁ ତାହା ପରୀକ୍ଷା କରୁଥିଲେ । କିନ୍ତୁ ସେମାନେ ସ୍ତ୍ରୀଲୋକଙ୍କ ପ୍ରତି ଦୁର୍ବ୍ୟବହାର କରୁଥିଲେ । ଜୋତାପିନ୍ଧି ଲୋକଙ୍କ ଠାକୁର ଘର ଭିତରେ ଜବରଦସ୍ତ ପଶୁଥିଲେ । ଲୋକଙ୍କୁ ଗାଳିଗୁଲଜ କରୁଥିଲେ । ଜଣେ ଯୁବକ ଏଥିରେ ଉତ୍ତ୍ୟକ୍ତ ହୋଇ ର୍ୟାଣ୍ଡକୁ ହତ୍ୟାକଲେ । ପରେ ତାଙ୍କୁ ଫାଶୀଦଣ୍ଡ ମିଳିଥିଲା ।

ଗୋଖଲେ ଇଂଲଣ୍ଡରେ ଥିଲାବେଳେ ଖବର ପାଇଲେ ଯେ କେତକ ସ୍ତ୍ରୀ ଲୋକ ଅପମାନ ସହିନପାରି ଆତ୍ମହତ୍ୟା କରିଛନ୍ତି । ଏଥିରେ ସେ କ୍ଷୁବ୍ଧ ହୋଇ ଇଂଲଣ୍ଡରେ ଏହା ବିରୁଦ୍ଧରେ ମନ୍ତବ୍ୟ ଦେଲେ । ଯାହାକି ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ହେଲା । ତାଙ୍କର ମନ୍ତବ୍ୟ ଦେଶରେ 'ସୁଧାରକ' ପତ୍ରିକାରେ ପ୍ରକାଶିତ ହେଲା ଏପରି, "Till now these people (Britishers) were laying their hands on your money and goods but now their hands are reaching to your Women. Does it not make your blood boil? You just shed tears like old and helpless women. Can you not teach a lesson to these animal humans???" ଗୋଖଲେଙ୍କ ଏ ମନ୍ତବ୍ୟ ଇଂଲଣ୍ଡରେ ମଧ୍ୟ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ସମସ୍ତେ ପୁନାର ଇଂରେଜ ଅଫିସରମାନଙ୍କୁ ସମାଲୋଚନା କରିବାକୁ ଲାଗିଲେ । ତେବେ ଯେଉଁମାନେ ସମାଲୋଚନା କରୁଥିଲେ ସେମାନେ ଏହାର ପ୍ରମାଣ ଦେବା ଉଚିତ । କିଏ ସ୍ତ୍ରୀ ଲୋକମାନଙ୍କ ଉପରେ ଅତ୍ୟାଚାର କରିଛନ୍ତି ଓ କେଉଁମାନେ ଅତ୍ୟାଚାର ସହିନପାରି ଆତ୍ମହତ୍ୟା କରିଛନ୍ତି ତା'ର ପ୍ରମାଣ ଦରକାର । ଗୋଖଲେ ତାଙ୍କର ଭାରତୀୟ ବନ୍ଧୁମାନଙ୍କୁ ଏହାର ପ୍ରମାଣ ଯୋଗାଇବାକୁ ଅନୁରୋଧ କଲେ । କିନ୍ତୁ ଇଂରେଜମାନଙ୍କ ଅତ୍ୟାଚାରରେ ଭାରତୀୟମାନେ ଏଭଳି ଭୟଭୀତ ହୋଇପଡ଼ିଥିଲେ ଯେ ସତ୍ୟପ୍ରକାଶ କରିବାକୁ କେହି ସାହସ କଲେନାହିଁ । ପରିଶେଷରେ ସେ ନିରାଶ ହେଲେ । ସେ ଅନୁଭବ କଲେ ଯେ ଯେଉଁ ମନ୍ତବ୍ୟ ଦେଲେ ଯଦି ତା'ର ପ୍ରମାଣ ଦେଇନପାରିଲେ ତେବେ ତାଙ୍କର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଯାଇପାରେ । ଏହି ପରିସ୍ଥିତିରେ ତାଙ୍କର ଗୁରୁ ରାନାଡ଼େଙ୍କ ପରାମର୍ଶ ଲୋଡ଼ିଲେ । ରାନାଡ଼େ ତାଙ୍କୁ ପରାମର୍ଶ ଦେଲେ ଯେ ଏଥିପାଇଁ ତାଙ୍କୁ କ୍ଷମା ଯାଚନା (Apology) କରିବାକୁ ପଡ଼ିବ । ଗୋଖଲେ ତାହାହିଁ କଲେ । ଏହା ତାଙ୍କୁ ଏପରି ବାଧିଥିଲା ଯେ ସେ ସାଧାରଣ ଜୀବନରୁ ଓହରିଯିବେ ବୋଲି ଚିନ୍ତାକଲେ । ମାତ୍ର ତାଙ୍କର ବନ୍ଧୁମାନେ ଏଭଳି ନକରିବାକୁ ତାଙ୍କୁ ପରାମର୍ଶ ଦେଇଥିଲେ ।

ଜାତୀୟ କଂଗ୍ରେସ ଗଠନଠାରୁ ଗୋଖଲେ ଏହା ସହିତ ସମ୍ପର୍କ ରଖିଥିଲେ । ୧୯୦୪ ମସିହାରେ କଂଗ୍ରେସ ସମ୍ମିଳନୀରେ ତାଙ୍କୁ ସେକ୍ରେଟେରୀ କରାଯାଇଥିଲା । ତେବେ କଂଗ୍ରେସରେ ଦୁଇଗୋଟି ଗୋଷ୍ଠୀ ରହିଥିଲା । ନରମପନ୍ଥୀ ଓ ଚରମପନ୍ଥୀ । ଗୋଖଲେ ଥିଲେ ନରମପନ୍ଥୀ । ନରମପନ୍ଥୀଙ୍କର ଲକ୍ଷ୍ୟଥିଲା ସଂଘର୍ଷ ନ କରି ବରଂ ସହଯୋଗ ଦ୍ୱାରା ଇଂରେଜମାନଙ୍କ ଠାରୁ ସୁବିଧା ହାସଲ କରିବା । ଇଂରେଜମାନଙ୍କ ସହିତ ସଂଘର୍ଷ କରିବାର ପ୍ରକୃତ ସମୟ ଆସି ନ ଥିଲା ।

ତେବେ ପରିସ୍ଥିତି ଜଟିଳ ହୋଇପଡ଼ିଲା ଯେତେବେଳେ ଲର୍ଡ଼ କର୍ଜନଙ୍କ ଚକ୍ରାନ୍ତ ଫଳରେ ୧୯୦୫ ମସିହାରେ ବଙ୍ଗପ୍ରଦେଶର ବିଭାଜନ ହେଲା । ଦେଶକୁ ଦୁର୍ବଳ କରିବା ଓ ହିନ୍ଦୁମୁସ୍‌ଲିମ୍ ଭିତରେ ବିଭେଦ ସୃଷ୍ଟିକରିବା ତାଙ୍କର ଉଦ୍ଦେଶ୍ୟ ଥିଲା । କେବଳ ବଙ୍ଗଳା କାହିଁକି ସମଗ୍ର ଭାରତବର୍ଷରେ ବିଦ୍ରୋହର ବହ୍ନି ଜଳିଉଠିଲା । ବିପ୍ଳବୀଙ୍କ ପାଇଁ ପ୍ରେରଣାର ଉତ୍ସଥିଲେ ତିଳକ ।

ତେବେ ୧୯୦୫ ମସିହାରେ ବନାରସରେ କଂଗ୍ରେସ ଅଧିବେଶନ ବସିଲା ଏବଂ ଗୋଖଲେ ଏଥିରେ ସଭାପତିର ଆସନ ଅଳଂକୃତ କଲେ । ଏତେ ଅଳ୍ପ ବୟସରେ ଏଭଳି ମର୍ଯ୍ୟାଦାଜନକ ଆସନରେ ଅଧିରୂଢ଼ ହେବା ତାଙ୍କପାଇଁ ଥିଲା ଗୌରବର ବିଷୟ । ଗୋଖଲେ ଆନ୍ଦୋଳନ କରିବାକୁ ଜନସାଧାରଣଙ୍କୁ ସଙ୍କେତ ଦେଇଥିଲେ । ଏହି ଆନ୍ଦୋଳନର ନାମ ହେଲା ସ୍ୱଦେଶୀ ଆନ୍ଦୋଳନ । ଲୋକମାନେ ବିଦେଶୀ ବସ୍ତ୍ର ପୋଡ଼ିଲେ ଏବଂ ବିଦେଶୀ ଜିନିଷକୁ ବର୍ଜନ କଲେ । ଗୋଖଲେ ସ୍ୱଦେଶୀ ଆନ୍ଦୋଳନ ସମ୍ପର୍କରେ କହିଥିଲେ ଯେ, "The idea of Swadeshi or one's own country is one of the noblest conceptions that have ever stirred the heart of humanity" ଏଣୁ ଏହି ସ୍ୱଦେଶୀ ଆନ୍ଦୋଳନର ଦୁଇଟି ଦିଗ ଉପରେ ଗୋଖଲେ ଗୁରୁତ୍ୱ ଦେଇଥିଲେ । ଏହାର ରାଜନୈତିକ ତଥା ଅର୍ଥନୈତିକ ଦିଗ । ଏହି ସ୍ୱଦେଶୀ ଆନ୍ଦୋଳନ ଥିଲା ଏକ ସଙ୍ଗଠିତ ଆନ୍ଦୋଳନ । ଏହାର ସୁଦୂରପ୍ରସାରୀ ପ୍ରଭାବ ରହିଥିଲା । ଏହି ଆନ୍ଦୋଳନ ପାଞ୍ଚବର୍ଷ ଧରି ଗଭୀର ପ୍ରଭାବ ବିସ୍ତାର କରିଥିଲା । ପରିଣାମରେ ବିଭାଜିତ ବଙ୍ଗ ପ୍ରବଳ ଜନଆନ୍ଦୋଳନ ଯୋଗୁଁ ପୁଣି ଏକ ହୋଇଯାଇଥିଲା ।

ଗୋଖଲେ ଗାନ୍ଧିଙ୍କୁ ଗଭୀର ଶ୍ରଦ୍ଧା କରୁଥିଲେ ଏବଂ ଗାନ୍ଧିଜୀ କଂଗ୍ରେସର ନେତୃତ୍ୱ ନେବାପାଇଁ ଯେ ସବୁଠାରୁ ଯୋଗ୍ୟ ବ୍ୟକ୍ତି ଏହା ସେ ଜାଣିପାରିଥିଲେ । ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ନୀତି ବିରୁଦ୍ଧରେ ଆନ୍ଦୋଳନ କରି ବିଶେଷ ଭାବରେ ସଫଳ ହୋଇଥିଲେ । ଗୋଖଲେ ତାଙ୍କର ଅନୁରୋଧ ରକ୍ଷାକରି ଦକ୍ଷିଣ ଆଫ୍ରିକା ଯାଇଥିଲେ ଓ ତାଙ୍କୁ

ନୈତିକ ସମର୍ଥନ ଦେଇଥିଲେ । ତେବେ ଗୋଖଲେ ଚାହିଁଥିଲେ ଯେ ଗାନ୍ଧି ସେଠାରେ ତାଙ୍କର କାର୍ଯ୍ୟ ଶେଷକରି ଭାରତ ଆସି ଏଠାକାର ଆନ୍ଦୋଳନରେ ନେତୃତ୍ୱ ନିଅନ୍ତୁ । ତାଙ୍କ ଅନୁରୋଧ ରକ୍ଷାକରି ଗାନ୍ଧିଜୀ ୧୯୧୫ ମସିହାରେ ଭାରତ ଆସିଥିଲେ । ଗାନ୍ଧିଜୀ ତାଙ୍କର ରାଜନୈତିକ ଜୀବନରେ ଗୋଖଲେଙ୍କୁ ଗୁରୁ ବୋଲି ମାନିଥିଲେ ।

ଅନ୍ୟର ଦୁଃଖ ଦେଖିଲେ ଗୋଖଲେଙ୍କର ପ୍ରାଣ ଦୟାରେ ବିଗଳିତ ହୋଇପଡୁଥିଲା । ଜନସାଧାରଣଙ୍କର ସେବା ତାଙ୍କର ଜୀବନର ଧର୍ମ ଥିଲା । ଏହି ଉଦ୍ଦେଶ୍ୟରେ ସେ (Servants of India Society) (ଭାରତ ସେବକ ସମାଜ) ଗଢ଼ିଥିଲେ । ଏହାର ସଭ୍ୟମାନେ ଏହି ଶପଥ ନେଇଥାଆନ୍ତି ଯେ ସେମାନେ ଦେଶକୁ ସବୁଠାରୁ ବଡ଼ ବୋଲି ଭାବିବେ, କର୍ତ୍ତବ୍ୟ ପାଳନ କ୍ଷେତ୍ରରେ ବ୍ୟକ୍ତିଗତ ସ୍ୱାର୍ଥରେ ଜଳାଞ୍ଜଳି ଦେବେ, ସମଗ୍ର ଭାରତବାସୀଙ୍କୁ ନିଜର ଭାଇଭଉଣୀ ବୋଲି ଭାବିବେ, ଜାତିଭେଦରେ ବିଶ୍ୱାସ କରିବେ ନାହିଁ । ଅତିକମରେ ଚଳିବା ପାଇଁ ଯେତିକି ଆବଶ୍ୟକ ଅନୁଷ୍ଠାନରୁ ସେତିକି ନେବେ । ଗୋଖଲେଙ୍କ ପ୍ରେରଣାରେ ଏହି ସମାଜ ଜନସେବା କାର୍ଯ୍ୟରେ ନିଜକୁ ସମର୍ପଣ କରିଦେଇଥିଲା ।

ଦେଶର ସେବାରେ ଗୋଖଲେ ନିଜକୁ ସମର୍ପଣ କରିଦେଇଥିଲେ । ଶିକ୍ଷା, ସମାଜ ସଂସ୍କାର, ଲୋକସେବା ତଥା ରାଜନୈତିକ ଜାଗରଣ ଏଭଳି ଅନେକ ବିଷୟକୁ ଦୃଷ୍ଟିରେ ରଖି ସେ କଠୋର ପରିଶ୍ରମ କରୁଥିଲେ । ଅତ୍ୟଧିକ ପରିଶ୍ରମ ଯୋଗୁଁ ତାଙ୍କର ସ୍ୱାସ୍ଥ୍ୟ ଭାଙ୍ଗିପଡ଼ିଲା । ବେଳେ ବେଳେ ଦିନକୁ ସେ ଅଠର ଘଣ୍ଟା ପରିଶ୍ରମ କରୁଥିଲେ । କ୍ରମେ ହୃଦରୋଗରେ ସେ ଆକ୍ରାନ୍ତ ହେଲେ । ତଥାପି କର୍ତ୍ତବ୍ୟରୁ ଓହରି ନଥିଲେ । ହେଲେ ଶରୀର ଏ ଚାପକୁ ଆଉ ସହିପାରିଲା ନାହିଁ । ୧୯୧୫ ମସିହା ଫେବୃୟାରୀ ୧୯ ତାରିଖ ଦିନ ସେ ସଂସାରରୁ ବିଦାୟ ନେଲେ । ଭାରତମାତା ତା'ର ସୁଯୋଗ୍ୟ ସନ୍ତାନକୁ ହରାଇଲା । ଗୋଖଲେଙ୍କ ଜୀବନାଦର୍ଶ ଆମପାଇଁ ସଦା ଶିକ୍ଷଣୀୟ ।

●●●

# ଗୋଖଲେ ଓ ଗାନ୍ଧିଜୀ



ଗାନ୍ଧୀ ଗୋଖଲେଙ୍କୁ ନିଜ ରାଜନୈତିକ ଗୁରୁଭାବେ ଗ୍ରହଣ କରିଥିଲେ । ଗୋଖଲେଙ୍କ ନିଃସ୍ୱାର୍ଥପର ଜନସେବା ଓ ଉଦାର ଦୃଷ୍ଟି କୋଣ ଗାନ୍ଧିଜୀଙ୍କୁ ତାଙ୍କ ପ୍ରତି ଆକୃଷ୍ଟ କରିଥିଲା । ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ ବର୍ଣ୍ଣ ବୈଷମ୍ୟ ନୀତି ବିରୁଦ୍ଧରେ ଆନ୍ଦୋଳନ କରୁଥିଲେ । ଭାରତବର୍ଷ ଓ ଏସିଆର ଅନ୍ୟସ୍ଥାନରୁ ଯେଉଁ ଶ୍ରମିକମାନେ ଦକ୍ଷିଣ ଆଫ୍ରିକା ଯାଇଥିଲେ ସେମାନେ ଚୁକ୍ତି ଭିତ୍ତିରେ ଯାଇଥିଲେ । ତାର ସମୟସୀମା ସରିଗଲାପରେ ସେମାନଙ୍କୁ ଅବାଂଛିତ ବ୍ୟକ୍ତି ଭାବରେ ଗଣାଗଲା । ତାଙ୍କ ଉପରେ ବିଭିନ୍ନ ପ୍ରକାର କର ବସାଯାଇ ସେମାନଙ୍କୁ ହଇରାଣ କରାଗଲା । ଯେଉଁମାନେ ସେଠାରେ ରହିଲେ ସେମାନଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ବୋଲି ଗଣାଗଲା । ଏହି ଭେଦଭାବ ବିରୁଦ୍ଧରେ ଆନ୍ଦୋଳନ ହୋଇଥିଲା । ଏହି ସତ୍ୟାଗ୍ରହ ଆନ୍ଦୋଳନ ଅହିଂସା ଆନ୍ଦୋଳନ ଥିଲା ।

ଭାରତ ବର୍ଷରେ ଅନ୍ୟନେତାମାନେ ଗାନ୍ଧିଜୀଙ୍କ ଏ ଆନ୍ଦୋଳନ ପ୍ରତି ଉଦାସୀନ ଥିଲେ । ମାତ୍ର ଗୋଖଲେ ଥିଲେ ଗାନ୍ଧିଜୀଙ୍କ ଦୃଢ଼ ସମର୍ଥକ । ଗାନ୍ଧିଜୀ ଭାରତ ଆସିଥିଲା ବେଳେ କିଛିଦିନ ଗୋଖଲେଙ୍କ ସହିତ ରହିଥିଲେ । ସେ ଲକ୍ଷ୍ୟ କରିଥିଲେ ଯେ ଗୋଖଲେଙ୍କର ପ୍ରତ୍ୟେକ କାର୍ଯ୍ୟ ତଥା ତାଙ୍କର ଆଲୋଚନାର ଏକମାତ୍ର ଲକ୍ଷ୍ୟଥିଲା ଭାରତର ସ୍ୱାଧୀନତା । ସେ ଅନ୍ୟ କୌଣସି ବିଷୟ ଉପରେ ଗୁରୁତ୍ୱ ଦେଉ ନଥିଲେ । ପ୍ରତ୍ୟେକ ମୁହୂର୍ତ୍ତକୁ ଭାରତବାସୀଙ୍କ ସେବାରେ ବିନିଯୋଗ କରିବା ତାଙ୍କର ଇଚ୍ଛାଥିଲା ।

ଗାନ୍ଧିଜୀଙ୍କ ଇଚ୍ଛାଥିଲା ଯେ କଂଗ୍ରେସ ଅଧିବେଶନରେ ଦକ୍ଷିଣ ଆଫ୍ରିକା ସମ୍ପର୍କରେ ଗେଟିଏ ପ୍ରସ୍ତାବ ଗୃହୀତ କରିବା । କିନ୍ତୁ ଅନ୍ୟମାନେ ଏଭଳି ପ୍ରସ୍ତାବ ସପକ୍ଷରେ ନଥିଲେ । ହେଲେ ଗୋଖଲେଙ୍କ ଜିଦ୍ ଯୋଗୁଁ ଏ ପ୍ରସ୍ତାବ ଅନୁମୋଦିତ ହେଲା । ଗୋଖଲେଙ୍କ ଏ ପ୍ରକାର ସାହାଯ୍ୟ ଓ ସହାନୁଭୂତି ଲାଭକରି ଗାନ୍ଧିଜୀ ବିଶେଷ ଭାବର ଉତ୍ସାହିତ ହୋଇଥିଲେ । ଗାନ୍ଧିଜୀଙ୍କ ଆନ୍ଦୋଳନ ପାଇଁ ହାଇଦ୍ରାବାଦର ନିଜାମ, ଟାଟା, ଆଗା ଖାଁ ପ୍ରଭୃତି ଆର୍ଥିକ ସାହାଯ୍ୟ ଦେଇଥିଲେ ।

ଗୋଖଲେ ଚାହିଁଥିଲେ ଯେ ଗାନ୍ଧି ଭାରତରେ ରହନ୍ତୁ ଓ କଂଗ୍ରେସ ଆନ୍ଦୋଳନରେ ଯୋଗ ଦିଅନ୍ତୁ। କିନ୍ତୁ ଗାନ୍ଧିଜୀଙ୍କ ଉପସ୍ଥିତି ସେଠାରେ ଅପରିହାର୍ଯ୍ୟ ମନେହେଲା ଏବଂ ସେ ଭାରତରେ ରହିବା ସମ୍ଭବ ହେଲାନାହିଁ। ପରେ ଅବଶ୍ୟ ୧୯୧୫ ମସିହାରେ ସେ ଭାରତ ଆସିଲେ।

ଗୋଖଲେ ଗାନ୍ଧିଜୀଙ୍କ ନିମନ୍ତ୍ରଣ ରକ୍ଷାକରି ଦକ୍ଷିଣ ଆଫ୍ରିକା ଯାଇଥିଲେ। ସେଠାକାର ଗୋରା ସରକାର ଗୋଖଲେଙ୍କ ପ୍ରତି ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଦେଖାଉଥିଲା। ଗୋଖଲେଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ଅଫିସରଙ୍କୁ ତାଙ୍କ ସହିତ ରଖାଯାଇଥିଲା। ଗୋଖଲେ ପ୍ରଥମେ ଦକ୍ଷିଣ ଆଫ୍ରିକାର କେପଟାଉନ୍ ଠାରେ ପହଞ୍ଚିଲେ।

ଏଠାରୁ ସେ ଜୋହନ୍‌ସବର୍ଗ ଯାଇଥିଲେ। ଏହିଠାରେ ଗାନ୍ଧିଜୀ ତାଙ୍କର ସତ୍ୟାଗ୍ରହ ଆନ୍ଦୋଳନ ଚଳାଉଥିଲେ। ସେଠାରେ ଗୋଟିଏ ସଭାର ଶ୍ରମିକମାନଙ୍କୁ ଗୋଖଲେଙ୍କର ଭାଷଣ ଦେବାର ଥିଲା। ସେମାନେ ଇଂରେଜୀ ବୁଝିପାରିବେ ନାହିଁ। ଗୋଖଲେଙ୍କୁ ହିନ୍ଦୀ ଜଣା ନଥିଲା। ଏଣୁ ଗାନ୍ଧିଜୀଙ୍କ ଅନୁରୋଧରେ ସେ ମରାଠୀରେ କହିଲେ। ଗାନ୍ଧିଜୀ ଜନ ସାଧାରଣଙ୍କ ବୋଧଗମ୍ୟ ସରଳ ହିନ୍ଦୀରେ କହିଥିଲେ। ଗୋଖଲେ ଆଶ୍ଚର୍ଯ୍ୟ ହୋଇ ଗାନ୍ଧିଜୀଙ୍କୁ ପଚାରିଲେ ଯେ ସେ ମରାଠୀ ବୁଝିଲେ କିଭଳି ? ଗାନ୍ଧିଜୀଙ୍କ ଉତ୍ତର ଥିଲା ଯେ ହୃଦୟର ଭାଷା କିଏ ବୁଝି ନ ପାରିବ। ଏହି ଉତ୍ତର ଶୁଣି ଗୋଖଲେ ଅଭିଭୂତ ହୋଇ ଯାଇଥିଲେ। ଏହାପରେ ଗୋଖଲେ ପ୍ରୋଟରିଆକୁ ଗଲେ। ସେଠାକାର ସରକାରୀ କର୍ତ୍ତୃପକ୍ଷଙ୍କ ସହିତ ଭାରତୀୟମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ଗୋଖଲେଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଭାରତୀୟଙ୍କ ସମସ୍ୟା ସହାନୁଭୂତିର ସହ ବିଚାର କରାଯିବ। ମାତ୍ର ଗାନ୍ଧିଙ୍କର ସେମାନଙ୍କ କଥାରେ ବିଶ୍ୱାସ ନ ଥିଲା। ଗୋଖଲେ ୧୯୧୨ ମସିହା ନଭେମ୍ବର ୧୭ ତାରିଖରେ ଭାରତ ଅଭିମୁଖେ ଯାତ୍ର କଲେ। ସେଠାକାର କର୍ତ୍ତୃପକ୍ଷ ଗୋଖଲେଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ରକ୍ଷା କରିବାକୁ ସେଭଳି କିଛି ପଦକ୍ଷେପ ନେଇ ନ ଥିଲେ। ବରଂ ସେଠାରେ ଏଭଳି ଏକ ନିୟମ ଲାଗୁ ହେବାକୁ ବସିଲା ଯାହା ଭାରତୀୟମାନଙ୍କ ପାଇଁ ବିଶେଷ ଅସୁବିଧା ସୃଷ୍ଟି କରିଥାଆନ୍ତା। ଦକ୍ଷିଣ ଆଫ୍ରିକା ବାହାରେ ଭାରତୀୟମାନଙ୍କ ବିବାହକୁ ଏଠାକାର ସରକାର ବୈଧ ବୋଲି ଗ୍ରହଣ କରିବେ ନାହିଁ।

ଏହା ଭାରତୀୟମାନଙ୍କ ମନରେ ପ୍ରବଳ ଅସନ୍ତୋଷ ସୃଷ୍ଟି କଲା। ଫଳରେ ଗୋଖଲେ ବଡ଼ଲାଟ ହାର୍ଡ଼ିଞ୍ଜଙ୍କୁ ଅନୁରୋଧ କଲେ। ଗୋଖଲେଙ୍କ ପ୍ରଚେଷ୍ଟାରୁ ପ୍ରସ୍ତାବ ପ୍ରତ୍ୟାହାର କରାଗଲା।

# ଗୋଖଲେଙ୍କ ଜୀବନର ଅନ୍ତିମ ସମୟ

ଗୋଖଲେ ଭାବୁଥାଆନ୍ତି କିଭଳି ଭାରତୀୟ ଯୁବକମାନେ ଇଂରେଜମାନଙ୍କ ଭଳି ସରକାରୀ କ୍ଷେତ୍ରରେ ଉଚ୍ଚପଦ ଲାଭ କରିବେ ଓ ସେମାନଙ୍କ ସହ ସମାନ ଦରମା ପାଇବେ। ମାତ୍ର ବ୍ରିଟିଶ୍ ସରକାର ସବୁବେଳେ ଭାବୁଥାଆନ୍ତି ଯେ ଭାରତୀୟମାନେ କେବଳ କିରାନି ହୋଇପାରିବେ। ଉଚ୍ଚପଦ ପାଇବାକୁ ସେମାନେ ଯୋଗ୍ୟ ନୁହଁନ୍ତି। ଗୋଖଲେ ଏହାର ପ୍ରତିବାଦ କରିଥିଲେ। ତାଙ୍କ ଦାବି ଯୋଗୁ ସରକାର ଭାରତୀୟମାନଙ୍କ ପାଇଁ ଲୋକସେବା ଆୟୋଗ ଗଠନ ପାଇଁ ରାଜିହେଲେ। ତେବେ ଏହା କିଭଳି ଗଠିତ ହେବ ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ସରକାର ଗୋଟିଏ ସମିତି ଗଠନ କଲେ।ଏଥିରେ ଲର୍ଡ଼ ଉଇଲିଙ୍ଗ୍ ଡନ୍ ମୁଖ୍ୟ ହେଲେ ଏବଂ ଗୋପାଳକୃଷ୍ଣ ଗୋଖଲେ ଏହାର ସଭ୍ୟ ଥିଲେ।।

ଏହି କାର୍ଯ୍ୟରେ ତାଙ୍କୁ ବହୁସ୍ଥାନ ବୁଲି ତଥ୍ୟ ସଂଗ୍ରହ କରିବାକୁ ପଡ଼ିଥିଲା। ପୁନଶ୍ଚ ସେ ବେସରକାରୀ ସଭ୍ୟଥିବାରୁ ସରକାରୀ ସଭ୍ୟମାନଙ୍କ ଭଳି ଏତେ ସୁବିଧା ପାଉନଥିଲେ। ସେ ଜାଣିଥିଲେ ଯେ ତାଙ୍କର ଜୀବନକାଳ ସରିଆସିଲାଣି। ଡାକ୍ତରମାନେ ତାଙ୍କୁ ଜଣାଇ ଦେଇଛନ୍ତି ଯେ ତାଙ୍କର ହୃଦ୍‌ଘାତ ହୋଇଛି ଓ ଜୀବନ ଉପରେ ସଙ୍କଟ ଘେରି ରହିଛି। ଗୋଖଲେ ଭାବିଲେ ଯେ ସେ ତଥ୍ୟ ସଂଗ୍ରହ କରି ଏହାକୁ ମୁଖ୍ୟ ଉଇଲିଙ୍ଗ୍ ଡନ୍‌ଙ୍କୁ ଯେତେ ଶୀଘ୍ର ଦେଇଦେବେ ଯାହା ଫଳରେ ଲୋକସେବା ଆୟୋଗ ଶୀଘ୍ର ଗଠିତ ହେବ ଓ ଭାରତୀୟମାନେ ସୁବିଧା ପାଇବେ। ଏ ଦିଗରେ ସେ ପ୍ରବଳ ପରିଶ୍ରମ କଲେ। ଅନ୍ୟମାନଙ୍କ ସହିତ ଯୋଗାଯୋଗ ରଖି ଏକାର୍ଯ୍ୟ କିଭଳି ସଫଳ ହେବ ଏଥିପାଇଁ ନିରନ୍ତର ଉଦ୍ୟମ କଲେ। ଚାରିଦିନ ଭିତରେ ନିଜର କାର୍ଯ୍ୟରେ କମିଟିର ମୁଖ୍ୟ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କଲେ ଓ ତାଙ୍କୁ ବିଶେଷଭାବରେ ଧନ୍ୟବାଦ ଦେଲେ। ମାତ୍ର ଏହି ସମୟରେ ତାଙ୍କୁ ଦିନକୁ ୧୮ ଘଣ୍ଟା ରୁ ୨୦ ଘଣ୍ଟା ପରିଶ୍ରମ କରିବାକୁ ପଡୁଥିଲା। ସେ ଶେଷ କାର୍ଯ୍ୟରେ ସଫଳ ହେଲେ ଏବଂ ସନ୍ତୋଷ ଲାଭକଲେ। ମାତ୍ର ଶରୀର ଏଚାପ ସମ୍ଭାଳି ପାରିଲା ନାହିଁ।

୧୯୧୫ ମସିହା ଫେବୃଆରୀ ୧୮ ତାରିଖ ଦିନ ସେ ବିଶେଷ ଅସୁସ୍ଥ ହୋଇପଡ଼ିଲେ। ସେ ଜାଣି ପାରିଲେ ଯେ ତାଙ୍କର ଶେଷ ସମୟ ଉପସ୍ଥିତ। ତାଙ୍କର ବନ୍ଧୁ ଆପ୍ଟେଙ୍କୁ ସେ କହିଲେ, 'ମୋତେ ଜୀବନର ଆଉ ଗୋଟିଏ ପର୍ଯ୍ୟାୟକୁ ଦେଖିବାକୁ ପଡ଼ିବ'। ଅବସ୍ଥା ଅଧିକ ଖରାପ ହୋଇ ପଡ଼ିଲା । ୧୯୧୫ ମସିହା ଫେବ୍ରୁଆରୀ ୧୯ ତାରିଖ ଦିନ ଏ ସଂସାରରୁ ସେ ବିଦାୟ ନେଲେ। ଭାରତ ତାର ସୁଯୋଗ୍ୟ ସନ୍ତାନକୁ ହରାଇଲା।

●●●

# ବୀର ସଭରକର

ବିନାୟକ ସଭରକର ଥିଲେ ଜଣେ ବିପ୍ଳବୀ। ଇଂରେଜ ସରକାର ବିରୁଦ୍ଧରେ ସଂଗ୍ରାମକରି ଜୀବନ ସାରା କେତେ ଯେ କଷ୍ଟ ସେ ସହିଥିଲେ ତାହା ଭାଷାରେ ବ୍ୟକ୍ତ କରିହେବ ନାହିଁ। ଭାରତ ମାତାକୁ ସେ ପ୍ରାଣଭରି ଭଲ ପାଉଥିଲେ ଏବଂ ତାହାର ମୁକ୍ତି ପାଇଁ ଶେଷ ରକ୍ତବିନ୍ଦୁ ଦେଇ ଲଢ଼ିବାର ସେ ସଙ୍କଳ୍ପ ନେଇଥିଲେ। ଜେଲର ବନ୍ଦୀ ଜୀବନ ଓ ଗୃହବନ୍ଦୀ ଜୀବନକୁ ହିସାବକୁ ନେଲେ ପ୍ରାୟ ୨୭ ବର୍ଷ କାଳ ସେ ବନ୍ଦୀ ଜୀବନ କଟାଇଥିଲେ। ପ୍ରବଳ ଶାରୀରିକ ଓ ମାନସିକ ଅତ୍ୟାଚାରର ଶରବ୍ୟ ହୋଇଛନ୍ତି ମାତ୍ର ପଥଘୁଞ୍ଚା ଦେଇନାହାନ୍ତି।

ଏହି ବୀର ଯୋଦ୍ଧା ମହାରାଷ୍ଟ୍ରର ନାସିକ ଜିଲ୍ଲାର ଭାଗୁର ବୋଲି ଗୋଟିଏ ଗ୍ରାମରେ ୧୮୮୩ ମସିହା ମେ ମାସ ୨୮ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତାଙ୍କର ନାମଥିଲା ଦାମୋଦର ସଭରକର ଓ ମାତାଙ୍କର ନାମ ଥିଲା ରାଧାବାଇ। ପିଲାଦିନେ ସ୍ନେହରେ ତାଙ୍କୁ ସମସ୍ତେ ଡ଼ାକୁଥିଲେ ତାତ୍ୟାରାଓ। ତାଙ୍କୁ ମାତ୍ର ୧୦ ବର୍ଷ ବୟସ ହୋଇଥିଲାବେଳେ ତାଙ୍କର ମାତୃ ବିୟୋଗ ହୋଇଥିଲା। ତେବେ ପିତା ତାଙ୍କୁ ଓ ତାଙ୍କର ଭାଇମାନଙ୍କୁ ବହୁତ ଯତ୍ନରେ ପାଳୁଥିଲେ। ପିଲାଦିନରୁ ତାଙ୍କର ମନରେ ଇଂରେଜ ସରକାରଙ୍କର ବିରୁଦ୍ଧରେ କ୍ରୋଧ ଓ ଘୃଣାଭାବ ଆସିଥିଲା। ଇଂରେଜମାନଙ୍କ ଅତ୍ୟାଚାର ବିରୁଦ୍ଧରେ ସେ ବିଭିନ୍ନ କଥା ଶୁଣିଥିଲେ ଓ ପତ୍ରପତ୍ରିକାରେ ପଢୁଥିଲେ। ପ୍ରତିଦିନ ଦୁର୍ଗାମାତାଙ୍କୁ ପ୍ରାର୍ଥନା କରୁଥିଲେ କିଭଳି ଭାରତମାତା ଦାସତ୍ୱ ବନ୍ଧନରୁ ମୁକ୍ତିଲାଭ କରିବ। ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଏ ଭାବନା ଅଧିକ ବଳବତ୍ତର ହେଲା। ଗ୍ରାମ ସ୍କୁଲରୁ ପଢ଼ା ଶେଷକରି ପଢ଼ିବାପାଇଁ ସେ ନାସିକ ଆସିଲେ। ତାଙ୍କର ବୁଦ୍ଧି ଓ ବିଚାରଶକ୍ତି ଅଧିକ ବିକଶିତ ହୋଇଉଠିଲା। ତାଙ୍କର ହୃଦୟ ଭିତରେ କବିତ୍ୱର ଭାବ ଜାଗ୍ରତ ହେଲା। ସେ ଦେଶଭକ୍ତିକୁ ଆଧାରକରି କବିତା ଲେଖୁଥିଲେ। ବୀର ଶିବାଜୀ, ରାଣାପ୍ରତାପ ଓ ଗୁରୁ ଗୋବିନ୍ଦ ସିଂହ ପ୍ରଭୃତିଙ୍କ ଜୀବନୀ ପଢ଼ିବାର ସୁଯୋଗ ପାଇଲେ। ସେମାନଙ୍କ ଜୀବନାଦର୍ଶ ଦ୍ୱାରା ସେ ଉଦ୍‌ବୁଦ୍ଧ ହେଲେ। ତାଙ୍କର କବିତାଗୁଡ଼ିକ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଲା। ତେବେ ଏହି ସମୟରେ ଏଭଳି ଏକ ଘଟଣା ଘଟିଲା ଯାହା ତାଙ୍କୁ ଅଧିକ ପ୍ରତିକ୍ରିୟାଶୀଳ କରିଦେଲା।

୧୮୯୭ ମସିହାରେ ପୁନାରେ ପ୍ଲେଗ ରୋଗ ବ୍ୟାପିଥିଲା । ଅନେକ ବ୍ୟକ୍ତି ଜୀବନ ହରାଇଲେ । କିନ୍ତୁ ବ୍ରିଟିଶ୍ ସରକାର ଏଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନ ଥିଲେ । ସେ ସମୟର ପୁଲିସ୍ କମିଶନର ଥିଲେ ର୍ୟାଣ୍ଡସାହେବ । ସେ ଥିଲେ ଅତ୍ୟନ୍ତ ନିଷ୍ଠୁର ଓ ଭାରତୀୟମାନଙ୍କୁ ଘୃଣା କରୁଥିଲେ । ପ୍ଲେଗରୋଗ ନିରାକରଣ ପାଇଁ ସରକାର ଯେଉଁ ସଙ୍ଗଠନ ଗଢ଼ିଲେ ତାହାର ମୁଖ୍ୟ ସେ ଥିଲେ । କିନ୍ତୁ ଲୋକଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ ସେ ଅପମାନିତ କରୁଥିଲେ । ପୋଲିସମାନେ ଘରର ସ୍ୱଚ୍ଛତାକୁ ପରୀକ୍ଷା କରିବା ଆଳରେ ଘର ଭିତରେ ପ୍ରବେଶକରି ସ୍ତ୍ରୀମାନଙ୍କୁ ଦୁର୍ବ୍ୟବହାର କରୁଥିଲେ । ଏଥିରେ ଉତ୍ତେଜିତ ହୋଇ ଜଣେ ଯୁବକ ଗୁଳିକରି ର୍ୟାଣ୍ଡ ଓ ତାଙ୍କର ଅନ୍ୟଜଣେ ସହଯୋଗୀଙ୍କୁ ହତ୍ୟାକଲା । କିଏ ଏହି ଯୁବକ ? ସନ୍ଦେହରେ ଚପ୍‌କର ଭ୍ରାତାଦ୍ୱୟଙ୍କୁ ଗିରଫ କରାଗଲା ଓ ନିରପେକ୍ଷ ବିଚାର ନ କରି ଫାଶିଦଣ୍ଡ ଦିଆଗଲା । ଏଥିରେ ସଭରକର ଅଧିକ ଉତ୍ତେଜିତ ହୋଇଉଠିଲେ ଏବଂ ବ୍ରିଟିଶ୍ ସରକାରଙ୍କୁ ହଟାଇବାର ସଙ୍କଳ୍ପ ନେଲେ । ସେ ଦୁର୍ଗାମାତାଙ୍କ ସମ୍ମୁଖରେ ପ୍ରତିଜ୍ଞା କଲେ ଯେ ବ୍ରିଟିଶ୍ ରାଜ୍‌ର ଅବସାନପାଇଁ ସେ ସଂଗ୍ରାମ କରିବେ । ସେ ହାଇସ୍କୁଲରେ ପଢ଼ିବା ସମୟରେ 'ମିତ୍ରମେଳା' ନାମକ ଏକ ଯୁବସଙ୍ଗଠନ ଗଢ଼ିଥିଲେ । ତାଙ୍କର ଅନେକ ସାଙ୍ଗସାଥୀ ଏଥିରେ ଯୋଗଦେଇଥିଲେ । ସେ ୧୯୦୧ ମସିହାରେ ମାଟ୍ରିକ୍ୟୁଲେସନ୍ ପାଶକଲେ ଓ ୧୯୦୨ ମସିହାରେ ପୁନାର ଫର୍ଗୁସନ କଲେଜରେ ନାମ ଲେଖାଇଲେ । ୧୯୦୪ ମସିହାରେ 'ଅଭିନବ ଭାରତ' ନାମକ ଏକ ନୂଆ ସଂସ୍ଥା ସେ ଗଠନ କଲେ । ଏହି ସଂସ୍ଥାର ପ୍ରଧାନ ଉଦ୍ଦେଶ୍ୟ ହେଲା ବ୍ରିଟିଶ୍ ଶାସନରୁ ଦେଶକୁ ମୁକ୍ତ କରିବା ।

ଏହି ସମୟରେ 'କାଳ' ନାମକ ଏକ ପତ୍ରିକାର ସମ୍ପାଦକ ଭାବରେ ସଭରକର କେତେକ କବିତା ପ୍ରକାଶ କଲେ ଏବଂ ତାଙ୍କର ଖ୍ୟାତି ଦିନକୁ ଦିନ ବଢ଼ିବାରେ ଲାଗିଲା । ତାଙ୍କର ଦେଶଭକ୍ତି ଏବଂ ସଂଗ୍ରାମୀ ମନୋଭାବ ବାଳଗଙ୍ଗାଧର ତିଳକଙ୍କୁ ମଧ୍ୟ ଆକୃଷ୍ଟ କରିଥିଲା ଏବଂ ତିଳକ ତାଙ୍କୁ ଗଭୀର ଶ୍ରଦ୍ଧା କଲେ ।

୧୯୦୫ ମସିହାରେ ବଙ୍ଗଭଙ୍ଗ ଆନ୍ଦୋଳନ ଆରମ୍ଭ ହେଲା । ଏହାର ପ୍ରତିବାଦରେ ସମଗ୍ର ଭାରତ ବର୍ଷରେ ବିଦ୍ରୋହର ବହ୍ନି ଜଳିଉଠିଲା । ଏହି ସମୟରେ ସଭରକର ବି.ଏ ଶ୍ରେଣୀର ଛାତ୍ର ଥିଲେ । ସେ ଏହି ବିଦ୍ରୋହରେ ମାତିଉଠିଲେ । ବଙ୍ଗଭଙ୍ଗ ଆନ୍ଦୋଳନରେ ପ୍ରତିବାଦ ସ୍ୱରୂପ ପୁନା ସହରର ଏକ ଛକ ଯାଗାରେ ବିଦେଶୀ ବସ୍ତ୍ର ଗଦାକରି ସେଥିରେ ନିଆଁ ଲଗାଇ ଦିଆଗଲା । ସହରରେ ହୁଲସ୍ଥୁଲ ପଡ଼ିଗଲା । ଲୋକମାନେ ତଟସ୍ଥ ହୋଇଗଲେ । ଏଥିରେ ତିଳକ ନେତୃତ୍ୱ ନେଇଥିଲେ ଏବଂ ସଭରକର ମଧ୍ୟ ଅଂଶଗ୍ରହଣ କରିଥିଲେ । ଦଣ୍ଡ ସ୍ୱରୂପ ସଭରକରଙ୍କୁ କଲେଜରୁ ବାହାର କରିଦିଆଗଲା । ତେବେ ପରେ ବହୁକଷ୍ଟରେ ସେ

ବମ୍ବେ ବିଶ୍ୱବିଦ୍ୟାଳୟରୁ ବି.ଏ. ପାସ୍‌କଲେ। ସଭରକର ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ସଭାକରି ଯୁବକମାନଙ୍କୁ ଜ୍ୱାଳାମୟୀ ଭାଷଣ ଦ୍ୱାରା ପ୍ରଭାବିତ କରୁଥିଲେ। ସେମାନଙ୍କ ଠାରୁ ଏହି ଶପଥ ନେଉଥିଲେ ଯେ ଦେଶପାଇଁ ଦରକାର ପଡ଼ିଲେ ସେମାନେ ଜୀବନ ଦେଇଦେବେ।

୧୯୦୬ ମସିହାରେ ୨୨ବର୍ଷ ବୟସରେ ସେ ଆଇନ୍ ପଢ଼ିବା ପାଇଁ ଇଂଲଣ୍ଡ ଗଲେ। ଇଂଲଣ୍ଡରେ ଶ୍ୟାମଜୀ କୃଷ୍ଣବର୍ମା ନାମକ ଜଣେ ଭଦ୍ରବ୍ୟକ୍ତି 'ଇଣ୍ଡିଆନ୍ ସୋସିଓଲୋଜିଷ୍ଟ୍' ନାମକ ଏକ ପତ୍ରିକା ପ୍ରକାଶ କରୁଥିଲେ। ଏହି ଅନୁଷ୍ଠାନ ପକ୍ଷରୁ ଇଂଲଣ୍ଡରେ ପଢ଼ିବା ପାଇଁ ଯୋଗ୍ୟ ଭାରତୀୟ ଯୁବକମାନଙ୍କୁ ବୃତ୍ତି ପ୍ରଦାନ କରାଯାଉଥାଏ। ଲୋକମାନ୍ୟ ତିଳକଙ୍କ ଅନୁରୋଧରେ କୃଷ୍ଣ ବର୍ମା ସଭରକରଙ୍କ ପାଇଁ ଗୋଟିଏ ବୃତ୍ତିର ବ୍ୟବସ୍ଥା କଲେ ଏବଂ ଏହାଫଳରେ ତାଙ୍କର ଲଣ୍ଡନ ଯିବା ସମ୍ଭବ ହୋଇ ପାରିଲା।

ସେଠାରେ ପଢ଼ିବା ଅପେକ୍ଷା ବିପ୍ଳବାତ୍ମକ କାର୍ଯ୍ୟରେ ଲିପ୍ତ ରହିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେ ଲଣ୍ଡନରେ 'ଇଣ୍ଡିଆ ହାଉସ୍'ରେ ରହିଲେ। ଶ୍ୟାମଜୀ ବର୍ମା ଏହାକୁ ସ୍ଥାପନ କରିଥିଲେ। ସେଠାରେ ସେ 'ଫ୍ରି ଇଣ୍ଡିଆ ସୋସାଇଟି' ନାମକ ଏକ ସଂଗଠନ ଗଢ଼ିଲେ। କେତେକ ଭାରତୀୟ ଯୁବକ ଏହାର ସଭ୍ୟ ହୋଇଗଲେ। ଏହି ସଙ୍ଗଠନ ପକ୍ଷରୁ ଏଠାରେ ବିଭିନ୍ନ ଭାରତୀୟ ପର୍ବପର୍ବାଣୀ ପାଳନ କରାଯାଉଥିଲା ଏବଂ ପ୍ରସିଦ୍ଧ ଭାରତୀୟ ନେତାମାନଙ୍କର ଜନ୍ମ ଦିବସ ପାଳନ କରାଯାଉଥିଲା। ଥରେ ପ୍ରଥମ ସ୍ୱାଧିନତା ସଂଗ୍ରାମ 'ସିପାହୀ ବିଦ୍ରୋହ'ର ସ୍ୱର୍ଣ୍ଣଜୟନ୍ତୀ ପାଳନ ଅବସରରେ ଭାରତୀୟ ଓ ବ୍ରିଟିଶ୍ ଯୁବକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ସଭରକର୍ ସଭ୍ୟମାନଙ୍କୁ ବ୍ରିଟିଶ୍ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଉଦ୍‌ବୋଧନ ଦେଉଥିଲେ। ସଭରକର ସଂଗ୍ରାମରେ ବିଶ୍ୱାସ କରୁଥିଲେ। ସେ ଇଟାଲୀର ବିପ୍ଳବୀ ମାଜିନିଙ୍କ ବିଚାରଧାରା ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ। ସେ cÚRÔÖK Rúa^ KÚÚÝú(Life Story of Mazzini) ନାମକ ଏକ ପୁସ୍ତକ ସେଠାରେ ରଚନା କଲେ। ଆଉଗୋଟିଏ ପୁସ୍ତକ ଲେଖିଲେ 'ଶିଖ୍‌ଙ୍କ ଇତିହାସ' 'History of Sikhs'। ପରିଶେଷରେ ସେ ମରାଠୀ ଭାଷାରେ ଅନ୍ୟ ଏକ ବହି ଲେଖିଲେ ଯାହାର ନାମ ହେଉଛି 'ଭାରତବର୍ଷର ସ୍ୱାଧୀନତାର ଇତିହାସ'। ଅବଶ୍ୟ ଏହି ବହିଟି ପ୍ରକାଶିତ ହେବା ପୂର୍ବରୁ ନିଷିଦ୍ଧ ହୋଇଗଲା। ତେବେ ଏହା ଫ୍ରାନ୍ସ ଓ ଜର୍ମାନ୍‌ରେ ପ୍ରକାଶିତ ହୋଇଥିଲା। ନେତାଜୀ ସୁବାଷ ବୋଷ ଓ ଶହୀଦ୍ ଭଗତ୍ ସିଂ ଏହି ବହିଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ। ଏହି ବହି ନିଷିଦ୍ଧ ହେଲେ ବି ଏହାର କିଛି ଅଂଶ ଇଂରାଜୀରେ ଅନୁବାଦ ହୋଇ 'ଫ୍ରି ଇଣ୍ଡିଆ ସୋସାଇଟି' ପକ୍ଷରୁ ଅନୁଷ୍ଠିତ ସଭାମାନଙ୍କରେ ପଢ଼ାଗଲା। ଏହି ବହିର ପାଣ୍ଡୁଲିପି ଗୋପନରେ ସେ ଭାରତ ପଠାଇଥିଲେ। ମାତ୍ର ବ୍ରିଟିଶ୍ ସରକାର ଏ ଖବର

ପାଇଗଲେ ଏବଂ ଭାରତରେ ଏହା ପ୍ରକାଶିତ ହୋଇପାରିଲା ନାହିଁ। ଏହି ବହିରେ ସେ 'ସିପାହୀ ବିଦ୍ରୋହ'କୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ପ୍ରମାଣ କରିଥିଲେ ଏବଂ ଯେଉଁମାନେ ଏଥିରେ ଯୋଗଦେଇଥିଲେ ସେମାନେ ଥିଲେ ସ୍ୱାଧୀନତା ସଂଗ୍ରାମୀ। ତେବେ ସଭରକରଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ ଏ ବହି ପରେ ଭାରତରେ ପହଞ୍ଚିପାରିଲା। ଭାରତବର୍ଷରେ ବିପ୍ଳବୀମାନେ ଏ ପୁସ୍ତକକୁ ସେମାନଙ୍କ ପାଇଁ 'ଗୀତା' ବୋଲି ଭାବୁଥିଲେ।

ବୀର ସଭରକରଙ୍କର ବିପ୍ଳବାତ୍ମକ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିବାରେ ଲାଗିଲା। ବ୍ରିଟିଶ୍ ସରକାରଙ୍କର ସନ୍ଦେହ ଘେରକୁ ସେ ଆସିଗଲେ। ବ୍ରିଟିଶ୍ ସରକାର ତାଙ୍କୁ କିପରି ଗିରଫ କରିବେ ସେହି ଉପାୟ ଖୋଜିବାକୁ ଲାଗିଲେ। ସଭରକରଙ୍କର ବନ୍ଧୁମାନେ ଏହାଜାଣି ପାରି ତାଙ୍କୁ ଇଂଲଣ୍ଡ ଛାଡ଼ି ଫ୍ରାନ୍ସ ଚାଲିଯିବା ପାଇଁ ପରାମର୍ଶ ଦେଲେ। ମାତ୍ର ସେ ବନ୍ଧୁମାନଙ୍କୁ ଇଂଲଣ୍ଡରେ ବିପଦ ମଧ୍ୟରେ ଛାଡ଼ିଦେଇ ଅନ୍ୟତ୍ର ଚାଲିଯିବାକୁ ଭୀରୁତା ବୋଲି ଭାବିଲେ। ତେବେ ଏହି ସମୟରେ ଅନ୍ୟ ଏକ ଘଟଣା ଘଟିଲା। ଯାହାଫଳରେ ସଭରକରଙ୍କ ପ୍ରତି ସରକାରଙ୍କ ସନ୍ଦେହ ଘନୀଭୂତ ହେଲା। ତାଙ୍କରି ସଂସ୍ଥାର ଜଣେ ବିପ୍ଳବୀ ମଦନଲାଲ ଧୀଙ୍ଗ୍ରା ସାର୍ ୱାର୍ଲି ନାମକ ଏକ ଗୋରା ଅଭିସର୍କୁଂ ଲଣ୍ଡନରେ ହତ୍ୟାକଲେ। ତାଙ୍କର ବନ୍ଧୁମାନଙ୍କର ଆଶଙ୍କା ସତ୍ୟ ହେଲା। ଭାରତକୁ ଗୁପ୍ତଭାବେ ଅସ୍ତ୍ରଶସ୍ତ୍ର ଯଥା ପିସ୍ତଲ ପ୍ରଭୃତି ପଠାଉଥିବା ଅଭିଯୋଗରେ ସଭରକରଙ୍କୁ ହଠାତ୍ ଗିରଫ୍ କରାଗଲା। ସେଦିନ ଥିଲା ୧୯୧୦ ମସିହା ଜୁଲାଇ ୧ ତାରିଖ। ଏହାପରେ ତାଙ୍କୁ ଭାରତ ପଠାଇବାର ଯୋଜନା କରାଗଲା। ସଭରକରଙ୍କର ବନ୍ଧୁମାନେ ଚାହୁଁଥିଲେ ଯେ ତାଙ୍କର ବିଚାର ଇଂଲଣ୍ଡରେ ହେଉ। କିନ୍ତୁ ତାଙ୍କୁ ଭାରତ ପଠାଇବାର ଯୋଜନା ବୃତ୍ତାନ୍ତ ହେଲା।

ତେବେ ତାଙ୍କର ସହଯୋଗୀମାନେ ବିଚାର କଲେ ଯେ ସଭରକରଙ୍କର ଯାଉଥିବା ଜାହଜରୁ ତାଙ୍କୁ କୌଣସି ପ୍ରକାର ଅଧାବାଟରୁ ଗୋପନରେ ଉଦ୍ଧାର କରିବେ। ଶିବାଜୀ ଯେଭଳି ଆଉରଙ୍ଗଜେବଙ୍କ ଆଖିରେ ଧୂଳିଦେଇ ଖସି ଚାଲିଯାଇଥିଲେ ସେଭଳି କରିବାକୁ ପଡ଼ିବ। ଜାହଜ ମୋରିଆରେ ତାଙ୍କୁ ୧୯୧୦ ମସିହା ଜୁଲାଇ ୧ ତାରିଖରେ ଭାରତକୁ ପଠାଗଲା। ଏହା ଭିତରେ ଦୁଇଜଣ ବିପ୍ଳବୀ ମାଜାମ କାମା ଓ ଭି.ଭି.ଏସ୍. ଆୟାର୍ ତାଙ୍କୁ ଜାହାଜରୁ ନେଇ ଚାଲିଯିବା ପାଇଁ ଫ୍ରାନ୍ସ ଉପକୂଳରେ ପହଞ୍ଚି ଯାଇଥିଲେ।

ବର୍ତ୍ତମାନ ଜାହାଜ ତାହାର ଗନ୍ତବ୍ୟ ପଥରେ ଯାଉଥାଏ। ଏହି ଜାହାଜ ଜୁଲାଇ ୮ ତାରିଖ ଦିନ ମାର୍ଶେଲିସ୍ ବନ୍ଦରରେ ପହଞ୍ଚିବାକୁ ଅଳ୍ପ ଦୂରଥିବା ଅବସ୍ଥାରେ ସଭରକର୍ ହଠାତ୍ ପାଇଖାନା ଘରକୁ ଯାଇ ସମୁଦ୍ର ଭିତରକୁ ଲମ୍ଫ ପ୍ରଦାନ କଲେ ଏବଂ ଫ୍ରାନ୍ସ ଉପକୂଳ ଅଭିମୁଖେ ପହଁରିବାକୁ ଲାଗିଲେ। ପୋଲିସ୍ ବାହିନୀ ଏହା ଜାଣିପାରି ତାଙ୍କ ଉପରକୁ ଗୁଳି

ଚଳାଇଲେ । ମାତ୍ର ଏହା ବ୍ୟର୍ଥ ହୋଇଥିଲା ଓ ନିରାପଦରେ ସେ ସେଠାରେ ପହଞ୍ଚି ପାରିଥିଲେ । ଯଦି ତାଙ୍କର ବନ୍ଧୁଦ୍ୱୟ ଠିକ୍ ସମୟରେ ତାଙ୍କ ପାଖରେ ପହଞ୍ଚି ଯାଇଥାଆନ୍ତେ ତେବେ ସେ ନିରାପଦରେ ପଳାୟନ କରିପାରିଥାଆନ୍ତେ । ମାତ୍ର ସେମାନଙ୍କର ସାମାନ୍ୟ ବିଳମ୍ବ ହୋଇଗଲା । ସେଠାରେ ଫରାସୀ ପୋଲିସ୍ ତାଙ୍କୁ ଗିରଫ କରିଦେଲେ । ତେବେ ଅଳ୍ପ ସମୟ ପରେ ବ୍ରିଟିଶ୍ ପୋଲିସ୍ ଆସି ପହଞ୍ଚିଗଲେ ଏବଂ ସେମାନେ ଏଭଳି ଚାପ ପକାଇଲେ ଯେ ବାଧ୍ୟ ହୋଇ ଫରାସୀ ପୋଲିସ୍ ସଭରକରଙ୍କୁ ତାଙ୍କୁ ହସ୍ତାନ୍ତର କରିଦେଲେ । ସଭରକରଙ୍କର ଏ ଦୁଃସାହସିକ କାର୍ଯ୍ୟ ବିଶ୍ୱର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଲା । ତାଙ୍କର ଶକ୍ତି ଓ ସାହସର ସମସ୍ତେ ପ୍ରଶଂସା କଲେ । ଫ୍ରାନ୍ସ ଉପକୂଳରେ ବ୍ରିଟିଶ୍ ପୋଲିସ୍ ତାଙ୍କୁ କିଭଳି ଗିରଫ କଲା ଏହାକୁ ବି ସମସ୍ତେ ସମାଲୋଚନା କଲେ । ପରିଶେଷରେ ଏ ବିଷୟ ଆନ୍ତର୍ଜାତିକ ବିଚାରଳୟକୁ (International court) ଗଲା । କିନ୍ତୁ ସେଠାରେ ବିଚାର ନିରପେକ୍ଷ ହୋଇନଥିଲା । ବ୍ରିଟିଶ୍ ସରକାରଙ୍କ ସପକ୍ଷରେ ରାୟ ଦିଆଯାଇଥିଲା ।

ଏହାପରେ ଭାରତକୁ ସବରକରଙ୍କୁ ଅଣାଗଲା । ବମ୍ବେର ସ୍ପେସାଲ୍ ଜଜ୍‌ଙ୍କ କୋର୍ଟରେ ବିଚାର ହେଲା । ସଭରକରଙ୍କର ବନ୍ଧୁମାନେ ତାଙ୍କ ପାଇଁ ଭଲ ଓକିଲମାନଙ୍କୁ ଆଣିଥିଲେ । କିନ୍ତୁ ବ୍ରିଟିଶ୍ ସରକାର ବଦ୍ଧପରିକର ଥିଲେ ଯେ ସଭରକର କଠୋରତମ ଶାସ୍ତି ପାଇବେ । ଏଣୁ ସାକ୍ଷୀମାନଙ୍କୁ ବିଭିନ୍ନ ଭାବରେ ପ୍ରଭାବିତ କରାଗଲା । ଏପରିକି ଭୟଭୀତ କରାଗଲା । ଫଳରେ ଚତୁର୍ଭୁଜ ଅମିନ୍ ନାମକ ଏକ ବ୍ୟକ୍ତି ଯେ କି ସଭରକରଙ୍କ ସହିତ ଲଣ୍ଡନରେ ଥିଲେ ସେ ସରକାରଙ୍କ ସପକ୍ଷରେ ସାକ୍ଷୀ ଦେଇ କହିଲେ ଯେ ସଭରକର ତାଙ୍କ ହାତରେ ଭାରତକୁ ପିସ୍ତଲ ପଠାଇଥିଲେ । ଅନ୍ୟ କେତେଜଣ ମଧ୍ୟ ତାଙ୍କ ବିରୁଦ୍ଧରେ ସରକାରଙ୍କୁ ଭୟକରି ସାକ୍ଷୀ ଦେଇଥିଲେ ।

ସରକାର ଥିଲେ ଅତ୍ୟନ୍ତ ନିଷ୍ଠୁର । ବିଚାର ବ୍ୟବସ୍ଥା ନିରପେକ୍ଷ ନଥିଲା । ସମସ୍ତେ ଯେଭଳି ଆଶଙ୍କା କରୁଥିଲେ ସେଭଳି ରାୟ ଦିଆଗଲା । ସଭରକରଙ୍କୁ ୫୦ ବର୍ଷ ଜେଲଦଣ୍ଡ ମିଳିଲା । କିନ୍ତୁ ସଭରକର ବୀର ଦର୍ପରେ କହିଲେ ଯେ ମାତୃଭୂମି ପାଇଁ ସେ ଜୀବନ ଦେବାକୁ ପ୍ରସ୍ତୁତ ଅଛନ୍ତି । ଏ ଦଣ୍ଡକୁ ସେ ଖାତିର୍ କରୁନାହାଁନ୍ତି । ତେବେ ଏ ସରକାର ଭାରତ ବର୍ଷରେ କ'ଣ ପ୍ରଚାଶ ବର୍ଷ ରହିପାରିବେ ?

ତାଙ୍କୁ ଆଣ୍ଡାମାନର ସେଲୁଲାର ଜେଲରେ ରଖାଗଲା । ତାଙ୍କୁ ପଶୁଭଳି ନିର୍ଦ୍ଦୟ ବ୍ୟବହାର କରାଗଲା । ବଳଦ ଯାଗାରେ ତାଙ୍କୁ ବାନ୍ଧିକରି ତେଲଘଣା ପେଲାଯାଇଥିଲା । ତାଙ୍କର ହସ୍ତପଦ ଶୃଙ୍ଖଳ ଦ୍ୱାରା ବନ୍ଧା ଯାଇଥିଲା । ଅଖାଦ୍ୟ ଦିଆଯାଉଥିଲା ଖାଇବାକୁ । ଏହିଜି ଜେଲରେ ମରଣାନ୍ତକ ଯନ୍ତ୍ରଣା ସେ ସହିଥିଲେ । ଭାରତ ମାତାର ଏହି ବୀର ସନ୍ତାନ

ମାତୃଭୂମିର ମୁକ୍ତି ପାଇଁ କେତେ ନିର୍ଯ୍ୟାତନା ଭୋଗିଥିଲେ ତାହା ଭାଷାରେ ବ୍ୟକ୍ତ କରିହେବ ନାହିଁ। କାଗଜ କଲମ ନ ମିଳିବାରୁ ଜେଲର କାନ୍ଥରେ ଅଙ୍ଗାରରେ ସେ ଦେଶାତ୍ମବୋଧ କବିତା ଲେଖୁଥିଲେ। ଏହିଭଳି ୧୦ବର୍ଷ କାଳ ସେ ସେଠାରେ କଟାଇଥିଲେ। ତାଙ୍କ ଯାଗାରେ ଅନ୍ୟକେହି ଥାଆନ୍ତା ତେବେ ସେ ଆତ୍ମହତ୍ୟା କରିଥାଆନ୍ତା ଆବା ପାଗଳ ହୋଇଯାଇଥାଆନ୍ତା। କିନ୍ତୁ ନିରବରେ ସେ ସବୁ ଦୁଃଖ ସହିଥିଲେ।

ତେବେ ଭାରତବର୍ଷରେ ଓ ଆନ୍ତର୍ଜାତିକ ସ୍ତରରେ ପ୍ରବଳ ଚାପ ପଡ଼ିବାରୁ ତାଙ୍କୁ ସେଲୁଲାର ଜେଲରୁ ଦଶବର୍ଷ ପରେ ଖଲାସ କରିଦିଆଗଲା କିନ୍ତୁ ରତ୍ନଗିରି ଜିଲ୍ଲାରେ ତାଙ୍କୁ ଗୃହବନ୍ଦୀ ଭାବରେ ରଖାଗଲା।

୧୯୧୧ ମସିହାରେ ସେ ସେଲୁଲାର ଜେଲରେ ଭର୍ତ୍ତି ହୋଇଥିଲେ ଏବଂ ୧୯୨୧ ମସିହାରେ ମୁକ୍ତଦେଲେ। ପୁଣି ୧୯୨୧ରୁ ୧୯୩୭ ମସିହା ପର୍ଯ୍ୟନ୍ତ ନଜରବନ୍ଦୀରେ ରହିଲେ। ସର୍ବୋମୋଟ ୨୭ବର୍ଷ କାଳ ସେ ବନ୍ଦୀ ଜୀବନ ବିତାଇଥିଲେ।

ତାଙ୍କୁ ସମ୍ପୂର୍ଣ୍ଣ ମୁକ୍ତି ମିଳିବାପରେ ସମଗ୍ର ଦେଶରେ ଆନନ୍ଦର ଲହରୀ ଖେଳିଯାଇଥିଲା। କୋଟି କୋଟି ଦେଶବାସୀ ଏହାକୁ ସ୍ୱାଗତ ଜଣାଇଲେ। ନେତାଜୀ ସୁବାଷ ବୋଷ ତାଙ୍କୁ ଅଭିନନ୍ଦନ ଜଣାଇଲେ।

ସଭରକର ବ୍ୟକ୍ତିଗତ ଭାବରେ ଗାନ୍ଧିଜୀଙ୍କୁ ସମ୍ମାନ ଦେଉଥିଲେ। ମାତ୍ର ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରୁନଥିଲେ। ନେତାଜୀଙ୍କ ବିଚାରଧାରା ତାଙ୍କୁ ଅଧିକ ଆକର୍ଷିତ କରିଥିଲା। ମୁସ୍‌ଲିମ ଲିଗ୍ ଭାରତର ବିଭାଜନ ପାଇଁ ଯେଉଁ ଦାବୀ କରୁଥିଲା ସେ ତାକୁ ଘୋର ବିରୋଧ କରୁଥିଲେ ଏବଂ ଏ କ୍ଷେତ୍ରରେ କଂଗ୍ରେସର କୋହଳ ମନୋଭାବକୁ ସେ ସମାଲୋଚନା କରୁଥିଲେ। ଭାରତର ବିଭାଜନ ତାଙ୍କୁ ଦାରୁଣ ଆଘାତ ଦେଇଥିଲା।

ହିନ୍ଦୁ ମହାସଭା ପ୍ରତି ତାଙ୍କର ସମର୍ଥନ ଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରତି ମଧ୍ୟ ତାଙ୍କର ସମର୍ଥନ ରହିଥିଲା। ସେ ଅନୁଭବ କରିଥିଲେ ଯେ ଭାରତବର୍ଷରେ ଶହଶହ ବର୍ଷଧରି ହିନ୍ଦୁମାନେ ବିଦେଶୀ ଆକ୍ରମଣକାରୀଙ୍କ ଅତ୍ୟାଚାରର ଶରବ୍ୟ ହୋଇଛନ୍ତି ଏଣୁ ସେମାନେ ସଙ୍ଗଠିତ ଓ ଶକ୍ତିଶାଳୀ ହେବା ଉଚିତ୍। ଦେଶ ବିଭାଜନ ସମୟରେ ହିନ୍ଦୁମାନେ ବିଶେଷତଃ ହିନ୍ଦୁ ନାରୀମାନେ ଯେପରି ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହୋଇଥିଲେ ତାହା ତାଙ୍କର ପ୍ରାଣକୁ ଥରାଇ ଦେଇଥିଲା। ସେ ଯଥାର୍ଥରେ ଥିଲେ ଜଣେ ଦେଶଭକ୍ତ ଜାତୀୟତାବାଦୀ ନେତା।

ପଣ୍ଡିତ ନେହେରୁଙ୍କର ଚାଇନା ପ୍ରତି ଅତି କୋହଳ ମନୋଭାବ ଓ ବିଶ୍ୱାସକୁ ସେ ସମର୍ଥନ କରିପାରୁନଥିଲା। ତାଙ୍କର ଧାରଣା ଥିଲା ଯେ ଚାଇନା ଦିନେନା ଦିନେ ଆମପ୍ରତି ବିଶ୍ୱାସଘାତକତା କରିବ। ପ୍ରକୃତରେ ଚାଇନା ଭାରତ ପ୍ରତି ବିଶ୍ୱାସଘାତକତା କଲା ଓ ବିରାଟ

ଅଞ୍ଚଳକୁ ଅଧିକାର କରିନେଲା। କିନ୍ତୁ ଶାସ୍ତ୍ରୀଜୀଙ୍କ ସମୟରେ ଭାରତ ପାକିସ୍ଥାନକୁ ପରାସ୍ତ କରିବାରେ ସେ ଗର୍ବ ଅନୁଭବ କରିଥିଲେ। ମାତ୍ର ଭାରତ ଚୁକ୍ତି ଅନୁଯାୟୀ ପାକିସ୍ଥାନକୁ ବିଜିତ ଅଞ୍ଚଳ ଫେରାଇ ଦେବାରୁ ସେ ଦୁଃଖ ଅନୁଭବ କରିଥିଲେ। ଶାସ୍ତ୍ରୀଜୀଙ୍କ ଅକାଳ ବିୟୋଗ ତାଙ୍କୁ ଦାରୁଣ ଆଘାତ ଦେଇଥିଲେ।

ଭାରତ ମାଟିର ଏହି ବୀର ସନ୍ତାନ ସଂଗ୍ରାମୀ ଯୋଦ୍ଧା ୧୯୬୬ ମସିହା ଫେବୃୟାରୀ ୨୬ ତାରିଖରେ ସଂସାରକୁ ବିଦାୟ ନେଇଥିଲେ। ବୀର ସଭରକରଙ୍କ ରାଜନୈତିକ ବିଚାରଧାରାକୁ ହୁଏତ ଜଣେ ଗ୍ରହଣ ନକରିପାରେ କିନ୍ତୁ ତାଙ୍କର ଅସୀମ ସାହସ, ଦେଶଭକ୍ତି ତଥା ମାତୃଭୂମିର ଉଦ୍ଧାର ପାଇଁ ଚରମ ତ୍ୟାଗ ଓ ବଳିଦାନ କଥା ଚିନ୍ତାକଲାବେଳେ ହୃଦୟରେ ଅପୂର୍ବ ଶିହରଣ ସୃଷ୍ଟି ହୁଏ।

ସେ ଚିର ଅମର। ତାଙ୍କର ଅମ୍ଳାନ ସ୍ମୃତି ଆମକୁ ଶକ୍ତି, ସାହସ ଓ ପ୍ରେରଣା ଦେଉଅଛି।

●●●

# ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସ

ସାଂସାରିକ ଦୃଷ୍ଟିକୋଣରୁ ଗୋପବନ୍ଧୁଙ୍କ ଜୀବନକୁ ବିଚାରକୁ ନେଲେ ଆମେ ଦେଖିବା ଯେ ଜୀବନରେ ବହୁତ କିଛି ସେ ହରାଇ ଥିଲେ। ଜନ୍ମରୁ ଜନନୀଙ୍କୁ ହରାଇଥିଲେ, ଯୌବନରେ ପତ୍ନୀଙ୍କୁ ଏବଂ ଏକ ମାତ୍ର ପୁତ୍ରକୁ ହରାଇଥିଲେ। ବିଧାତା ଯେଭଳି ସବୁ ପ୍ରକାର ସାଂସାରିକ ବନ୍ଧନ ଛିନ୍ନ କରି ଦେଇଥିଲେ। ଯାହା ଫଳରେ ପରିବାର ବନ୍ଧନରୁ ମୁକ୍ତରହି ଦେଶବାସୀଙ୍କର ସେବାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ। ବସ୍ତୁତଃ ସମଗ୍ର ଜୀବନ ତାଙ୍କର ସମର୍ପିତ ଥିଲା ଓଡିଶାବାସୀଙ୍କ ସେବାରେ। ସେ ଥିଲେ ଏକ ବହୁମୁଖୀ ବ୍ୟକ୍ତିତ୍ୱ। ଉତ୍ସର୍ଗୀକୃତ ସ୍ୱାଧୀନତା ସଂଗ୍ରାମୀ,ନିଃସ୍ୱାର୍ଥ ଜନସେବୀ, ନିର୍ଭୀକ ସାମ୍ବାଦିକ, ସମାଜ ସଂସ୍କାରକ,କବି ଓ ଦକ୍ଷ ବ୍ୟବସ୍ଥାପକ। ସେ ଥିଲେ କୋମଳପ୍ରାଣ, ଦରଦୀ ମଣିଷ। ଯାହାର ଆଖିରୁ ପରର ଦୁଃଖ ଦେଖିଲେ ଧାରଧାର ଅଶ୍ରୁ ଝରିପଡେ। ପୁନଶ୍ଚ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଜଣେ ଅଗ୍ରଣୀ ପୁରୋଧା।ଓଡିଶାରେ ସେ ଥିଲେ କଂଗ୍ରେସର ସ୍ଥାପୟିତା।

ଓଡିଶାର ଏହି ବରପୁତ୍ରଙ୍କର ଜନ୍ମ ଭାର୍ଗବୀନଦୀ କୂଳର ଏକ ପଲ୍ଲୀ ସୁଆଣ୍ଡୋରେ ୯.୧୦.୧୯୭୭ ମସିହାରେ ହୋଇଥିଲା। ପିତାଙ୍କର ନାମ ଦୈତ୍ୟାରି ଦାସ ଓ ମାଆଙ୍କ ନାମ ସ୍ୱର୍ଣ୍ଣମୟୀ ଦେବୀ। ଜନ୍ମର ଅଳ୍ପଦିନ ପରେ ସ୍ନେହମୟୀ ଜନନୀଙ୍କୁ ହରାଇଥିଲେ। ପରବର୍ତ୍ତୀ ଜୀବନରେ ଏ କଥା ଭାବି ତାଙ୍କର ଦରଦୀ ହୃଦୟ କାନ୍ଦି ଉଠିଛି। କାରଣ ସେ ଲେଖିଛନ୍ତି, 'ଦେଖିନାହିଁ ମୁହିଁ ମାତୃ ବଦନ,ପିଇନାହିଁ ଦିନେ ମାତୃ ସ୍ତନ'।
ନଦୀ ଭାର୍ଗବୀ କୂଳରେ ବସିଲେ ଯେଭଳି ମାଆର ସାନ୍ନିଧ୍ୟ ଲାଭ କରନ୍ତି।

ଜନନୀଙ୍କୁ ହରାଇଥିଲେ, ମାତ୍ର ମାଆର ସ୍ନେହ ପାଇଥିଲେ ପିଉସୀ ନାନୀ ବାଲ୍ୟବିଧବା କମଳାଦେବୀଙ୍କ ଠାରୁ । ଏହି ମହୀୟସୀ କମଳାଦେବୀଙ୍କର ସ୍ନେହ ମମତାର କୋମଳ ସ୍ପର୍ଶ ତାଙ୍କ ପ୍ରାଣରେ ପିଲାଦିନରୁ ସଞ୍ଚରିତ କରିଥିଲା ମମତାର ପୀୟୂଷଧାରା। ପୁନଶ୍ଚ ସେ ତାଙ୍କ ମନ ଓ ପ୍ରାଣରେ ସୃଷ୍ଟି କରିପାରିଥିଲେ ଭଗବତ୍ ପ୍ରୀତି ଓ ଆଧ୍ୟାତ୍ମିକତାର ଚେତନା। ଏହାରି ଫଳରେ ସେ ଜଣେ ଉଦାର, ସମ୍ବେଦନଶୀଳ ଓ ପରପ୍ରାଣ ମଣିଷ ହୋଇ ସଂସାରରେ ପ୍ରବେଶ କରିଥିଲେ।

ପ୍ରଥମେ ସୁଆଣ୍ଡୋ ପ୍ରାଥମିକ ସ୍କୁଲରେ ସେ ପଢିଥିଲେ । ଏହା ପରେ ରୂପଦେଇପୁର ମାଇନର ସ୍କୁଲରେ ପଢ଼ିଲେ । ତତ୍‌ପରେ ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କଲେ । ପିଲାଦିନରୁ ଗୋପବନ୍ଧୁଙ୍କର କବି ପ୍ରତିଭାର ଉନ୍ମେଷ ଘଟିଥିଲା । ଏଠାରେ ସେ ପଢ଼ିଲା ସମୟରେ ଓଡିଶାର ଦୁଇଟି ପତ୍ରିକା 'ଇନ୍ଦ୍ରଧନୁ' ଓ 'ବିଜୁଳି' ଯଥାକ୍ରମେ ଉପେନ୍ଦ୍ରଭଞ୍ଜ ଓ ରାଧାନାଥ ରାୟଙ୍କର ଗୁଣଗାନ କରି ପ୍ରକାଶିତ ହେଉଥିଲା । ଗୋପବନ୍ଧୁ ଉପେନ୍ଦ୍ରଭଞ୍ଜଙ୍କର ପ୍ରଶଂସକ ଥିଲେ । ଏଣୁ ରାଧାନାଥ ରାୟଙ୍କୁ ଲକ୍ଷ୍ୟ କରି ଏକ ବ୍ୟଙ୍ଗାତ୍ମକ କବିତା ଲେଖିଥିଲେ । ଯାହା ଇନ୍ଦ୍ରଧନୁରେ ପ୍ରକାଶ ପାଇଥିଲା ଯଥା–

'ଧଡ଼ିଆ ପଣ୍ଡିତଂ ମନ୍ୟ
ବାଉରି ସାହିରେ ଶୃଗାଳ କେଶରୀ
ପରି ହେଉଥାନ୍ତି ଗଣ୍ୟ ।'

ଏ କବିତାଟି ରାଧାନାଥଙ୍କ ଦୃଷ୍ଟିକୁ ଆସିଲା । ରାଧାନାଥ ଜାଣିପାରିଲେ ଯେ ପୁରୀଜିଲ୍ଲା ସ୍କୁଲର ଜଣେ ଛାତ୍ର ଏ କବିତା ଲେଖିଛି । ଯଦି ପିଲାଦିନରୁ ଏ ପିଲା ଏତେ ଦୁଷ୍ଟ ହେଲାଣି ତେବେ ଭବିଷ୍ୟତରେ କଅଣ ନ ହେବ । ରାଧାନାଥ ଥିଲେ ଶିକ୍ଷା ବିଭାଗର ପରିଦର୍ଶକ । ଏଣୁ ସ୍କୁଲରୁ ବାହାର କରିଦେବାର ଦଣ୍ଡ ତାକୁ ମିଳିବା ଦରକାର । ତେବେ ପୁରୀ ସହରର କେତେକ ବିଶିଷ୍ଟ ବ୍ୟକ୍ତିଙ୍କର ହସ୍ତକ୍ଷେପ ଫଳରେ ଏଭଳି ଦଣ୍ଡ ଦିଆଗଲା ନାହିଁ । ମାତ୍ର ତାଙ୍କର ଛାତ୍ରବୃତ୍ତି କଟିଗଲା ।

ଗୋପବନ୍ଧୁ ଛାତ୍ର ଜୀବନରୁ ଜନସେବାରେ ନିଜକୁ ଢାଳି ଦେଇଥିଲେ । ରଥଯାତ୍ରା ସମୟରେ ପୁରୀ ଓ ଏହାର ଆଖପାଖ ଅଞ୍ଚଳରେ ମହାମାରୀ ବ୍ୟାପି ଯାଉଥିଲା । ଏଣୁ ସ୍ୱେଚ୍ଛାସେବକ ବାହିନୀ ଗଠନ କରି ସେ ସେବା କାର୍ଯ୍ୟରେ ଲାଗି ପଡୁଥିଲେ ।

୧୮୯୮ ମସିହାରେ କୃତିତ୍ୱର ସହିତ ମାଟ୍ରିକ ପାଶ୍ ପରେ ରେଭେନ୍‌ସା କଲେଜରେ ନାମ ଲେଖାଇଥିଲେ । ଏହି ରେଭେନ୍‌ସା କଲେଜରେ ପଢ଼ିବା ବେଳେ ସେ ଆଚାର୍ଯ୍ୟ ହରିହର ଓ ନୀଳକଣ୍ଠ ଦାସ ପ୍ରଭୃତିଙ୍କୁ ଗଭୀର ଭାବରେ ପ୍ରଭାବିତ କରିପାରିଥିଲେ । ନିଜର ଅନୁଭୂତି ବର୍ଣ୍ଣନା କରିବାକୁ ଯାଇ ନୀଳକଣ୍ଠ ତାଙ୍କ ଆତ୍ମଜୀବନୀରେ ଯାହା ଲେଖିଛନ୍ତି ତାହା ହେଉଛି ଯେ ଗୋପବନ୍ଧୁଙ୍କୁ ଦେଖା କରିବାକୁ ସେମାନେ ତାଙ୍କ ଗ୍ରାମ ସୁଆଣ୍ଡୋକୁ ପାଇଥିଲେ । ଗୋପବନ୍ଧୁ ଘରେ ନଥିଲେ । ଗ୍ରାମ ପାଖ ଜାଗେଶ୍ୱରୀ ମନ୍ଦିର ଠାରେ ସପ୍ତାଙ୍ଗ କରୁଥାଆନ୍ତି । ଏହାର ଅର୍ଥ ସାତଦିନ ହବିଷ କରି ଜଗନ୍ନାଥ ଦାସଙ୍କ ଭାଗବତ ଆବୃତ୍ତି କରିବା । ଏମାନେ ଯାଇ ପହଞ୍ଚିଲେ । ଭାଗବତ ପଢ଼ା ସରିଲା । ତାହାପରେ ଭୋଗ ସେବା କରାଗଲା । ଏହାପରେ ଭାର୍ଗବୀ ନଦୀ କୂଳରେ ଗୋପବନ୍ଧୁଙ୍କ ସହିତ ବରଗଛମୂଳରେ ଗୋଟିଏ ଚାଞ୍ଚ ଉପରେ ବସି ଗୋପବନ୍ଧୁଙ୍କର ଗଳ୍ପ ଶୁଣିବାରେ ଲାଗିଲେ । ପାଖ ଗ୍ରାମରେ ହଇଜା ଲାଗିଥାଏ । ଲୋକଙ୍କର

ଶବପୋଡାର ଦୃଶ୍ୟ ଅଳ୍ପ ଦୂରରେ ଦିଶୁଥାଏ ।ଏହି ଗଳ୍ପ ଭିତରେ ରାତି ପାହିଗଲା । ଗୋପବନ୍ଧୁ ଗଳ୍ପ ମାଧ୍ୟମରେ ଯୁବପ୍ରାଣକୁ ତନ୍ମୟ କରି ଦିଅନ୍ତି । ତାଙ୍କର ଏ ଶକ୍ତି ଥିଲା । ଏମାନେ ଶପଥ ନେଲେ 'ଆମେ ପାଠ ପଢ଼ି ସରକାରୀ ଚାକିରୀ କରିବା ନାହିଁ । ଦେଶ ପାଇଁ କିଛି କରିବା । ଜନ୍ମ ବେଳେ ଦେଶକୁ ଯାହା ଦେଖିଥାଉ ତା ଠାରୁ ଉନ୍ନତ ଦେଖି ମରିବା ।'

ଆଚାର୍ଯ୍ୟ ହରିହର ଦାସ, ଅନନ୍ତ ମିଶ୍ର, ନୀଳକଣ୍ଠ ଦାସ ପ୍ରଭୃତିଙ୍କ ସଙ୍ଗେ ଗୋପବନ୍ଧୁଙ୍କର ଆତ୍ମୀୟତା ବଢ଼ିଥିଲା ଓ ପରବର୍ତ୍ତୀ କାଳରେ ବିଭିନ୍ନ କ୍ଷେତ୍ରରେ ସେମାନେ ଏକାଠି ନିଷ୍ଠାର ସହ କାର୍ଯ୍ୟ କରିଥିଲେ । ୧୯୦୪ ମସିହାରେ ସେ ରେଭେନ୍‌ସା କଲେଜରୁ ବି.ଏ. ପାଶ୍ କଲେ । ଗୋପବନ୍ଧୁ ଛାତ୍ର ଜୀବନରେ ଜନସେବା କାର୍ଯ୍ୟରେ ମଧ୍ୟ ଯୋଗ ଦେଇଥିଲେ । ୧୯୦୬ ମସିହାରେ ବ୍ରାହ୍ମଣୀ ଓ ଖରସୁଆଁ ନଇବଢ଼ି ସମୟରେ ବୁଲିବୁଲି ବିପନ୍ନ ଅଞ୍ଚଳରେ ସାହାଯ୍ୟ କାର୍ଯ୍ୟ କରୁଥିଲେ ।

୧୯୦୬ ମସିହାରେ ଗୋପବନ୍ଧୁ ନୀଳଗିରି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ହେଲେ । ଆଚାର୍ଯ୍ୟ ହରିହର ତାଙ୍କର ସହକର୍ମୀ ଥାଆନ୍ତି । ଏହି ସମୟରେ ଦିନେ ରାତିରେ ଗୋଟିଏ ସ୍ୱପ୍ନ ଦେଖିଲେ ଯେ ତାଙ୍କର ସ୍ତ୍ରୀ ତାଙ୍କୁ ଛାଡ଼ି ଚାଲି ଯାଇଛନ୍ତି । ସକାଳୁ ଉଠି ହରିହରଙ୍କୁ ଏକଥା କହିଲେ । ହରିହର ତାଙ୍କୁ ବୁଝାଇଦେଲେ ଯେ ସେ ଘରକଥା ଭାବୁ ଥିବାରୁ ଏଭଳି ଏକ ସ୍ୱପ୍ନ ଦେଖିଲେ । ତେବେ ସେଦିନ ଗୋପବନ୍ଧୁ ଦୁଇଟି ଟେଲିଗ୍ରାମ ପାଇଲେ । ଗୋଟିଏ ଥିଲା କଲିକତାରୁ ଓକିଲାତି ପାସ୍ ଖବର ଏ ଅନ୍ୟଟି ଥିଲା ତାଙ୍କର ପତ୍ନୀ ମୋତିଦେବୀଙ୍କର ପରଲୋକ ।

୧୯୦୯ ମସିହାରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପରାମର୍ଶ କ୍ରମେ ମୟୂରଭଞ୍ଜ ରାଜ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ରଭଞ୍ଜଙ୍କର ଆଇନ ପରାମର୍ଶ ଦାତା ହେଲେ । ୧୯୧୨ ମସିହା ପର୍ଯ୍ୟନ୍ତ ସେ ସେଠାରେ ରହିଥିଲେ । ସେ ସେଠାରେ ଗୋଟିଏ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ । ତେବେ ଏହି ସମୟରେ ଗୋଟିଏ ଦୁର୍ଘଟଣା ଘଟିଥିଲା । ମହାରାଜା ନିଜର ଶାଳକ ସହିତ ଜଙ୍ଗଲକୁ ଶୀକାର କରିବାକୁ ଯାଇଥିଲେ । ଭୁଲବଶତଃ ତାଙ୍କର ଶଳା ମହାରାଜାଙ୍କୁ ଦୂରରୁ ଦେଖି ଭାଲୁ ଭାବି ଗୁଳିବିଦ୍ଧ କରିଥିଲେ । ୧୯୧୨ ମସିହାରେ ଏହା ଘଟିଥିଲା । ମହଜାରାଜାଙ୍କ ମୃତ୍ୟୁ ହେଲା । ମହାରାଜାଙ୍କର ମୃତ୍ୟୁ ଓ ଅନ୍ୟାନ୍ୟ କାରଣରୁ ଗୋପବନ୍ଧୁ ସେ ସ୍ଥାନ ତ୍ୟାଗ କଲେ ।

ଗୋପବନ୍ଧୁଙ୍କର ଜୀବନର ଲକ୍ଷ୍ୟ ଥିଲା ଏକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା । ସେହି ଉଦ୍ଦେଶ୍ୟ ରଖି ସେ ସାକ୍ଷିଗୋପାଳର ବନ ବିଦ୍ୟାଳୟ ନୀଳକଣ୍ଠ ଦାସଙ୍କ ସହିତ ମିଶି ସ୍ଥାପନ କରିଥିଲେ । ୧୯୦୯ ମସିହାରେ ଏମ.ଇ. ସ୍କୁଲ ପ୍ରତିଷ୍ଠା କଲେ । ପରେ ୧୯୧୨

ମସିହା ବେଳକୁ ଏହା ହାଇସ୍କୁଲରେ ପରିଣତ ହେଲା । ଗୋପବନ୍ଧୁଙ୍କର ଉଦ୍ଦେଶ୍ୟ ଥିଲା ଏହି ଅନୁଷ୍ଠାନ ଚରିତ୍ରବାନ୍ ଓ ଦେଶଭକ୍ତ ଛାତ୍ରଙ୍କୁ ସୃଷ୍ଟି କରିବ । ଏହି ଅନୁଷ୍ଠାନରେ ଯୋଗ୍ୟ ଓ ତ୍ୟାଗୀ ଶିକ୍ଷକମାନେ ଶିକ୍ଷାଦାନ କରୁଥିଲେ । ସେମାନେ ହେଲେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, କୃପାସିନ୍ଧୁ ମିଶ୍ର ଓ ଲିଙ୍ଗରାଜ ମିଶ୍ର ପ୍ରଭୃତି । ଏମାନେ ଥିଲେ ଉଚ୍ଚଶିକ୍ଷିତ କିନ୍ତୁ ସରକାରୀ ଚାକିରିର ମୋହତ୍ୟାଗ କରି କମ ଦରମାରେ ଏଠାରେ କାର୍ଯ୍ୟ କରୁଥିଲେ । ବିଦ୍ୟାଳୟଟି ପ୍ରଥମେ ୧୯ ଜଣ ଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିଲା । କିନ୍ତୁ ଏହାର ଖ୍ୟାତି ଦିନକୁ ଦିନ ବଢିବାକୁ ଲାଗିଲା ଓ ପ୍ରାୟ ସାତଶହ ଛାତ୍ର ଏଥିରେ ଯୋଗଦେଲେ । ଏହି ଅନୁଷ୍ଠାନରେ ଜାତିଭେଦ ନଥିଲା । ସମସ୍ତେ ଏକା ପଂକ୍ତିରେ ବସି ଭୋଜନ କରୁଥିଲେ । ତେବେ କେହି ଜଣେ ରକ୍ଷଣଶୀଳ ଦୁର୍ବୃତ୍ତ ଏ ଅନୁଷ୍ଠାନର ଚାଳଘରେ ନିଆଁ ଲଗାଇଦେଲା । ଅନୁଷ୍ଠାନର ବୃହତ ଅଂଶ ପୋଡିଗଲା । ଲାଇବ୍ରେରୀର ବହୁତ ବହି ପୋଡିଗଲା । ଗୋପବନ୍ଧୁ ଏ ସମ୍ବାଦ ପାଇ ବାରିପଦାରୁ ଆସିଲେ । ସେ ଏଥିରେ ଭାଙ୍ଗିପଡି ନଥିଲେ । ସେ ସାହସ ଦେଇ କହିଲେ ଯେ ଚାଳଘର ପୋଡିଗଲା ସିନା ଏଠାରେ କୋଠାଘରଟିଏ ଗଢା ହେବ । ଏଥିପାଇଁ ସେ ଲାଗିପଡି ଥିଲେ । ଏ କ୍ଷେତ୍ରରେ ବହୁ ବଦାନ୍ୟବ୍ୟକ୍ତି ସାହାଯ୍ୟ କରିଥିଲେ । ପରିଶେଷରେ ଏକ ବିରାଟ କୋଠାଘର ଗଢ଼ି ଉଠିଲା । ଗୋପବନ୍ଧୁଙ୍କର ଧର୍ଯ୍ୟ ଓ ସାହାସର ତୁଳନା ନାହିଁ ।

ଏହି ଅନୁଷ୍ଠାନରେ ଶିକ୍ଷକମାନେ ଜଣେ ଜଣେ ସାରସ୍ୱତ ସାଧକ ଥିଲେ । ଗୋଦାବରୀଶ ଓ ନୀଳକଣ୍ଠଙ୍କ ରଚନା ଓଡିଆ ସାହିତ୍ୟକୁ ଚୁଦ୍ଧିମନ୍ତ କରିଛି । କୃପାସିନ୍ଧୁ ଜଣେ ବିରାଟ ଐତିହାସିକ ଥିଲେ । ସତ୍ୟବାଦୀ ଅନୁଷ୍ଠାନରୁ ସାହିତ୍ୟଭିତ୍ତିକ ପତ୍ରିକା 'ସତ୍ୟବାଦୀ' ପ୍ରକାଶିତ ହେଉଥିଲା । ଏହି ସାରସ୍ୱତ ସାଧକଙ୍କର ସାହିତ୍ୟ ସମ୍ଭାର ସତ୍ୟବାଦୀ ଯୁଗର ଗୌରବ ।

ଗୋପବନ୍ଧୁ ଦାସଙ୍କ ପ୍ରଚେଷ୍ଟାରେ 'ସମାଜ' ପତ୍ରିକା ପ୍ରକାଶିତ ହେଲା ୧୯୧୯ ମସିହାରେ । ପ୍ରଥମେ ଏହା ସାପ୍ତାହିକ ଥିଲା । ପରେ ଏହା ଦୈନିକ ହେଲା । ଏହାର ପରିଚାଳନା ଦାୟିତ୍ୱ ନେବା ପାଇଁ ସେ ରାଧାନାଥ ରଥଙ୍କୁ ଚାଇଁବସାରୁ ଆଣିଥିଲେ । ସେ ଜଙ୍ଗଲ ବିଭାଗରେ କାର୍ଯ୍ୟ କରୁଥିଲେ । ଗୋପବନ୍ଧୁ ତାଙ୍କ ଯୋଗ୍ୟତାରେ ମୁଗ୍ଧ ହୋଇ ତାଙ୍କୁ ସାକ୍ଷିଗୋପାଳ ଆଣିଲେ । ସମାଜର ଦିୟିତ୍ୱ ତାଙ୍କୁ ଅର୍ପଣ କଲେ । ରାଧାନାଥ ରଥଙ୍କ ପ୍ରଚେଷ୍ଟାରେ ଏହାର ଉତ୍ତରୋତ୍ତର ଉନ୍ନତି ଘଟିଲା । ୧୯୨୭ରେ ଏ ପ୍ରେସ୍ କଟକ ଉଠି ଆସିଲା ।

ଗୋପବନ୍ଧୁ ଦାସ ସତ୍ୟବାଦୀରେ ଯେଉଁ ବନବିଦ୍ୟାଳୟ ଗଢିଥିଲେ ତାହାର ଖ୍ୟାତି ଦିନକୁ ଦିନ ବଢିବାକୁ ଲାଗିଲା । ଭାରତର ବହୁ ବିଶିଷ୍ଟ ବ୍ୟକ୍ତି ଏ ଅନୁଷ୍ଠାନ ଦେଖି ମୁଗ୍ଧ ହୋଇ ଏହାର ଉଚ୍ଚ ପ୍ରଶଂସା କରୁଥିଲେ । ଏଠାକୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ

ଥିଲେ ମହାତ୍ମାଗାନ୍ଧି, ସାର ଆଶୁତୋଷ ମୁଖାର୍ଜୀ, ବିହାର ଓଡିଶାର ଗଭର୍ଣ୍ଣର ଜେନେରାଲ ଏଡୁଆଟ୍ ଗେଟ୍, ମଧୁସୂଦନ ଦାସ, ଫକୀର ମୋହନ ସେନାପତି ପ୍ରଭୃତି। ଏ ଅନୁଷ୍ଠାନକୁ ଦେଖି ମଧୁବାବୁ ଏତେ ଖୁସି ହୋଇ ଗଲେ ଯେ ସେ ଗୋପବନ୍ଧୁଙ୍କୁ କୁଣ୍ଢାଇ ପକାଇ କହିଲେ ଯେ, ଗୋପବନ୍ଧୁ ତୁମେ ନାଳନ୍ଦାଟାଏ ଗଢିଦେଲ! ଗୋପବନ୍ଧୁ କହିଲେ, 'ମୁଁ ନୁହେଁ, ନୀଳକଣ୍ଠ'। କିନ୍ତୁ ଏ ଅନୁଷ୍ଠାନ ଦୀର୍ଘସ୍ଥାୟୀ ହୋଇ ପାରିନଥିଲା। ଗୋପବନ୍ଧୁ ଯେତେବେଳେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ ତାଙ୍କର ପ୍ରେରଣାରେ ତାଙ୍କର ସହକର୍ମୀମାନେ ମଧ୍ୟ ଯୋଗଦେଲେ। ଫଳରେ ଏ ଅନୁଷ୍ଠାନ ନିଜର ପ୍ରତିଷ୍ଠା ହରାଇଲା। ୧୯୨୬ ମସିହା ବେଳକୁ ଏହା ବନ୍ଦ ହୋଇଯାଇଥିଲା।

୧୯୧୭ ରୁ ୧୯୨୦ ମସିହା ପର୍ଯ୍ୟନ୍ତ ଗୋପବନ୍ଧୁ ବିହାର-ଓଡିଶା କାଉନ୍‌ସିଲ୍‌ର ସଭ୍ୟ ଥିଲେ। ଏହି ସମୟରେ ଓଡିଶାର ଆର୍ଥିକ ଦୁର୍ଗତି, ଜନସାଧାରୀଙ୍କର ଶୋଚନୀୟ ଅବସ୍ଥା ବିଷୟ ନିଜର ବଳିଷ୍ଠ ଯୁକ୍ତି ମାଧ୍ୟମରେ ଉପସ୍ଥାପନ କରି ସରକାରଙ୍କର ଦୃଷ୍ଟି ଏଥିପ୍ରତି ଆକର୍ଷଣ କରିବାରେ ସେ ସମର୍ଥ ହୋଇଥିଲେ।

ସେ ସମୟରେ ପୁରୀ ଅଞ୍ଚଳରେ ଭୀଷଣ ଦୁର୍ଭିକ୍ଷ ପଡିଥାଏ। ଏହାକୁ 'ଡାଭାର ଦୁର୍ଭିକ୍ଷ' ବୋଲି କୁହାଯାଏ। ଏହା ନଅଙ୍କ ଦୁର୍ଭିକ୍ଷ ଭଳି ଆତଙ୍କ ଖେଳାଇ ଦେଇଥିଲା। ବହୁଲୋକ ଏଥିରେ ମରି ଯାଇଥିଲେ। ଗୋପବନ୍ଧୁଙ୍କ ଅନୁରୋଧରେ ନିଜେ ଲାଟ୍ ସାହେବ ଏ ଅଞ୍ଚଳ ବୁଲି ଲୋକଙ୍କ ଦୁଃଖଦେଖି ମ୍ରିୟମାଣ ହୋଇପଡି କହିଥିଲେ, 'What ought to have been done has not been done' (ଯାହା କରିବାର ଥିଲା କରାଯାଇନାହିଁ)। ଗୋପବନ୍ଧୁ କାଉନସିଲ୍‌ରେ ଏ ପ୍ରସଙ୍ଗ ଉଠାଇଲା ବେଳେ କାନ୍ଦି ପକାଇଥିଲେ। ଲୋକମାନେ ଖାଉଥିବା ମୁଠି ଶାଗ ସେ ସେଠାରେ ଦେଖାଇ ସମସ୍ତଙ୍କ ଦୃଷ୍ଟି ଏଥିପ୍ରତି ଆର୍କଷଣ କରିଥିଲେ।

୧୯୨୦ ମସିହାରେ କଲିକତାରେ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ଅଧିବେଶନରେ ଗୋପବନ୍ଧୁ ଯୋଗଦେଲେ। ସେଠାରୁ ଫେରି ଓଡିଶାରେ କଂଗ୍ରେସ କମିଟି ଗଢି ନିଜେ ତାର ସଭାପତି ରହିଲେ ଓ ଶ୍ରୀ ଭାଗୀରଥି ମହାପାତ୍ରଙ୍କୁ ତାର ସାଧାରଣ ସମ୍ପାଦକ ରଖିଲେ। ୧୯୨୧ ମସିହାରେ ମହାତ୍ମାଗାନ୍ଧି ଗୋପବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଓଡିଶା ଆସିଥିଲେ। ମାର୍ଚ୍ଚ ୨୩ ତାରିଖ ଦୋଳପୂର୍ଣ୍ଣିମା ଦିନ କଟକର କାଠଯୋଡି ନଈ ବାଲିରେ ସଭା ହେଲା। ଏହି ସଭାରେ ଗୋପବନ୍ଧୁ ମହାତ୍ମାଗାନ୍ଧିଙ୍କ ହିନ୍ଦି ଭାଷଣକୁ ଓଡିଆରେ ଅନୁବାଦ କରି ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଦେଉଥିଲେ। ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ରାଧାନାଥ ରଥ, ହରେକୃଷ୍ଣ ମହତାବ ପ୍ରଭୃତି ଏ ସଭାରେ

ଯୋଗଦେଇଥିଲେ । ଗୋପବନ୍ଧୁ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ । ସେ ୧୯୨୨ ରୁ ୧୯୨୪ ପର୍ଯ୍ୟନ୍ତ ହାଜାରିବାଗ ଜେଲରେ ବନ୍ଦୀ ଜୀବନ କାଟିଥିଲେ । ଗୋପବନ୍ଧୁ ଥିଲେ ଜଣେ ନିର୍ଭୀକ ସାମ୍ବାଦିକ । 'ସମାଜ' ଜନସାଧାରଣଙ୍କର ବିଭିନ୍ନ ସମସ୍ୟାକୁ ପ୍ରକାଶ କରି ସରକାରଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା । ଅସହଯୋଗ ଆନ୍ଦୋଳନର ବାର୍ତ୍ତା ଓଡିଶାର ପୁରପଲ୍ଲୀରେ ପହଞ୍ଚାଇ ପାରୁଥିଲା । ଏଣୁ ବହୁ ସମୟରେ ଏହା ସରକାରଙ୍କର କୋପଦୃଷ୍ଟିର ଶରବ୍ୟ ହେଉଥିଲା । ଏଥିପାଇଁ ଗୋପବନ୍ଧୁ ଦାସ ଜେଲ ମଧ୍ୟ ଯାଇଥିଲେ । ୧୯୨୧ ମସିହାରେ 'ସତ୍ୟ ହୋଇଥିଲେ ସାଂଘାତିକ' ଶୀର୍ଷକ ସଂପାଦକୀୟରେ ବେଗୁନିଆ ଥାନା ପୁଲିସଙ୍କ ଆଚରଣର ସମାଲୋଚନ କରାଯାଇଥିବାରୁ ଗୋପବନ୍ଧୁଙ୍କ ନାମରେ ମୋକଦ୍ଦମା ହେଲା । ଜଣେ ନିଷ୍ପାପର ଅସହଯୋଗୀ ଭାବରେ ସେ ମୋକଦ୍ଦମା ଲଢିଲେ ନାହିଁ । ହାଜତରେ ବିଚାରାଧୀନ କଏଦୀ ଭାବେ ତାଙ୍କୁ ମାସେ କାଳ ରହିବାକୁ ପଡିଲା । ନେତାଜୀ ସୁବାଷଚନ୍ଦ୍ର ବୋଷଙ୍କର ବଡଭାଇ ଶ୍ରୀ ସୁରେଶ ଚନ୍ଦ୍ର ବୋଷ ଖୋର୍ଦ୍ଧାରେ ମାଜିଷ୍ଟ୍ରେଟ ଥିଲେ । ତାଙ୍କରି କୋର୍ଟରେ ବିଚାର ହେଲା । ଗୋପବନ୍ଧୁ ନିର୍ଦ୍ଦୋଷରେ ଖଲାସ ହେଲେ ।

୧୯୨୨ ମସିହାରେ କନିକାର ପ୍ରଜାମାନେ ଜମିଦାରଙ୍କ ଅତ୍ୟାଚାର ବିରୁଦ୍ଧରେ ଆନ୍ଦୋଳନ କଲେ । କିନ୍ତୁ ସେମାନେ ପୁଲିସ୍ ଗୁଳିର ଶୀକାର ହେଲେ । ସେତେବେଳେ ସମାଜ ପୃଷ୍ଠାରେ 'ଦୁଃଖିନୀ କନିକା' ନାମରେ ଏହାର ବିବରଣୀ ପ୍ରକାଶ ପାଇଲା । ସମାଜ ବିରୁଦ୍ଧରେ ମୋକଦ୍ଦମା ହେଲା । ଗୋପବନ୍ଧୁ ଗିରଫ ହେଲେ । ତେବେ ମୋକଦ୍ଦମା ଯୋଗୁଁ ସତ୍ୟ ଘଟଣା ପ୍ରକାଶ ପାଇଯିବ ଏହା ବିଚାର କରି ସରକାର ମୋକଦ୍ଦମା ଉଠାଇ ଦେଲେ । ତେବେ ଅନ୍ୟ ଏକ ଅଭିଯୋଗରେ ଗୋପବନ୍ଧୁଙ୍କୁ ୧୯୨୨ ରେ ଗିରଫ କରାଯାଇ ବନ୍ଦୀ ଭାବେ ହାଜାରିବାଗ ଜେଲରେ ରଖାଗଲା । ଗୋପବନ୍ଧୁ ନିର୍ଭୀକ ଥିଲେ । ଓଡିଶାର ଉନ୍ନତି ତାଙ୍କ ଜୀବନର ସ୍ୱପ୍ନ ଥିଲା । ସେ ଉତ୍କଳ ସମ୍ମିଳନୀ ସହିତ ମୂଳରୁ ଜଡିତ ଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ତାଙ୍କର ସ୍ୱପ୍ନ ଥିଲା । ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ପାଇଁ ସେ ଉଦ୍ୟମ କରୁଥିଲେ । ଚାଇଁବସା ଓ ଚକ୍ରଧରପୁରକୁ ବାରମ୍ବାର ଯାଉଥିଲେ । ଚକ୍ରଧରପୁରରେ ଗୋଟିଏ ହାଇସ୍କୁଲ ବସାଇ ଗୋଦାବରୀଶ ମିଶ୍ରଙ୍କୁ ପ୍ରଧାନ ଶିକ୍ଷକ କରିଥିଲେ । ଦୁର୍ଭାଗ୍ୟର ବିଷୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସେ ଦେଖିପାରି ନଥିଲେ । ୧୯୨୮ ମସିହାରେ ସେ ଏ ସଂସାରରୁ ବିଦାୟ ନେଇଥିଲେ ।

ଗୋପବନ୍ଧୁ ଦାସଙ୍କର ଜନସେବା ତାଙ୍କୁ ଚିର ଅମର କରିପାରିଛି । ବନ୍ୟା, ବାତ୍ୟା, ମହାମାରୀ, ଘରପୋଡି ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦେବଦୂତ ଭଳି ସେ ଲୋକମାନଙ୍କ ପାଖରେ ପହଞ୍ଚି ଯାଉଥିଲେ । ବନ୍ୟା ସମୟରେ ନୌକା ଉପରେ ବସି ଯାଇ ଥାଆନ୍ତି । ମୁଣ୍ଡରେ ଗାମୁଛାଟିଏ ଥାଏ । ବେଳେବେଳେ ପ୍ରବଳ ବର୍ଷା ହେଉଥାଏ । ସେଥିକି ଖାତିରି

ନାହିଁ। ମାଇଲ ମାଇଲ ବାଟ ପାଦରେ ଚାଲୁ ଥାଆନ୍ତି। ରାତି ହେଲେ କାହା ଦୁଆରେ ଚାଞ୍ଚଟିଏ ପକାଇ ଶୋଇ ପଡୁଥାଆନ୍ତି। ଖାଦ୍ୟ କହିଲେ ଚୁଡ଼ା ଓ ଗୁଡ଼ରେ ତାଙ୍କର ଚଳିଯାଏ। ମଶା ଡାଉଁଶଙ୍କ ଉପଦ୍ରବ ସମ୍ଭାଳୁ ଥାଆନ୍ତି। ପର ଦୁଃଖ ଦେଖିଲେ ଆଖିରୁ ଧାର ଧାର ଲୁହ ବହିଯାଏ।

ସେ ଥିଲେ କବିପ୍ରାଣ। ଜାତୀୟ ଆନ୍ଦୋଳନରେ ଯୋଗଦେଇ ଓ ସମାଜ ସେବାରେ ବ୍ୟସ୍ତ ରହି ସାରସ୍ୱତ ସାଧନା କ୍ଷେତ୍ରରେ ଅଧିକ ସମୟ ଦେଇ ପାରିନଥିଲେ। ତେବେ ସେ ଅନନ୍ୟ କବି ପ୍ରତିଭାର ଅଧିକାରୀ ଥିଲେ। ତାଙ୍କର ସାରସ୍ୱତ ସମ୍ଭାର ଗୁଡ଼ିକ-

୧) ଅବକାଶ ଚିନ୍ତା ୨) କାରା କବିତା
୩) ବନ୍ଦୀର ଆତ୍ମକଥା ୪) ଧର୍ମପଦ
୫) ନଚିକେତା ଉପାଖ୍ୟାନ ୬) ଗୋମାହାତ୍ମ୍ୟ

ଉତ୍କଳ ଭାରତୀଙ୍କ ସାରସ୍ୱତ ଭଣ୍ଡାରର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ରତ୍ନ। ଗୋପବନ୍ଧୁଙ୍କ କବିତାର ବହୁ ପଂକ୍ତି ସ୍ୱତଃସ୍ଫୁର୍ତ ଭାବେ ମୁଖରୁ ବାହାରି ଥାଏ।

ଓଡିଶାର ଜନସାଧାରଣଙ୍କ ସେବା ଓ ଜାତୀୟ ଆନ୍ଦୋଳନର ସଂଘର୍ଷମୟ ଜୀବନର ଭାର ସେ ସମ୍ଭାଳି ପାରିଲେ ନାହିଁ। ଅତ୍ୟଧିକ ପରିଶ୍ରମ ଫଳରେ ଶରୀର ଦୁର୍ବଳ ହୋଇ ପଡିଲା। ଲାହୋର ଅଧିବେଶନରୁ ଫେରିଲା ପରେ ଜ୍ୱର ଆରମ୍ଭ ହେଲା। ସେ ଟାଇଫଏଡ୍‌ରେ ମାସାଧିକ କାଳ ପଡିଲେ। ତେବେ ଚିକିତ୍ସା ଫଳରେ ଦେହ ଭଲ ହେଲା। କିନ୍ତୁ ସେ ଯଦି ପୂର୍ଣ୍ଣ ବିଶ୍ରାମ ନେଇଥାଆନ୍ତେ ତେବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥାଆନ୍ତେ। ମାତ୍ର ଏହି ସମୟରେ କଲିକତାରେ ଶ୍ରମିକ ସଂଗଠନ କାମରେ ତାଙ୍କୁ ଯିବାକୁ ପଡିଲା। ଏଠାରେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ସଂଗଠନ କାର୍ଯ୍ୟରେ ବ୍ୟସ୍ତ ରହିଲେ। ଜ୍ୱର ଲେଉଟିଲା। ସାକ୍ଷିଗୋପାଳ ଫେରି ଆସିଲେ। ମାତ୍ର ଦେହ ଆଉ ଭଲ ହେଲା ନାହିଁ।

୧୯୨୮ ମସିହା ଜୁନ ମାସ ୧୭ ତାରିଖ ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ନେତ୍ର ଉତ୍ସବ ଦିନ ସେ ଧରାଧାମରୁ ବିଦାୟ ନେଲେ। ତେବେ ମୃତ୍ୟୁର ଅଳ୍ପ ସମୟ ପୂର୍ବରୁ ତାଙ୍କ ଶେଷ ଇଚ୍ଛାପତ୍ରରେ ସମାଜ ଓ ସତ୍ୟବାଦୀ ପ୍ରେସକୁ ଲୋକ ସେବକ ମଣ୍ଡଳ ନାମରେ ଉଇଲ୍ କରିଦେଲେ।

ପୁଣ୍ୟଶ୍ଳୋକ ଗୋପବନ୍ଧୁ ପ୍ରାତଃ ସ୍ମରଣୀୟ ମହାପୁରୁଷ। ତାଙ୍କର ସମଗ୍ର ଜୀବନ ଦେଶ ଓ ଜାତିପ୍ରତି ସମର୍ପିତ ଥିଲା। ସେ ଚିର ନମସ୍ୟ। ତାଙ୍କରି ଉକ୍ତି ତାଙ୍କରି କ୍ଷେତ୍ରରେ ପ୍ରଯୁଜ୍ୟ। ଯଥା-

'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ।
କର୍ମେ ଜୀଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ।'

●●●

# ସୁଭାଷଚନ୍ଦ୍ର ବୋଷ

## (ଜୀବନର ଆଦ୍ୟ ଭାଗ)

ସୁଭାଷଚନ୍ଦ୍ର ବୋଷ ଅଷ୍ଟ୍ରିଆରେ ଥିବା ସମୟରେ ୧୯୩୭ ମସିହାରେ ତାଙ୍କର ଆତ୍ମ ଜୀବନୀ ଲେଖିଥିଲେ। ମାତ୍ର ଏ ପୁସ୍ତକଟି ଅସଂପୂର୍ଣ୍ଣ ଭାବେ ରହିଥିଲା। ଏଥିରେ ସେ କଟକରେ ତାଙ୍କର ବାଲ୍ୟଜୀବନ, କଲିକତାର ପ୍ରେସିଡେନସି ଓ ସ୍କଟିସଚର୍ଚ୍ଚ କଲେଜରେ ଛାତ୍ର ଜୀବନ, ଇଂଲଣ୍ଡରେ ଆଇ.ସି.ଏସ୍ ପରୀକ୍ଷାରେ ସଫଳତା ଓ ଏଥିରୁ ଇସ୍ତଫା ଦେବା ବିଷୟ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି। ଏହା ପାଠକଲେ ତତ୍କାଳୀନ ଓଡିଶା ଓ ଭାରତର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ପରିସ୍ଥିତି ବିଷୟରେ ପାଠକ ମନରେ ସମ୍ୟକ୍ ଧାରଣା ଜାତ ହେବ।

ସୁଭାଷ ତାଙ୍କର ପରିବାର ସଂପର୍କରେ ବହୁତ କିଛି ଲେଖିଛନ୍ତି। ତାଙ୍କର ପିତାଙ୍କ ନାମ ଜାନକୀନାଥ ବୋଷ ଓ ମାତାଙ୍କ ନାମ ପ୍ରଭାବତୀ ଦେବୀ। ସେମାନଙ୍କ ପୂର୍ବ ପୁରୁଷ ବଙ୍ଗଳାର ମହୀନଗରରେ ବାସ କରୁଥିଲେ। ପରବର୍ତ୍ତୀ ସମୟରେ ସେମାନେ କୋଦାଲିଆ ନାମକ ସ୍ଥାନକୁ ଚାଲି ଆସିଥିଲେ। ଏହିଠାରେ ୧୮୬୦ ମସିହାରେ ଜାନକୀନାଥଙ୍କର ଜନ୍ମ ହୋଇଥିଲା। ସେ ଭଲ ପଢୁଥିଲେ। କଲିକତାରେ ପାଠପଢି ଏଣ୍ଟ୍ରାନ୍ସ ପାସ୍‌କଲେ। ତା'ପରେ ନିଜର ବଡଭାଇ ଦେବେନ୍ଦ୍ରନାଥ ବୋଷଙ୍କ ସହିତ କଟକ ଆସିଥିଲେ। ରେଭେନ୍ସା କଲେଜରୁ ଏଫ.ଏ ଓ ବି.ଏ କୃତିତ୍ୱର ସହ ପାସ୍ କଲେ। କିନ୍ତୁ ଓକିଲାତି ପଢିବାକୁ କଲିକତା ଯାଇଥିଲେ। ସେଠାରେ ଓକିଲାତି ପାସ୍ କରି ୧୮୮୫ ମସିହାରେ କଟକ ଆସି ଏଠାରେ ଆଇନ ବ୍ୟବସାୟ ଆରମ୍ଭ କଲେ। ଓକିଲାତିରେ ସେ ବିଶେଷ ସଫଳତା ଲାଭ କଲେ ଓ ଏଥିରେ ତାଙ୍କର ରୋଜଗାର ମଧ୍ୟ ଭଲ ହେଉଥିଲା। ପରେ ସେ କିଛିକାଳ ପାଇଁ ସରକାରୀ ଓକିଲ ମଧ୍ୟ ହୋଇଥିଲା।

ସୁଭାଷ ତାଙ୍କର ପଷ୍ଠ ପୁତ୍ର ଓ ନବମ ସନ୍ତାନ। ସୁଭାଷଙ୍କ ଜନ୍ମ ୧୮୯୭ ମସିହାରେ ହୋଇଥିଲା। ତାଙ୍କର ଅନେକ ଭାଇଭଉଣୀ ଥିଲେ ଓ ତାଙ୍କର ବନ୍ଧୁବାନ୍ଧବମାନେ ଓଡିଶା ଆସିଲେ ତାଙ୍କ ଘରେ ରହୁଥିଲେ। ଏଣୁ ଏକ ଗହଳି ଓ ବୃହତ୍ ପରିବାରରେ ସେ ବଢିଥିଲେ। ସୁଭାଷଙ୍କୁ ଯେତେବେଳେ ୫ବର୍ଷ ହୋଇଥିଲା, ତାଙ୍କ ନାମ ମିସନାରୀ ସ୍କୁଲରେ ଲେଖାଇ

ଦିଆଗଲା । ପ୍ରତିଦିନ ଘୋଡାଗାଡିରେ ବସି ସେ ସ୍କୁଲକୁ ଯାଉଥିଲେ । ଏ ସ୍କୁଲରେ ତାଙ୍କୁ ପଢାଇବାର ଉଦ୍ଦେଶ୍ୟ ଥିଲା ଯେ ତାଙ୍କର ଇଂରାଜୀ ଜ୍ଞାନ ଖୁବ୍ ଭଲ ହେବ । ଏଠାରେ ଆଙ୍ଗ୍ଲୋଇଣ୍ଡିଆନ୍ ପିଲାମାନେ ବେଶି ସଂଖ୍ୟାରେ ପଢୁଥିଲେ । ଏହି ଅନୁଷ୍ଠାନରେ ପାଠପଢା ଅପେକ୍ଷା କ୍ରୀଡା ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ଏଠାରେ ସେ ଅନ୍ୟମାନଙ୍କ ସହିତ ମିଶି ଆନନ୍ଦରେ ପାଠ ପଢୁଥିଲେ । ମାତ୍ର ବୟସ ବୃଦ୍ଧି ସଙ୍ଗେସଙ୍ଗେ କେତେକ କାରଣରୁ ତାଙ୍କର ଏ ଅନୁଷ୍ଠାନ ପ୍ରତି ବିତୃଷ୍ଣା ଭାବ ଆସିଗଲା । ସେ ଲକ୍ଷ୍ୟକଲେ ଯେ ଏଠାରେ ଭାରତୀୟ ଓ ଇଂଲଣ୍ଡରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଛବିଚାର କରା ଯାଉଥିଲା । ପ୍ରଥମତଃ ବାଇବେଲ ଘୋଷିବାକୁ ପଡୁଥିଲା । ଇଂଲଣ୍ଡର ଇତିହାସ ଓ ଭୂଗୋଳ ପଢ଼ିବାକୁ ପଡୁଥିଲା ମାତ୍ର ଭାରତବର୍ଷ ସଂପର୍କରେ କିଛି ପଢ଼ା ଯାଉ ନ ଥିଲା । ସ୍କଲାରସିପ୍ ପରୀକ୍ଷା ଭାରତୀୟମାନେ ଦେଇପାରୁନଥିଲେ । ରାଇଫଲ୍ ଚାଳନା ଶିକ୍ଷା ସେମାନଙ୍କୁ ଦିଆଯାଉ ନଥିଲା । ଭାରତୀୟ ସଂସ୍କୃତି ତଥା ମହାପୁରୁଷଙ୍କ ବିଷୟରେ ସେମାନେ ସ୍କୁଲ୍‌ରେ କିଛି ପଢୁନଥିଲେ । ବିଦେଶ ସଂସ୍କୃତି ବିଷୟରେ ବହୁତ ପଢୁଥିଲେ । ଏହି ଭେଦଭାବ ଯୋଗୁ ଏ ଅନୁଷ୍ଠାନ ପ୍ରତି ମନରେ ତାଙ୍କର ତିକ୍ତତା ଆସି ଯାଇଥିଲା । ସୁଭାଷ ଥିଲେ ଜାତୀୟତାବାଦୀ, ପିଲାଦିନରୁ ଏଗୁଣ ତାଙ୍କଠାରେ ପରିଲକ୍ଷିତ ହେଉଥିଲା । ଏଣୁ ୭ବର୍ଷ ପରେ ଏ ଅନୁଷ୍ଠାନ ସେ ଛାଡ଼ିଦେଲେ । ସେ ଚାହିଁଲେ ଓଡ଼ିଆ ସ୍କୁଲରେ ପଢ଼ିବାକୁ । ଏଣୁ ତାଙ୍କର ନାମଲେଖା କଟକର ରେଭେନ୍ସା କଲେଜିଏଟ୍‌ରେ ହେଲା ।

କଲେଜିଏଟ୍ ସ୍କୁଲର ବାତାବରଣ ତାଙ୍କୁ ବହୁତ ଭଲ ଲାଗିଲା ।ଏଠାରେ ଓଡ଼ିଆ ଛାତ୍ର ଓ ବଙ୍ଗୀୟ ଛାତ୍ର ପଢୁଥିଲେ । କାହା ମନରେ ସଂକୀର୍ଣ୍ଣ ଆଞ୍ଚଳିକ ଭାବ ନଥିଲା । ସମସ୍ତେ ମିଳିମିଶି ପାଠ ପଢୁଥିଲେ । ଏହି ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଥିଲେ ବେଣୀମାଧବ ଦାସ । ସୁଭାଷ ତାଙ୍କୁ ବହୁତ ଭକ୍ତି କରୁଥିଲେ । ସେ ଜଣେ ମହାନ୍ ବ୍ୟକ୍ତି ଥିଲେ ଏବଂ ସୁଭାଷ ତାଙ୍କରି ଭିତରେ ଦେଖି ପାରିଥିଲେ ଜଣେ ଆଦର୍ଶ ଗୁରୁ । ତେବେ ସେ ଉପର ଶ୍ରେଣୀରେ ପଢ଼ାଉଥିଲେ । କିନ୍ତୁ ସୁଭାଷ ଯେତେବେଳେ ଉପର ଶ୍ରେଣୀକୁ ଗଲେ ଓ ତାଙ୍କଠାରୁ ଶିକ୍ଷାଲାଭ କରିବାର ସୁଯୋଗ ପାଇଲେ ତାଙ୍କର ହଠାତ୍ ବଦଳି ହୋଇଗଲା । ସେ ବିଦାୟ ନେଲାବେଳେ ସୁଭାଷ ତାଙ୍କର ପଦସ୍ପର୍ଶ କଲେ ଓ କୋହ ସମ୍ବରଣ କରିପାରିଲେ ନାହିଁ । ପ୍ରକୃତିକୁ ଭଲ ପାଇବା ଓ ଭଲ ମଣିଷ ହେବାର ପ୍ରେରଣା ସେ ତାଙ୍କଠାରୁ ଲାଭ କରିଥିଲେ । ପ୍ରଧାନ ଶିକ୍ଷକଙ୍କ ବଦଳି ପରେ ଅନୁଷ୍ଠାନ ତାଙ୍କୁ ଏତେ ଭଲ ଲାଗିଲା ନାହିଁ ।

ଏହାପରେ ସେ ଏକ ମାନସିକ ସଂଘର୍ଷ ମଧ୍ୟରେ ଗତି କଲେ । ଯାହା ପ୍ରାୟତଃ ବାଳକ ଅବସ୍ଥାରେ ଘଟିନଥାଏ । ଯେଉଁ ସମୟରେ ଅନ୍ୟ ବାଳକମାନେ ଖେଳ ପଡିଆରେ ଫୁଟବଲ ଖେଳୁଥିଲେ ସେ ଜୀବନ ଦର୍ଶନକୁ ନେଇ ଚିନ୍ତାମଗ୍ନ ରହୁଥିଲେ । ଗୋଟିଏ ହେଉଛି

ଆଧ୍ୟାତ୍ମିକତାର ଆକର୍ଷଣ ଓ ଅନ୍ୟଟି ହେଉଛି ବସ୍ତୁବାଦୀ ଜଗତର ମମତା। ସେ କେଉଁ ପଥରେ ଚାଲିବେ ଏଭଳି ପରିସ୍ଥିତି ଭିତରେ ସେ ନିଜକୁ ଦେଖିବାକୁ ପାଇଲେ। ପଢ଼ାପଢ଼ିରେ ଧ୍ୟାନ ଦେଇପାରିଲେ ନାହିଁ। ତେବେ ଏହି ସମୟରେ ସେ ସ୍ୱାମୀ ବିବେକାନନ୍ଦଙ୍କ ରଚିତ ପୁସ୍ତକ ପଢ଼ିବାର ସୁଯୋଗ ପାଇଲେ, ଯାହା ତାଙ୍କ ମନର ସନ୍ଦେହକୁ ବହୁ ପରିମାଣରେ ଦୂର କରିପାରିଲା। ସେ ଅନୁଭବ କଲେ ଯେ ମାନବର ସେବା ହିଁ ମାଧବର ସେବା। ଧର୍ମର ପ୍ରଧାନ ଲକ୍ଷ୍ୟ ହେଉଛି ଦୁଃଖ ଦାରିଦ୍ର୍ୟରେ ନିପୀଡ଼ିତମାନଙ୍କର ସେବା କରିବା। ଏହାପରେ ସେ ଏହି ସଂକଳ୍ପ ନେଲେ ଯେ ସେବାବ୍ରତ ତାଙ୍କ ଜୀବନର ଆଦର୍ଶ। ସେ ସାଧାରଣ ଜନତାର ସେବାରେ ଲାଗି ପଡିଲେ। ପାଖ ଗ୍ରାମମାନଙ୍କୁ ଯାଇ ରୋଗୀମାନଙ୍କର ସେବାକଲେ। ଅଶିକ୍ଷାକୁ ଦୂର କରିବାକୁ ଯାଇ ପିଲାମାନଙ୍କୁ ପାଠ ପଢ଼ାଇଲେ। ସାଧ୍ୟମତେ ଗରିବ ଲୋକଙ୍କୁ ସାହାଯ୍ୟ କଲେ। ବର୍ତ୍ତମାନ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଦେଖିପାରିଲେ ଏବଂ ତାହାହିଁ ତାଙ୍କୁ ଶାନ୍ତି ଦେଲା। ଅବଶ୍ୟ ତାଙ୍କର ପିତାମାତା ଏଥିରେ ଅସନ୍ତୁଷ୍ଟ ହେଉଥିଲେ। ସେମାନେ ଲକ୍ଷ୍ୟ କଲେ ଯେ ତାଙ୍କର ପୁଅ ପଢ଼ାପଢ଼ି ଅପେକ୍ଷା ଜନସେବାରେ ଅଧିକ ସମୟ ଦେଉଅଛି। ସୁଭାଷ ତାଙ୍କର ସାଙ୍ଗମାନଙ୍କୁ ନେଇ ଗୋଟିଏ 'ସେବାଦଳ' ଗଠନ କରିଥିଲେ।

ତେବେ ସୁଭାଷ ଜଣେ ବିଚକ୍ଷଣ ଛାତ୍ର ଥିଲେ। ତାଙ୍କର ସ୍ମୃତିଶକ୍ତି ପ୍ରଖର ଥିଲା। ଏଣୁ ସେ ଅଳ୍ପ ସମୟ ପଢୁଥିଲେ ମଧ୍ୟ ପ୍ରତି ପରୀକ୍ଷାରେ ଭଲ କରୁଥିଲେ। ଅଳ୍ପ ପଢି ମଧ୍ୟ ମାଟ୍ରିକ୍ ବା ସେତେବେଳର ଏଣ୍ଟ୍ରାଣ୍ସ ପରୀକ୍ଷାରେ ସେ ଆଶାତୀତ ସଫଳତା ଲାଭ କରିଥିଲେ। ୧୯୧୩ ମସିହା ମାର୍ଚ୍ଚମାସରେ ପରୀକ୍ଷା ଫଳ ପ୍ରକାଶିତ ହେଲା। ସେ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସୁଭାଷଙ୍କ ଏ କୃତିତ୍ୱରେ ତାଙ୍କ ପିତାମାତା ସବୁଠାରୁ ଅଧିକ ଖୁସି ହୋଇଥିଲେ। ସେମାନେ ପୁଅର ଉଜ୍ଜ୍ୱଳ ଭବିଷ୍ୟତ ଦେଖିପାରିଲେ।

ଜାନକୀନାଥ ବୋଷ ପୁଅକୁ ପ୍ରେସିଡେନ୍ସି କଲେଜରେ ପଢ଼ିବା ପାଇଁ କଲିକତା ପଠାଇଦେଲେ। ଏଠାକାର ବାତାବରଣ କଟକଠାରୁ ଭିନ୍ନ ଥିଲା। ଏଠାରେ ଇଂରେଜ ଶାସନ ବିରୁଦ୍ଧରେ ଜନ ଆନ୍ଦୋଳନ ତେଜି ଉଠୁଥିଲା। ତେବେ ଏଥିରୁ ଦୂରରେ ରହି କଲେଜରେ ପଢ଼ାପଢିରେ ମନୋନିବେଶ କରିଥିଲେ। ମାତ୍ର କ୍ରମେ ଅନେକ ସମଭାବାପନ୍ନ ବନ୍ଧୁ ତାଙ୍କପ୍ରତି ଆକର୍ଷିତ ହେଲେ। ପରେ ଏମାନେ ଗୋଟିଏ ଦଳ (Group) ଗଢିଲେ। ଏମାନେ ସମସ୍ତେ ଭଲ ଛାତ୍ର ଥିଲେ। ଏମାନେ ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ସଦାବେଳେ ଚେଷ୍ଟା କରୁଥିଲେ। ସେ ସମୟରେ କଲିକତାରେ କେତେକ ଯୁବକ ହିଂସା ପଥର ଆଶ୍ରୟ ନେଇଥିଲେ। ଏମାନଙ୍କୁ ବିପ୍ଳବୀ ଗୋଷ୍ଠୀ ବୋଲି କୁହାଯାଉଥିଲା। ତେବେ ସୁଭାଷ ଓ ତାଙ୍କର ବନ୍ଧୁମାନେ ଏମାନଙ୍କ ଠାରୁ ଦୂରରେ ରହୁଥିଲେ। ଏମାନଙ୍କର ଆଦର୍ଶ ଥିଲେ ସ୍ୱାମୀ ବିବେକାନନ୍ଦ। ଏମାନେ ଆଧ୍ୟାତ୍ମିକ ଗ୍ରନ୍ଥ ଅଧ୍ୟୟନ କରୁଥିଲେ। ସାଧୁସନ୍ଥମାନଙ୍କ ସହିତ

ମିଶୁଥିଲେ ଓ ଛୁଟି ମିଳିଲେ ତୀର୍ଥସ୍ଥାନ ଭ୍ରମଣ କରୁଥିଲେ। ଏଣୁ ସୁଭାଷ ଆଧ୍ୟାତ୍ମିକ ଜ୍ଞାନ ଆହରଣ ଉପରେ ଯେତିକି ସମୟ ବିନିଯୋଗ କରୁଥିଲେ, ସେତିକି ସମୟ ପଢ଼ାପଢିରେ ଦେଇପାରୁ ନଥିଲେ। ଆଇ.ଏ. ବା ସେତେବେଳର ଏଫ.ଏ. ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀ ଲାଭ କରିଥିଲେ ମଧ୍ୟ ଏଣ୍ଟ୍ରାନ୍ସ ପରୀକ୍ଷାରେ ଯେଭଳି ଉଚ୍ଚସ୍ଥାନ ଲାଭ କରିଥିଲେ ସେଭଳି ସଫଳତା ଲାଭ କରିପାରି ନଥିଲେ।

ଏହା ପରେ ସେ ବି.ଏ ପଢିଲେ। ଦର୍ଶନ ଶାସ୍ତ୍ରରେ ତାଙ୍କର ବିଶେଷ ଆଗ୍ରହ ଥିଲା। ସେ ଭାବୁଥିଲେ ଯେ ଦର୍ଶନ ଶାସ୍ତ୍ର ତାଙ୍କୁ ଆଧ୍ୟାତ୍ମିକ ମାର୍ଗରେ ଗତି କରିବାରେ ବିଶେଷ ସାହାଯ୍ୟ କରିବ। କିନ୍ତୁ ପାଶ୍ଚାତ୍ୟ ଦର୍ଶନ ପଢିଲା ପରେ ତାଙ୍କ ମନରୁ ଏ ଭ୍ରମ ଦୂର ହେଲା। ସେ ଦେଖିଲେ ଯେ ପାଶ୍ଚାତ୍ୟ ଦର୍ଶନ ସଂଶୟରୁ ଆରମ୍ଭ ହୋଇଛି। ତାଙ୍କର ଚିରାଚରିତ ବିଚାରଧାରା ଓ ବିଶ୍ୱାସ ଯେଭଳି ଓଲଟ ପାଲଟ ହୋଇଗଲା। ତଥାପି ସେ ମନଦେଇ ପଢୁଥିଲେ। କିନ୍ତୁ ଏହି ସମୟରେ ଏଭଳି ଏକ ଘଟଣା ଘଟିଲା ଯାହା ତାଙ୍କ ପାଇଁ ଥିଲା ଏକ ଦାରୁଣ ଧକ୍କା।

ସେ ସମୟରେ କଲିକତାରେ ଭାରତୀୟ ଓ ବ୍ରିଟିଶମାନଙ୍କ ମଧ୍ୟରେ ସବୁବେଳେ ସଂଘର୍ଷ ଲାଗିଥାଏ। ବ୍ରିଟିଶମାନେ ଭାରତୀୟମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ। ପ୍ରଥମେ ଭାରତୀୟମାନେ ଏହାକୁ ସହି ନେଉଥିଲେ। କିନ୍ତୁ ଯେତେବେଳେ ସେମାନଙ୍କର ବ୍ୟବହାର ଅସହ୍ୟ ହୋଇ ଉଠିଲା ଭାରତୀୟମାନେ ପ୍ରତିବାଦ ଓ ପ୍ରତିରୋଧ କଲେ।ଏଠାରେ ଏ ସମ୍ପର୍କରେ ଗୋଟିଏ ଉଦାହରଣ ଦିଆ ଯାଇପାରେ। ମନେକର ବସ୍ ବା ଟ୍ରାମରେ ଜଣେ ଭାରତୀୟ ଆଗ ସିଟ୍‌ରେ ବସିଅଛି। ଯଦି ଜଣେ ବ୍ରିଟିଶ ପଛ ସିଟ୍‌ରେ ବସିଥାଏ ତେବେ ନିଜ ଗୋଡକୁ ଜାଣିଶୁଣି ଆଗସିଟ୍ ଉପରେ ରଖେ। ଫଳରେ ତାର ବୁଟ୍ ଆଗ ସିଟରେ ବସିଥିବା ଯାତ୍ରୀ ଦେହରେ ବାଜେ। ପ୍ରଥମେ ପ୍ରଥମେ ଭାରତୀୟମାନେ ଏହି ଅପମାନକୁ ସହି ନେଉଥିଲେ। କିନ୍ତୁ ଏହା ଅଧିକରୁ ଅଧିକ ମାତ୍ରାରେ ଘଟିବା ଫଳରେ ଭାରତୀୟମାନେ ପ୍ରତିରୋଧ କଲେ। ବେଳେ ବେଳେ ହାତାହାତି ପର୍ଯ୍ୟନ୍ତ କଥା ଯାଉଥିଲା। ସୁଭାଷ ସ୍ୱାଭାବତଃ ପ୍ରତିକ୍ରିୟାଶୀଳ ଥିଲେ। ଏଣୁ ତାଙ୍କର ଏମାନଙ୍କ ସହ ପ୍ରାୟ ସବୁଦିନ ଝଗଡା ହୁଏ।

ଏହିପରି ସମୟ ଗଡ଼ି ଚାଲିଥିଲା। ଦିନେ ସୁଭାଷ ଲାଇବ୍ରେରୀରେ ବସି ପଢୁଥିଲେ। ହଠାତ୍ ବାହାରେ ପାଟିତୁଣ୍ଡ ଶୁଭିଲା। ସେ ବାହାରକୁ ଆସି ଯାହା ଜାଣିଲେ ତାହା ହେଉଛି ଯେ ପ୍ରଫେସର ଓଟନ୍ ସାହେବ କ୍ଲାସ୍ ନେଉଥିଲେ। କେତେକ ଛାତ୍ର ବାହାରେ ବାରଣ୍ଡାରେ ଠିଆହୋଇ କଥାବାର୍ତ୍ତା ହେଉଥିଲେ। ଓଟନ୍ ସାହେବଙ୍କର ଭାରତୀୟମାନଙ୍କ ପ୍ରତି ଅତ୍ୟନ୍ତ ଘୃଣା ଥାଏ। ସେ ରାଗିକରି ଶ୍ରେଣୀ ବାହାରକୁ ଆସି ଏହି ଛାତ୍ରମାନଙ୍କୁ ଅତି ଅଭଦ୍ର ଭାଷାରେ ଗାଳି ଗୁଲଜ କଲେ ଏବଂ ଧକ୍‌କା ମାରିଲେ। ଏଥିରେ ଛାତ୍ରମାନେ ଉତ୍ୟକ୍ତ ହୋଇ ଏହାର ପ୍ରତିବାଦ କଲେ। ସେମାନେ ଦାବି କଲେ ଯେ ସେ କ୍ଷମା ଭିକ୍ଷା କରନ୍ତୁ। ଏହି କଥାକୁ ନେଇ

କଲେଜରେ ଧର୍ମଘଟ ହେଲା । ଅଧ୍ୟକ୍ଷ ଧର୍ମଘଟ କରୁଥିବା ଛାତ୍ରମାନଙ୍କ ଉପରେ ଜୋରିମାନ ପକାଇଲେ । ମାତ୍ର ଛାତ୍ରମାନେ ଦବିଗଲେ ନାହିଁ । ପରିଶେଷରେ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଫଳରେ ଗୋଟିଏ କିଛି ସମାଧାନର ସୂତ୍ର ବାହାରିଲା ଓ ଧର୍ମଘଟ ବନ୍ଦ ହେଲା । କିନ୍ତୁ ଛାତ୍ରମାନଙ୍କ ଉପରୁ ଫାଇନ ପ୍ରତ୍ୟାହାର ହେଲା ନାହିଁ । ଏଥିରେ ଛାତ୍ରମାନେ ଅସନ୍ତୁଷ୍ଟ ଥିଲେ । କିଛିଦିନ ପରେ ସେହି ଓଟନ ସାହେବ ବାହାରେ ଗପ କରୁଥିବା ପିଲାଙ୍କୁ ପୁଣିଥରେ ଗାଳିଦେଲେ ଓ ଧକ୍‌କା ମାରିଲେ । ଏଥର ଛାତ୍ରମାନେ ଅଧିକ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମଧ୍ୟ ଆକ୍ରମଣ କଲେ । ଛାତ୍ରମାନେ ତାଙ୍କୁ ଜୋରରେ ପିଟିଲେ । ସେ ତଳେ ପଡିଗଲେ । ଏହା କେବଳ କଲେଜରେ ନୁହେଁ ସମଗ୍ର କଲିକତା ସହରରେ ଚାଞ୍ଚଲ୍ୟ ଖେଳାଇଦେଲା । ସରକାର ବିଚାରକଲେ ଯେ ପ୍ରେସିଡେନ୍‌ସି କଲେଜ ବନ୍ଦ କରିଦେବେ । ଏଭଳି ପରିସ୍ଥିତି ଭିତରେ ଗୋଟିଏ ଅନୁସନ୍ଧାନ କମିଟି ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଅଧ୍ୟକ୍ଷତାରେ ଗଢାଗଲା । ପରିଶେଷରେ ସବୁ ଦୋଷ ସୁଭାଷଙ୍କ ଉପରେ ଲଦି ଦିଆଗଲା । ତାଙ୍କର ପ୍ରରୋଚନାରେ ଏସବୁ ଘଟୁଛି । ଅଧ୍ୟକ୍ଷ ତାଙ୍କୁ କଲେଜରୁ ବହିଷ୍କାର(Rusticate) କରିଦେଲେ । ଏପରିକି ତାଙ୍କୁ ଗିରଫ କରାଯିବାର ସମ୍ଭାବନା ରହିଥାଏ । ସୁଭାଷ ଏଭଳି ପରିସ୍ଥିତି ଭିତରେ କଟକ ଫେରିଆସିଲେ । ଅବଶ୍ୟ ତାଙ୍କର ପିତା ଏଥିପାଇଁ କେବେ ତାଙ୍କୁ ଗାଳି ଦେଇ ନଥିଲେ । ସେ ଜାଣିଥିଲେ ଯେ ତାଙ୍କ ପୁଅ ଅନ୍ୟାୟ ବିରୁଦ୍ଧରେ ଲଢୁଥିଲେ । ସୁଭାଷ କଟକରେ ତାଙ୍କର ପୂର୍ବବନ୍ଧୁମାନଙ୍କୁ ନେଇକରି ଜନସେବାରେ ଲାଗିଗଲେ । ସେ ସମୟରେ କଟକର ପାଖ ଗାଁ ମାନଙ୍କରେ ମହାମାରୀ ବ୍ୟାପିଥିଲା ।ସେ ରୋଗୀମାନଙ୍କର ସେବା କରୁଥିଲେ । ଏହିପରି ଭାବରେ ଗୋଟିଏ ବର୍ଷ କଟିଗଲା । ତେବେ ସେ କ'ଣ ଆଉ ପଢି ପାରିବେ ନାହିଁ ? ବର୍ତ୍ତମାନ ସେ ଚିନ୍ତିତ ହୋଇ ପଡିଲେ । ସାହସ ସଞ୍ଚୟ କରି ସେ ପୁଣି କଲିକତା ଆସିଲେ । ସେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା ହେଲେ । ସେମାନେ କହିଲେ ଯେ ଯଦି କୌଣସି କଲେଜରେ ସେ ନାମ ଲେଖାଇପାରିବେ ତେବେ ବିଶ୍ୱବିଦ୍ୟାଳୟ ପରୀକ୍ଷା ଦେବାରେ ଅସୁବିଧା ସୃଷ୍ଟି କରିବ ନାହିଁ । ତେବେ କେଉଁଠି ସେ ପଢିବେ ? ପ୍ରେସିଡେନ୍‌ସି କଲେଜରେ ପଢିବାର ପ୍ରଶ୍ନ ଉଠୁନଥିଲା । ତେବେ ତାଙ୍କ ବଡଭାଇଙ୍କ ଉଦ୍ୟମ ଫଳରେ ସେ ସ୍କଟିସ୍ ଚର୍ଚ୍ଚ କଲେଜରେ ପଢିବାର ସୁଯୋଗ ପାଇଲେ । ଏଥର ସେ ମନୋଯୋଗ ସହିତ ଅଧ୍ୟୟନ କଲେ । ପରେ ପରୀକ୍ଷା ଦେଇ ଦର୍ଶନ ଶାସ୍ତ୍ରରେ ପ୍ରଥମ ଶ୍ରେଣୀ ଲାଭକଲେ । ବିଶ୍ୱବିଦ୍ୟାଳୟରେ ତାଙ୍କର ସ୍ଥାନ ୨ୟ ଥିଲା । ତାଙ୍କର ପରିବାରର ସମସ୍ତେ ଖୁସି ହେଲେ ।

ଏହାପରେ ସେ ଏମ.ଏ. ପଢିବା କଥା । କିନ୍ତୁ ଦର୍ଶନ ଶାସ୍ତ୍ର ପ୍ରତି କାହିଁକି କେଜାଣି ତାଙ୍କର ବିତୃଷ୍ଣା ଆସି ଯାଇଥିଲା । ଯେଉଁ ଉଦ୍ଦେଶ୍ୟରେ ସେ ଏ ବିଷୟ ପଢୁଥିଲେ ତାହା ପାଇଁ ଏହା ଉପଯୋଗୀ ହେବନାହିଁ ବୋଲି ସେ ଭାବିଲେ । ଏଣୁ ସେ ସ୍ଥିରକଲେ ଯେ ସେ

ମନସ୍ତତ୍ତ୍ୱ ପଢିବେ। କିନ୍ତୁ ଈଶ୍ୱରଙ୍କ ଇଚ୍ଛା ଥିଲା ଭିନ୍ନ ପ୍ରକାରର। ଏହି ସମୟରେ ତାଙ୍କର ପିତା କଟକରୁ କଲିକତା ଆସିଥିଲେ। ସେ ତାଙ୍କୁ ପଚାରିଲେ ଯେ ସେ ଇଂଲଣ୍ଡ ଯାଇ ଆଇସିଏସ ପାଇଁ ପ୍ରସ୍ତୁତ ହେବେ କି? ସୁଭାଷଙ୍କର ବ୍ରିଟିଶ ସରକାର ଅଧୀନରେ କାମ କରିବାକୁ ଇଚ୍ଛା ନଥିଲା। କିନ୍ତୁ ସେ ଭାବିଲେ ଯେ ଇଂଲଣ୍ଡ ଯାଇ ଏଥିପାଇଁ ପ୍ରସ୍ତୁତ ହେଲେ କ୍ଷତି କଣ? ହାତରେ ମାତ୍ର ୮ମାସ ସମୟ ଥିଲା। ପୁନଶ୍ଚ ବୟସ ଦୃଷ୍ଟିରୁ ଥରେ ମାତ୍ର ସେ ପରୀକ୍ଷା ଦେଇ ପାରିବେ। ଏଥିରେ ସଫଳ ହେବାର ସମ୍ଭାବନା କ୍ଷୀଣ। ତେବେ ବାପାଙ୍କ ମନରେ କଷ୍ଟ ଦେବେ କାହିଁକି? ବାପା ତାଙ୍କୁ ଏଥିପାଇଁ ୧୦ହଜାର ଟଙ୍କା ଦେଇଥିଲେ। ସୁଭାଷ ଜାହାଜରେ ଇଂଲଣ୍ଡ ଅଭିମୁଖେ ଯାତ୍ରାକଲେ। ୧ମାସ ପରେ ଇଂଲଣ୍ଡରେ ପହଞ୍ଚିଲେ। ସେଠାରେ କେମ୍ବ୍ରିଜ୍‌ରେ ନାମ ଲେଖାଇବା ପାଇଁ ଚେଷ୍ଟାକଲେ। ଆମ ଓଡିଶାର ପ୍ରାଣକୃଷ୍ଣ ପରିଜା ତାଙ୍କୁ ଏ କ୍ଷେତ୍ରରେ ବିଶେଷ ସାହାଯ୍ୟ କରିଥିଲେ। କିଛିଟା ଅସୁବିଧା ଦେଖା ଦେଇଥିଲା। ତେବେ ପରିଶେଷରେ ସେ ନାମ ଲେଖାଇଥିଲେ। ଏହାପରେ ସେ ଆଇ.ସି.ଏସ. ପରୀକ୍ଷା ପାଇଁ ପ୍ରସ୍ତୁତ ହେଲେ। ଏହା ଏକ କଠିନ କାର୍ଯ୍ୟ ଥିଲା। ୮,୯ଟି ବିଷୟ ପଢିବାକୁ ପଡୁଥିଲା। ସମୟ ହାତରେ ବହୁତ କମ୍। ତଥାପି ସେ କଠୋର ପରିଶ୍ରମ କଲେ ଏବଂ ପରିଶେଷରେ ପରୀକ୍ଷା ଦେଲେ। ସଂସ୍କୃତରେ ତାଙ୍କର ଖୁବ ଭଲ ହୁଏ। ମାତ୍ର ସମୟ ଅଭାବରୁ ସେ କେତୋଟି ପ୍ରଶ୍ନର ଉତ୍ତର ଦେଇ ପାରି ନଥିଲେ। ଏଣୁ ସେ ଭାବି ନେଇଥିଲେ ଯେ ସଫଳ ହେବେ ନାହିଁ। ପରୀକ୍ଷା ଏକମାସ ପର୍ଯ୍ୟନ୍ତ ଚାଲିଥିଲା। ଆଶ୍ଚର୍ଯ୍ୟର କଥା ଯେ ସେ ପରୀକ୍ଷାରେ ସଫଳ ହେଲେ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ତାଙ୍କର ସଫଳତାରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ ୧୯୧୯ ମସିହାରେ ଇଂଲଣ୍ଡ ଯାଇଥିଲେ ଏବଂ ପରୀକ୍ଷା ଫଳ ୧୯୨୦ ମସିହା ସେପ୍ଟେମ୍ବର ମାସରେ ବାହାରିଲା। ତେବେ ଏ ସଫଳତାରେ ସେ ବ୍ୟକ୍ତିଗତ ଭାବରେ ବିଶେଷ ଉତ୍‌ଫୁଲ୍ଲିତ ହୋଇ ନଥିଲେ। ସେ ଦୀର୍ଘଦିନ ଧରି ଏହା ଉପରେ ସ୍ଥିର ମନରେ ଭାବିବାକୁ ଲାଗିଲେ। ଯଦି ସେ ଆଇ.ସି.ଏସ୍ ରେ ଯୋଗଦେବେ ତେବେ ତାଙ୍କ ଜୀବନର ସମସ୍ତ ନୀତି ଓ ଆଦର୍ଶରେ ଜଳାଞ୍ଜଳି ଦେବାକୁ ପଡିବ। ଅବଶ୍ୟ ସେ କମିଶନର୍ ବା ଚିଫ୍ ସେକ୍ରେଟାରୀ ହୋଇପାରିବେ। ମୋଟା ଦରମା ପାଇପାରିବେ। ସୁଖମୟ ଜୀବନ ଯାପନ କରିବେ। ଅବସର ଗ୍ରହଣ ପରେ ଅବସରକାଳୀନ ଯଥେଷ୍ଟ ଭତ୍ତା ପାଇବେ। କିନ୍ତୁ ଏହା ବଦଳରେ ବ୍ରିଟିଶ ସରକାରର ଗୋଲାମ ହେବାକୁ ପଡିବ। ନାଁ, ଏହା ସେ କରିପାରିବେ ନାହିଁ। ପରିଶେଷରେ ସେ ସ୍ଥିର କଲେ, ଇସ୍ତଫା ଦେଇଦେବେ। ତାଙ୍କର ଏ ସିଦ୍ଧାନ୍ତ ଶୁଣି ତାଙ୍କ ପରିବାରର ସମସ୍ତେ ଅସନ୍ତୁଷ୍ଟ ହେଲେ। କେତେକ ତାଙ୍କୁ ତୀବ୍ର ସମାଲୋଚନା କଲେ। କିନ୍ତୁ ନିଜ ସିଦ୍ଧାନ୍ତରେ ସେ ଅଟଳ ରହିଲେ। ଏଭଳି ପରସ୍ଥିତିରେ ଜଣେ ବ୍ୟକ୍ତି ଯେ କି ତାଙ୍କୁ ନୈତିକ ସମର୍ଥନ ଜଣାଇଥିଲେ ସେ ହେଉଛନ୍ତି ତାଙ୍କର ବଡଭାଇ ଶରତ ବୋଷ। ସେ ଥିଲେ କଲିକତା ଉଚ୍ଚନ୍ୟାୟାଳୟର ବାରିଷ୍ଟର।

ସୁଭାଷଙ୍କ ମତରେ ସେ ସ୍ୱାଧୀନ ଭାବରେ ମାତୃଭୂମିର ସେବା କରିବାକୁ ଚାହାନ୍ତି। ବିବେକକୁ ବଳିଦେଇ ପାରିବେ ନାହିଁ। ସେ ଯେଉଁ ପତ୍ରଗୁଡିକ ତାଙ୍କର ଭାଇଙ୍କ ପାଖକୁ ଲେଖିଥିଲେ ସେଥିରୁ ଏହା ସୁସ୍ପଷ୍ଟ ଯଥା; 'I know that a life of sacrifice, of suffering and even of poverty is heartily welcome to me if only it is in the interest of our national cause'

ଅନ୍ୟତ୍ର ସେ ଲେଖିଛନ୍ତି।

'The civil service can bring one all kinds of worldly coforts but are not these acquisitions made at the expense of one's soul '

ସୁଭାଷ ଦେଶପାଇଁ ଚରମ ତ୍ୟାଗ ସ୍ୱୀକାର କରିବାକୁ ପଛାଇନଥିଲେ। ସେ ଏ ସମ୍ପର୍କରେ ସେକ୍ରେଟାରୀ ଅଫ୍ ଷ୍ଟେଟଙ୍କୁ ଯେଉଁ ପତ୍ର ଲେଖିଥିଲେ ତାହା ଏହିପରି ଥିଲା।

Sir,

I desire to have my name removed from this list of probationers in Indian Civil Service.

I may state in this connection that I was selected as a result of an open competition held in August 1920.

I have received an allowance of 100 pounds up till now. I shall remit the amount to the India office as soon as my resignation in accepted.

I have the honour to be

Sir,

Your most obedient servant

Subhas Chandra Bose.

ସୁଭାଷ ବୋଷ ଆଇସିଏସରୁ ଇସ୍ତଫା ଦେଇ ଇତିହାସ ରଚିଥିଲେ। ଅବଶ୍ୟ ଶ୍ରୀ ଅରବିନ୍ଦ ଏପରି କରିଥିଲେ। କିନ୍ତୁ ସେ ମୁଖ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଜାଣିଶୁଣି ଘୋଡାଚଢାରେ ଅସଫଳ ହୋଇଥିଲେ।

ସୁଭାଷ ଥିଲେ ଭାରତ ମାତାର ବୀର ସନ୍ତାନ। ସେ ମାତୃ ଭୂମିର ସେବାପାଇଁ ସୁଖମୟ ଭବିଷ୍ୟତରେ ଜଳାଞ୍ଜଳି ଦେଇଥିଲେ।

●●●

# ଲାଲବାହାଦୁର ଶାସ୍ତ୍ରୀ



ଯଦି ରାଜନୀତି କ୍ଷେତ୍ରରେ ସାଧୁତାର ପ୍ରଶ୍ନ ଆସେ ତେବେ ସର୍ବପ୍ରଥମେ ଲାଲବାହାଦୁର ଶାସ୍ତ୍ରୀଙ୍କର ଚିତ୍ର ଆଖି ଆଗରେ ନାଚିଯାଏ । ଏଭଳି ସାଧୁ, ସଚ୍ଚୋଟ, ନୀତିନିଷ୍ଠ, ଦୃଢବ୍ରତ, କର୍ତ୍ତବ୍ୟପରାୟଣ ବ୍ୟକ୍ତି ଭାରତର ରାଜନୀତି କ୍ଷେତ୍ରରେ କ୍ୱଚିତ ଦେଖିବାକୁ ମିଳନ୍ତି । ଗରିବ ପରିବାରରେ ଜନ୍ମ ହୋଇଥିଲେ । ଶୈଶବରେ ପିତାଙ୍କୁ ହରାଇଥିଲେ । ଜୀବନରେ ବହୁ ସଂଘର୍ଷ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ବହୁବାର ଜେଲ ଯାଇଥିଲେ । ଦେଶ ସ୍ୱାଧୀନ ହେବାପରେ ଜନସାଧାରଣଙ୍କ ଅତୁଟ ଶ୍ରଦ୍ଧା ଓ ବିଶ୍ୱାସ ଲାଭକରି ନିର୍ବାଚନରେ ବିଜୟୀ ହୋଇ ଓ ନେହେରୁଙ୍କର ବିଶ୍ୱାସ ଭାଜନ ହୋଇ ଶାସନ କ୍ଷେତ୍ରରେ ମନ୍ତ୍ରୀ ପଦ ଲାଭ କରିଥିଲେ । ଶେଷରେ ପ୍ରଧାନମନ୍ତ୍ରୀ ପଦ ମଣ୍ଡନ କରିଥିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ଜୀବନରେ ଘର ଖଣ୍ଡିଏ କରିପାରିନଥିଲେ । ଅର୍ଥର ମୋହ ତାଙ୍କୁ ସ୍ପର୍ଶ କରିନଥିଲା । ସେ ମାତ୍ର ଅଠରମାସ ପ୍ରଧାନମନ୍ତ୍ରୀ ଥିଲେ । କିନ୍ତୁ ଭାରତ ପାକିସ୍ଥାନ ଯୁଦ୍ଧରେ ଦେଶକୁ ବିଜୟୀ କରାଇ ନିଜର ଦୃଢ଼ତାର ପରିଚୟ ଦେଇଥିଲେ । ଭାରତମାତାର ଏହି ସୁଯୋଗ୍ୟ ସନ୍ତାନ ବିଜୟର କୀର୍ତ୍ତିମାନ ସ୍ଥାପନ କରି ଧରାପୃଷ୍ଠରୁ ବିଦାୟ ନେଲେ । ତାଙ୍କର  ଅବର୍ତ୍ତମାନ ସହିତ ମୂଲ୍ୟବୋଧଭିତ୍ତିକ ରାଜନୀତିର ଅବସାନ ଘଟିଲା । ଏହାହିଁ ଭାଗ୍ୟର ବିଡ଼ମ୍ବନା । ଶାସ୍ତ୍ରୀଜୀଙ୍କ ଦେଶ ପାଇଁ ତ୍ୟାଗ ଓ ବଳିଦାନ ତାଙ୍କୁ ଅମର କରିଛି ।

ଲାଲବାହାଦୁର ୧୯୦୪ ମସିହା ଅକ୍ଟୋବର ଦୁଇ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତାଙ୍କର ନାମ ଶାରଦା ପ୍ରସାଦ ଓ ମାତାଙ୍କର ନାମ ରାମଦୁଲାରୀ ଦେବୀ । ରାମନଗରରେ ତାଙ୍କର ବାସସ୍ଥାନ ଥିଲା । ଗଙ୍ଗାର ଗୋଟେ ପଟେ ରାମନଗର ଓ ଆରପଟେ ବନାରସ । ଶାରଦା ପ୍ରସାଦ ଆହ୍ଲାବାଦର କାୟସ୍ଥ ସ୍କୁଲରେ ଜଣେ ଶିକ୍ଷକ ଥିଲେ । ଶାସ୍ତ୍ରୀଜୀଙ୍କ ଜନ୍ମପରେ ପରିବାରରେ ଅନନ୍ଦ ଲହରୀ ଖେଳିଯାଇଥିଲା । ପିତା ଶାରଦାପ୍ରସାଦ ପୁଅଟିକୁ ଦେଖିବାକୁ ରାମପୁର ଆସିଥିଲେ । ଏହି ସମୟରେ ମକର ସଂକ୍ରାନ୍ତି ପଡ଼ିଥିଲା ଓ ପୁତ୍ର

ସନ୍ତାନ ଲାଭ କରିଥିବାରୁ ଗଙ୍ଗାମାତାଙ୍କ ଦର୍ଶନ କରିବାକୁ ଏହି ପବିତ୍ର ଦିନ ଶାରଦା ପ୍ରସାଦ ପରିବାର ଧରି ସଙ୍ଗମ କ୍ଷେତ୍ରକୁ ଆସିଥିଲେ । ରାମଦୁଲାରୀ ୪ମାସ ଶିଶୁକୁ କୋଳରେ ଧରିଥିଲେ । ତେବେ ପ୍ରବଳ ଭିଡ଼ । ହଠାତ୍ ଭିଡ଼ର ମାତ୍ରା ବଢିଗଲା ଓ ଏଭଳି ଠେଲାପେଲା ଲାଗିଲା ଯେ ରାମଦୁଲାରୀ ନିଜକୁ ସମ୍ଭାଳି ପାରିଲେ ନାହିଁ ଏବଂ 'ଲାଲ' ହଠାତ୍ ମା'ଙ୍କ କାନ୍ଧରୁ ଖସିପଡ଼ିଲେ । ରାମଦୁଲାରି ତାଙ୍କ ପୁଅକୁ ନପାଇ କାନ୍ଦିକାନ୍ଦି ଅଥୟ ହୋଇପଡ଼ିଲେ । ତାଙ୍କ ପରିବାରର ଅନ୍ୟମାନେ ବହୁତ ଖୋଜାଖୋଜି କଲେ । ମାତ୍ର ପାଇଲେ ନାହିଁ । ପ୍ରକୃତରେ ସେ କାନ୍ଧରୁ ଖସି ଜଣେ ଦୁଧ ବିକାଳିର ବୋଝ ଭିତରେ ପଡ଼ିଯାଇଥିଲେ । ସେ ଲୋକଟିର ପିଲାପିଲି ନଥିଲେ । ସେ ଏହାକୁ ଗଙ୍କାମାତାଙ୍କର ବରଦାନ ବୋଲି ଭାବି ଆନନ୍ଦରେ ଲୁଗାଟିଏ ଘୋଡ଼େଇଦେଇ ଡ଼ଙ୍ଗା ଭିତରେ ବସିପଡ଼ିଥିଲା । ହେଲେ ଶାରଦାପ୍ରସାଦ ଏହାକୁ ଦେଖିଦେଲେ । ପରେ ଶାରଦା ପ୍ରସାଦ ଓ ତାଙ୍କ ପରିବାରର ଅନ୍ୟମାନେ ଯାଇ ସେ ଲୋକଠାରୁ 'ଲାଲ'ଙ୍କୁ ଉଦ୍ଧାର କଲେ ।

ଲାଲା ବାହାଦୁରଙ୍କ ଜୀବନ ଆନନ୍ଦରେ କଟିଥାଆନ୍ତା । ମାତ୍ର ବିଧିର ବିଧାନ ଅନ୍ୟ ପ୍ରକାର । ତାଙ୍କୁ ଯେତେବେଳେ ମାତ୍ର ଏକବର୍ଷ ଚାରିମାସ ତାଙ୍କ ପିତାଙ୍କର ମୃତ୍ୟୁ ଘଟିଲା । ଏହା ରାମଦୁଲାରୀଙ୍କ ପାଇଁ ଥିଲା ଅକାଳ ବଜ୍ରପାତ । ତାଙ୍କୁ ଚାରିଆଡ଼ ଅନ୍ଧାର ଦିଶିଲା । କଅଣ କରିବେ ? ପିଲାଙ୍କୁ କିଭଳି ମଣିଷ କରିବେ ? ତେବେ ତାଙ୍କର ପିତା ଏମାନଙ୍କୁ ନିଜ ଘରକୁ ଆଣିଲେ । ଝିଅ ଓ ପିଲାଙ୍କର ଦାୟିତ୍ୱ ନେଇଥିଲେ । ତେବେ କିଛିଦିନ ପରେ ତାଙ୍କର ବି ମୃତ୍ୟୁ ହୋଇଥିଲା । ତଥାପି ତାଙ୍କ ପରିବାରର ସମସ୍ତେ ରାମଦୁଲାରୀ ଓ ତାଙ୍କର ପିଲାମାନଙ୍କୁ ସ୍ନେହ ଆଦର କରୁଥିଲେ । ମାମୁ ଘରେ ଲାଲବାହାଦୁର ଆନନ୍ଦରେ ବଢିଲେ । କିଛି ଅସୁବିଧା ନଥିଲା । ଗ୍ରାମ ସ୍କୁଲରେ ପାଠ ପଢୁଥିଲେ ।

ତେବେ ଗ୍ରାମ ସ୍କୁଲ ଶିକ୍ଷା ଶେଷ ହେଲାପରେ ରାମଦୁଲାରୀ ଅଧିକ ପଢ଼ିବା ପାଇଁ ପୁଅକୁ ଜଣେ ବନ୍ଧୁଙ୍କ ଘରେ ରହି ପଢିବାକୁ ବନାରସ ପଠାଇଦେଲେ । ତେବେ ଏହିଠାରୁ ଲାଲବାହାଦୁରଙ୍କର ସଂଘର୍ଷମୟ ଜୀବନର ଆରମ୍ଭ ହେଲା । ଏହି ବନ୍ଧୁ ତାଙ୍କୁ ଅନ୍ତରରେ ଭଲ ପାଉନଥିଲେ । କେବଳ ଦୟା ଦେଖାଇ ଘରେ ରଖିଥିଲେ । ତାଙ୍କୁ ଚାକର ଭଳି ଦୟା ଦେଖାଉଥିଲେ । ଘରର ଛୋଟ ବଡ଼ କାମ ସେ କରୁଥିଲେ । ଘରର ପିଲାମାନେ ତାଙ୍କ ସହିତ ମିଶୁନଥିଲେ । ଘରେ ପିଠାପଣା ହେଲେ ତାଙ୍କୁ ତାହା ଦିଆଯାଉ ନଥିଲା । ତଥାପି ସେ ମାଆଙ୍କ ଅବସ୍ଥାକୁ ଅନୁଭବ କରି କେବଳ ପାଠ ପଢିବା ପାଇଁ ନିରବରେ ତାହା ସହି ନେଉଥିଲେ ।

ଥରେ ସେ ପରିବାରରେ କାମ କରୁଥିବା ଗୋଟିଏ ପିଲାର ମୃତ୍ୟୁ ଘଟିଲା । ତାର ସେବା ଲାଲବାହାଦୁର କରୁଥିଲେ ଏବଂ ମୃତ୍ୟୁ ପରେ ତାର ଲୁଗାପଟା ସଫା କରିବାକୁ ତାଙ୍କୁ କୁହାଗଲା । ସେ ବିକଳରେ କାନ୍ଦୁଥାନ୍ତି ଓ କୂଅମୁଳରେ ବସି ଲୁଗା ସଫା କରୁଥାନ୍ତି । ଏଣେ ତାଙ୍କ ମାଆଙ୍କ ମନ ପୁଅ ପାଇଁ ଛଟପଟ ହେଉଥାଏ । ମନ ଅଥୟ ହେବାକୁ ପୁଅକୁ ଦେଖିବାକୁ ସେ ବନାରସ ଚାଲିଅସିଲେ । ପୁଅକୁ ଏ ଅବସ୍ଥାରେ ଦେଖି ସେ କାନ୍ଦି ପକାଇଲେ । ଲାଲବାହାଦୁର ମାଆଙ୍କୁ ଧରି କାନ୍ଦିବାକୁ ଲାଗିଲେ । ତେବେ ଏତେ କଷ୍ଟସହି ମଧ୍ୟ ତାଙ୍କ ଘରେ ସେ ରହିଥିଲେ । କାରଣ ତାଙ୍କର ଉଦ୍ଦେଶ୍ୟ ଥିଲା ଯେ ପାଠପଢି ମଣିଷ ହେବେ ଓ ପରିବାରର ଦୁଃଖ ଦୂର କରିବେ ।

ସେ ହରିଶ୍ଚନ୍ଦ୍ର ହାଇସ୍କୁଲରେ ପଢୁଥାନ୍ତି । ଏଠାରେ ଜଣେ ଆଦର୍ଶ ଶିକ୍ଷକ ଥିଲେ । ତାଙ୍କର ନାମ ନିଷ୍କାମେଶ୍ୱର ମିଶ୍ର । ସେ ଦେଶ ଭକ୍ତ ଥିଲେ ଓ ଇଂରେଜ ସରକାରଙ୍କୁ ଘୃଣା କରୁଥିଲେ । ଦେଶ କିପରି ସ୍ୱାଧୀନ ହେବ ଏହି ଚିନ୍ତା ତାଙ୍କ ମନକୁ ସବୁବେଳେ ଘାରୁଥିଲା । ଛାତ୍ରମାନଙ୍କ ପ୍ରାଣରେ ସେ  ଦେଶ ପ୍ରେମର ଭାବ ସୃଷ୍ଟି କରୁଥିଲେ । ଲାଲବାହାଦୁର ତାଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ ।

ସେ କୌଣସି ପ୍ରକାରେ ଜାଣିବାକୁ ପାଇଲେ ଯେ ଲାଲବାହାଦୁର ଦୁଃଖ ଦାରିଦ୍ର୍ୟ ଭିତରେ ରହିଛନ୍ତି । ଏଣୁ ତାଙ୍କ ପ୍ରତି ମିଶ୍ରଙ୍କର ସ୍ନେହ ଦିନକୁ ଦିନ ବଢିବାକୁ ଲାଗିଲା । ତାଙ୍କୁ ନିଜ ଘରକୁ ଡ଼ାକି ପୁଅଭଳି ବ୍ୟବହାର ଦେଖାଇଲେ । ତାଙ୍କ ସ୍ତ୍ରୀ ମଧ୍ୟ ଲାଲବାହାଦୁରଙ୍କୁ ବହୁତ ଆଦର କଲେ । ଘରେ ଭଲ ପିଠାପଣା ହେଲେ ତାଙ୍କୁ ଖାଇବାକୁ ଦେଉଥିଲେ । ତେବେ ଲାଲବାହାଦୁର ସଙ୍କୋଚବଶତଃ  ଦିନେ ଦିନେ ତାଙ୍କ ଘରକୁ ଆସନ୍ତି ନାହିଁ । ଏଣୁ ସେ ତାଙ୍କ ଘରକୁ କିଭଳି ସବୁଦିନ ଆସିବେ ତାହାର ଏକ ଉପାୟ ସେମାନେ ବାହାରକଲେ । ତାଙ୍କର ପିଲାମାନଙ୍କୁ ସେ ଟିଉସନ କରିବେ ଏହାର ବ୍ୟବସ୍ଥା କଲେ । ସବୁଦିନ ଟିଉସନ କରିବାକୁ ସେ ଆସନ୍ତି । ମିଶ୍ରଙ୍କ ସ୍ତ୍ରୀ ତାଙ୍କୁ ଭଲ ଭଲ ଜିନିଷ ନଖୁଆଇ ଛାଡ଼ନ୍ତି ନାହିଁ । ଏଥିପାଇଁ ସେ ଟିଉସନ ଫିସ୍ ଦେଲେ ଲାଲବାହାଦୁର ମନା କରିଦିଅନ୍ତି । ତେବେ ସେ ଟଙ୍କା ମିଶ୍ରଙ୍କ ସ୍ତ୍ରୀ ଗୋଟିଏ ଡ଼ବାରେ ତାଙ୍କପାଇଁ ରଖିଦିଅନ୍ତି । ଏଭଳି ହେଲା ଯେ ଲାଲବାହାଦୁରଙ୍କ ଭଉଣୀ ବାହାଘରକୁ ସେ ଜମାକରି ରଖିଥିବା ୯୦୦ ଟଙ୍କା ଦେଇଥିଲେ ।

ସେ ପିଲାଦିନରୁ ଅତ୍ୟନ୍ତ ସାହସୀ ଓ ସ୍ୱାଭିମାନୀ ଥିଲେ । ଥରେ ସାଙ୍ଗମାନଙ୍କ ସହିତ ଗଙ୍ଗାର ଆରପଟକୁ ମେଳା ଦେଖିବାକୁ ଯାଇଥିଲେ । କିନ୍ତୁ ଫେରିଲା ବେଳକୁ ତାଙ୍କ ପାଖରେ ଡ଼ଙ୍ଗା ଭଡ଼ା ପାଇଁ ପଇସା ନଥିଲା । ସେ କାହାଠାରୁ ଧାରକରି ନଥିଲେ । ପହଁରି ପହଁରି ଗଙ୍ଗାପାର ହୋଇ ଚାଲିଆସିଲେ ।

ଏହି ସମୟରେ ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ଚାଲିଥାଏ । ତାଙ୍କର ଏଥିରେ ଯୋଗ ଦେବାପାଇଁ ଇଚ୍ଛା ହେଉଥାଏ । ପୁନଶ୍ଚ ନିଷ୍କାମେଶ୍ୱରଙ୍କର ପ୍ରଭାବ ଯୋଗୁ ସେ ଦେଶକଥା ସବୁବେଳେ ଭାବୁଥାଆନ୍ତି । ମାତ୍ର ଘରର ଅବସ୍ଥା ଭାବି ଆଗେଇ ପାରୁନଥାନ୍ତି । ୧୯୧୬ ମସିହାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ ସମୟରେ ଗାନ୍ଧିଜୀ ରାଜା, ଜମିଦାର ତଥା ଇଂରେଜ ଶାସକଙ୍କୁ ଲକ୍ଷ୍ୟକରି ଯେଭଳି ଭାଷଣ ଦେଇଥିଲେ ତାହା ଭାରତର ହଜାର ହଜାର ଯୁବକଙ୍କ ପ୍ରାଣରେ ସ୍ପନ୍ଦନ ତୋଳିଥିଲା । ଲାଲବାହାଦୁର ଏଥିରୁ ବାଦପଡ଼ିନଥିଲେ ।

ଏହି ସମୟରେ ତାଙ୍କ ଜୀବନରେ ଏଭଳି ଏକ ଘଟଣା ଘଟିଲା ଯାହା ଫଳରେ ସେ ସ୍କୁଲ ପରୀକ୍ଷା ଦେଲେ ନାହିଁ । କାରଣ ଗାନ୍ଧିଜୀ ଯୁବକମାନଙ୍କୁ ସ୍କୁଲ କଲେଜ ତ୍ୟାଗ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ଆହ୍ୱାନ ଦେଉଥିଲେ । ସେଦିନ ସେ ଦେଖିଲେ ଯେ ସ୍କୁଲ ଫାଟକ ପାଖରେ ସତ୍ୟାଗ୍ରହୀମାନେ ଠିଆହୋଇ ଛାତ୍ରମାନଙ୍କୁ ପରୀକ୍ଷା ବର୍ଜନ କରିବା ପାଇଁ ଆହ୍ୱାନ ଦେଉଛନ୍ତି । ପରେ ସେମାନେ ଗେଟ୍ ଆଗରେ ଶୋଇପଡ଼ି ପରୀକ୍ଷାର୍ଥୀଙ୍କୁ କହିଲେ ଯେ ଯଦି ସେମାନେ ପରୀକ୍ଷା ଦେବାପାଇଁ ତାଙ୍କ ଉପରେ ଚାଲିକରି ଯିବେ ତେବେ ଯାଆନ୍ତୁ । ଲାଲବାହାଦୁରଙ୍କ ଯୁବ ପ୍ରାଣରେ ଏହା ଏଭଳି ସ୍ପନ୍ଦନ ସୃଷ୍ଟିକଲା ଯେ ସେ ପରୀକ୍ଷା ନ ଦେଇ ଫେରିଆସିଲେ । ଦୁଃଖ ଦାରିଦ୍ର୍ୟ ଭିତରେ ସେ ବଢିଥିଲେ । ସେ ଥିଲେ ପିତୃହୀନ ଓ ବିଧବା ମା ବହୁକଷ୍ଟରେ ପରିବାର ଚଳାଉଥିଲେ । ତଥାପି ସେ ନିଜର ଭବିଷ୍ୟତର ଜଳାଞ୍ଜଳି ଦେଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ । ତାଙ୍କର ଆତ୍ମୀୟସ୍ୱଜନ ସାଙ୍ଗସାଥୀ ସମସ୍ତେ ତାଙ୍କୁ ନିନ୍ଦାକଲେ । ସମସ୍ତେ କହିଲେ ବିଚାରୀ ବିଧବା ତିନିପାଞ୍ଜିରୁ ଗଲା । ତଥାପି ତାଙ୍କ ମାଆଙ୍କର ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଥିଲା । ସେ ତାଙ୍କୁ ବଚଓ୍ୱା ବୋଲି ଡ଼ାକୁଥିଲେ । ସେ ଭାବିଲେ ଯେ ତାଙ୍କର ବଚଓ୍ୱା ଭାବିଚିନ୍ତି ସବୁ କରିଥିବ ।

ତେବେ ଚୌରିଚୌରା ହିଂସାକାଣ୍ଡ ପରେ ଗାନ୍ଧିଜୀ ଆନ୍ଦୋଳନକୁ କିଛିଦିନ ବନ୍ଦକରି ଦେଇଥିଲେ । ଏହି ସମୟରେ ଶାସ୍ତ୍ରୀଜୀଙ୍କ କେତେଜଣ ସାଙ୍ଗ ସେ ସ୍କୁଲକୁ ଫେରିଆସିଲେ । ମାତ୍ର ଲାଲବାହାଦୁର ଆଉ ସେ ସ୍କୁଲକୁ ଫେରି ନ ଥିଲେ । ସେ କାଶୀ ବିଦ୍ୟାପୀଠରେ ନାମ ଲେଖାଇ ପଢ଼ିଲେ । ଏହି ଅନୁଷ୍ଠାନରେ ବହୁ ବିଦ୍ୱାନ ଓ ଦେଶଭକ୍ତ ଅଧ୍ୟାପକ ଥିଲେ । ସେମାନେ ହେଲେ ଡ଼ଃ ଭଗବାନ ଦାସ, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ଡ଼ଃ ସମ୍ପୂର୍ଣ୍ଣାନନ୍ଦ ପ୍ରଭୃତି । ସେମାନଙ୍କର ଅଧ୍ୟାପନା ଶୈଳୀ, ନୀତିମୟ ତ୍ୟାଗପୂତ ଜୀବନ ଲାଲବାହାଦୁରଙ୍କ ଉପରେ ଗଭୀର ପ୍ରଭାବ ପକାଉଥିଲା ଏବଂ ତାଙ୍କର ଦେଶଭକ୍ତିକୁ ଉଜ୍ଜୀବିତ କରିଥିଲା । ଏହି ସମୟରେ ପାଠ ପଢାର ଖର୍ଚ୍ଚ ମେଣ୍ଟାଇବା ପାଇଁ ସେ ଗୋଟିଏ ଖଦୀ ଭଣ୍ଡାରରେ କାର୍ଯ୍ୟ କରୁଥିଲେ । ଅତି ଅଳ୍ପ ଟଙ୍କାରେ ନିଜର ଖର୍ଚ୍ଚ ମେଣ୍ଟାଇ ମାଆଙ୍କ ପାଖକୁ ବଳକା ଅର୍ଥ ପଠାଉଥିଲେ । ଶାସ୍ତ୍ରୀଙ୍କ

ଜୀବନର ଲକ୍ଷ୍ୟଥିଲା ଯେ ସରକାରୀ ଚାକିରୀ କରିବେ ନାହିଁ। ଦେଶସେବାରେ ନିଜକୁ ସମର୍ପିତ କରିବେ ଓ ଅଳ୍ପ ଖର୍ଚ୍ଚରେ ସରଳ ଜୀବନ ଯାପନ କରିବେ। କାଶୀ ବିଦ୍ୟାପୀଠରେ ଚାରିବର୍ଷ ଅଧ୍ୟୟନ କରି ସେ ଶାସ୍ତ୍ରୀ ଉପାଧି ଲାଭକଲେ। ସେହି ଦିନଠାରୁ ସେ ଶାସ୍ତ୍ରୀ ଭାବରେ ପରିଚିତ ହେଲେ।

ଏହି ସମୟରେ ସେ ଲାଲା ଲାଜପତ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଲୋକସେବକ ମଣ୍ଡଳରେ ଯୋଗଦେଲେ। ଏହି ସଂସ୍ଥାର ସଭ୍ୟମାନେ  କଂଗ୍ରେସର କର୍ମୀ ଭାବରେ ଓ ଏଥିର ସଭ୍ୟ ଭାବରେ ଦୁଇ ପ୍ରକାର କାର୍ଯ୍ୟ କରୁଥିଲେ। ଶାସ୍ତ୍ରୀ କଂଗ୍ରେସରେ ଯୋଗଦେଇ କଂଗ୍ରେସର ବାର୍ତ୍ତା ପ୍ରଚାର କରୁଥିଲେ ଓ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଉଥିଲେ।

ଏହି ସମୟରେ ୧୯୨୮ ମସିହା ମେ ମାସ ୧୬ ତାରିଖରେ  ଲଳିତାଙ୍କ ସହିତ ତାଙ୍କର ବାହାଘର ହୋଇଥିଲା। ଶାସ୍ତ୍ରୀ ଏତେ ଶୀଘ୍ର ବାହାହେବା ପାଇଁ ରାଜି ନଥିଲେ। ମାତ୍ର ମାଆଙ୍କ ଜିଦ୍ ଯୋଗୁ ବାହାହେଲେ। ଲଳିତା  ଜଣେ ଆଦର୍ଶ ପତ୍ନୀ ଥିଲେ। ଜଣେ ହିନ୍ଦୁ ରମଣୀ ଭାବେ ସେ ସ୍ୱାମୀଙ୍କ ସୁଖ ଦୁଃଖରେ ଭାଗୀ ହେବାର ସଂକଳ୍ପ ନେଇଥିଲେ। ଶାସ୍ତ୍ରୀଜୀ କଂଗ୍ରେସର କର୍ମୀ ଥିଲେ ଏବଂ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଉଥିଲେ। ଏହା ସମସ୍ତେ ଜାଣିଥିଲେ ଯେ ପଥ ଦୁର୍ଗମ ଥିଲା। ତଥାପି ଏହି ଦୁର୍ଗମ ପଥରେ ସ୍ୱାମୀଙ୍କ ସହ ପାଦ ମିଳାଇ ଚାଲିବା ପାଇଁ ତାଙ୍କ ମନରେ କୌଣସି ଦ୍ୱିଧା ନଥିଲା। ବିବାହ ପରେ ଶାସ୍ତ୍ରୀ ଆଲାହାବାଦ ଆସି ଘରଭଡା ନେଇ ରହିଲେ। ସେ ଆଗରୁ ଲୋକସେବକ ମଣ୍ଡଳରୁ ୫୦ଟ. ପାଉଥିଲେ। ତେବେ ବାହାଘର ପରେ ଭତ୍ତା ୧୦ଟ. ବଢିବା ଓ ଘରଭଡା ୨୦ ଟ. ମିଶି ସେ ୮୦ ଟ. ପାଇବା କଥା ମାତ୍ର ତାଙ୍କୁ ୧୦୫ ଟ. ଦିଆଗଲା। ସମସ୍ତେ କହିଲେ ବୋହୂଟି ବଡ ଭାଗ୍ୟବତୀ।

ତେବେ ଏହି ସମୟରେ ଏମିତି ଏକ ଘଟନା ଘଟିଲା ଯାହା ଲଳିତା ଶାସ୍ତ୍ରୀଙ୍କ ମନକୁ ଚହଲାଇ ଦେଲା। ସେତେବେଳେ ସୋଲାପୁରରେ କଂଗ୍ରେସ କର୍ମୀମାନେ ନିଷେଧାଦେଶ ଅମାନ୍ୟ କରି ଆନ୍ଦୋଳନ କରୁଥାନ୍ତି। ଲାଠିମାଡ ଖାଇ ଅନେକ ଆହତ ହୋଇଥାନ୍ତି ଓ ଗୁଳିମାଡରେ କେତେକଙ୍କର ମୃତ୍ୟୁ ଘଟିଥାଏ। ଶାସ୍ତ୍ରୀଜୀ ହଠାତ୍ ସ୍ଥିରକଲେ ଯେ ସେ ସତ୍ୟାଗ୍ରହୀ ଭାବେ ସୋଲାପୁର ଯିବେ। ନାମ ମଧ୍ୟ ଦେଇ ଦେଲେ। ପୁରୁଷୋତ୍ତମ ଟଣ୍ଡନ ଶାସ୍ତ୍ରୀଜୀଙ୍କ ରାଜନୈତିକ ଗୁରୁ ଥାଆନ୍ତି। ଶାସ୍ତ୍ରୀଜୀଙ୍କ ଜୀବନ ପ୍ରତି ବିପଦ ଆସିବା ଲକ୍ଷ୍ୟକରି ସେଠାକୁ ନ ଯିବାକୁ ସେ ତାଙ୍କୁ ବୁଝାଇଲେ। ମାତ୍ର ଶାସ୍ତ୍ରୀ ତାଙ୍କ କଥା ଶୁଣିଲେ ନାହିଁ। ଫଳରେ ଅନ୍ୟ ଉପାୟ ନ ଦେଖି ସେ ଲଳିତା ଶାସ୍ତ୍ରୀଜୀଙ୍କୁ ଖବର ପଠାଇଲେ ଶାସ୍ତ୍ରୀଜୀଙ୍କୁ ବାରଣ କରିବା ପାଇଁ।

ଲଳିତା ଶାସ୍ତ୍ରୀ ପ୍ରଥମେ ଶାଶୁଙ୍କୁ କହିଲେ ପୁଅଙ୍କୁ ମନା କରିବା ପାଇଁ। ମାତ୍ର ସେ କହିଲେ ପୁଅର କର୍ମ ପଥରେ ସେ ଠିଆ ହେବେ ନାହିଁ। ଫଳରେ ଲଳିତା ସ୍ୱାମୀଙ୍କୁ ମିନତି

କଲେ ନ ଯିବାକୁ। ଶାସ୍ତ୍ରୀ ମୋଟେ ଶୁଣିଲେ ନାହିଁ। ବରଂ ଯିବାକୁ ପ୍ରସ୍ତୁତ ହେଲେ। ଫଳରେ ଲଳିତା ଜୋରରେ ବାୟାଣୀଙ୍କ ଭଳି କାନ୍ଦି ଉଠିଲେ। ଶାସ୍ତ୍ରୀଜୀ ତାଙ୍କ ଉପରେ ବିରକ୍ତ ହୋଇ କହିଲେ ଯେ ସେ ତାଙ୍କ କଥାରେ ରାଜି ଅଛନ୍ତି ଏହି ସର୍ତ୍ତରେ ଯେ ଭବିଷ୍ୟତରେ ସେ ଯେପରି ଏଭଳି ଅସୁବିଧା ତାଙ୍କ ପାଇଁ ସୃଷ୍ଟି ନ କରନ୍ତି। ଲଳିତା ଶାସ୍ତ୍ରୀ ଏଥିପାଇଁ ଶପଥ କଲେ। ପରବର୍ତ୍ତୀ ଜୀବନରେ ଶାସ୍ତ୍ରୀ ବହୁବାର ଜେଲ୍ ଯାଇଛନ୍ତି। ମାତ୍ର ପତ୍ନୀ ଲଳିତା ସମସ୍ତ ଦୁଃଖକୁ ହସି ହସି ବରଣ କରିଥିଲେ।

ଶାସ୍ତ୍ରଜୀ ବିବାହ ପରେ ଆଲାହାବାଦରେ ପରିବାର ଧରି ରହୁଥାନ୍ତି। ପ୍ରଥମେ ସେମାନେ ଜିରୋରୋଡରେ ରହିଥିଲେ। ପରେ ଲିଡରରୋଡରେ ରହିଲେ। ଜିରୋରୋଡରେ ସେମାନେ ୮ ମାସ ରହିଥିଲେ ଏବଂ ପରେ ଲିଡରରୋଡରେ ରହିଲେ।ଏହି ସମୟରେ ମହାତ୍ମାଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଧୀରେ ଧୀରେ ସତ୍ୟାଗ୍ରହ ତେଜିବାକୁ ଲାଗିଲା। ଦିନେ ଶାସ୍ତ୍ରୀଜୀ ଘରେ ସମସ୍ତଙ୍କୁ ଶୁଣାଇଦେଇ କହିଲେ ଯେ ତାଙ୍କୁ ଜେଲ୍ ଯିବାକୁ ପଡିବ। କେହି ଯେଭଳି ନକାନ୍ଦନ୍ତି। ସତକୁ ସତ ଦିନେ ଶାସ୍ତ୍ରିଜୀ ସନ୍ଧ୍ୟା ସୁଦ୍ଧା ଘରକୁ ଫେରିଲେ ନାହିଁ। ରାତି ହେଲା, ତଥାପି ଫେରିଲେ ନାହିଁ। କାହିଁକି ଫେରିଲେ ନାହିଁ ବା କେତେବେଳେ ଫେରିବେ ଏଭଳି ଭାବିଭାବି ଲଳିତା ଛାତ ଉପରକୁ ଯାଇ ଦେଖିଲେ ଯେ ଗୋଟିଏ ମୋଟରରେ ବସି ସତ୍ୟାଗ୍ରହୀମାନେ ଗିରଫ ହୋଇ ଯାଉଛନ୍ତି। ଶାସ୍ତ୍ରୀଜୀ ତାଙ୍କରି ଭିତରେ ବସିଥିଲେ। 'ଇନକିଲାବ୍ ଜିନ୍ଦାବାଦ୍' ଓ 'ଗାନ୍ଧିଜୀଙ୍କ ଜୟ' ବୋଲି ଧ୍ୱନି ଦେଉଥିଲେ। ତାପରେ ସେମାନେ  ଜେଲ୍‌ରେ ରହିଲେ।

ଶାସ୍ତ୍ରୀଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ବାରମ୍ବାର ଜେଲ୍ ଯାଉଥିଲେ। ଏହାପରେ ଆଉଥରେ ତାଙ୍କୁ ଆନ୍ଦୋଳନ ପୂର୍ବରୁ ଗିରଫ କରିଦିଆଗଲା। ପ୍ରଥମେ ତାଙ୍କୁ ମଲାକା ଜେଲରେ ରଖାଗଲା ଓ ପରେ ଫୈଜାବାଦ ଜେଲକୁ ନିଆଗଲା। ଏହିପରି ସେ ବାରମ୍ବାର ଜେଲ ଜୀବନ ଭୋଗୁଥିଲେ ଓ ପରିବାରଠାରୁ ଦୂରରେ ରହୁଥିଲେ। ପରିବାରର ଆର୍ଥିକ ଅବସ୍ଥା ଭଲ ନଥିଲା। ଏଣୁ ଯଦିବା ଶାସ୍ତ୍ରୀଜୀଙ୍କୁ ଜେଲରେ ଦେଖାକରିବାକୁ ଅନୁମତି ମିଳୁଥିଲା ତେବେ ରେଳଭଡା ପାଇଁ ପଇସା ନଥିଲା। ଏଣୁ ଲଳିତା ଶାସ୍ତ୍ରୀ ବହୁ କଷ୍ଟରେ ଘର ଚଳାଇ ଏବଂ ଖାଦ୍ୟ କମାଇ କିଛି ପଇସା ଟିକଟ ପାଇଁ ରଖୁଥିଲେ ଓ ପିଲାମାନେ ବହୁ କଷ୍ଟରେ ଚଳୁଥିଲେ।

ଶାସ୍ତ୍ରୀଜୀଙ୍କ ରାଜନୈତିକ ଗୁରୁଥିଲେ ପୁରୁଷୋତ୍ତମ ଦାସ ଟଣ୍ଡନ। ସେ ଲୋକସେବକ ମଣ୍ଡଳର ସଭାପତି ଥାଆନ୍ତି। ଅନ୍ୟପଟେ ଶାସ୍ତ୍ରୀଜୀଙ୍କର ପଣ୍ଡିତ ନେହେରୁଙ୍କ ସହିତ ସଦ୍‌ଭାବ ଥାଏ। ନେହେରୁ ଧନୀ ପରିବାରରେ ଜନ୍ମ ହୋଇଥିଲେ। ବିଦେଶରେ ପାଠ ପଢିଥିଲେ।

ସେ ବିଳାସବ୍ୟସନରେ ଜୀବନଯାପନ କରିପାରିଥାନ୍ତେ, ମାତ୍ର ସେ ଦେଶପାଇଁ ସବୁକିଛି ତ୍ୟାଗ କରଥିଲେ। ଏପଟେ ନେହେରୁ ଓ ଟଣ୍ଡନଙ୍କ ମଧ୍ୟରେ ଭଲ ସଂପର୍କ ନଥିଲା। ଏଣୁ ଶାସ୍ତ୍ରୀଜୀ ଉଭୟଙ୍କ ମଧ୍ୟରେ ସଂପର୍କର ସେତୁ ତିଆରି କରିବାକୁ ଉଦ୍ୟମ କରିଥିଲେ ଏବଂ ସଫଳ ମଧ୍ୟ ହୋଇଥିଲେ। ସେ ନେହେରୁଙ୍କ ସହିତ କାମ କରିବାକୁ ଆନନ୍ଦ ଭବନକୁ ଯାଉଥିଲେ। ନେହେରୁଙ୍କ ପତ୍ନୀ କମଳା ଶାସ୍ତ୍ରୀଜୀଙ୍କୁ ଥରେ ପଚାରିଲେ ତାଙ୍କ ପତ୍ନୀ ପିକେଟିଂରେ କାହିଁକି ଯୋଗ ଦେଉନାହାନ୍ତି। ଶାସ୍ତ୍ରୀଜୀ ଉତ୍ତର ଦେଲେ ଯେ ତାଙ୍କ ମାଆ ଏହାକୁ ପସନ୍ଦ କରନ୍ତି ନାହିଁ ଏବଂ ମାଆଙ୍କ ମନରେ ସେ ଦୁଃଖ ଦେବାକୁ ଚାହୁଁନାହାଁନ୍ତି। କମଳା ଥରେ ଶାସ୍ତ୍ରୀଜୀଙ୍କ ଘରକୁ ଆସି ତାଙ୍କ ମାଆଙ୍କୁ ବୁଝାଇଲେ। ତାହା ଫଳରେ ଲଳିତା ଶାସ୍ତ୍ରୀ ପିକେଟିଂ କରିବାକୁ ଆସିଲେ। ଥରେ ସେ କେତେଜଣ ସ୍ତ୍ରୀଙ୍କ ସହିତ ଆସି ଗୋଟିଏ ଲୁଗା ଦୋକାନ ଆଗରେ ପିକେଟିଂ କଲେ। ଏହି ଦୋକାନରେ ବିଦେଶୀ ବସ୍ତ୍ର ବିକ୍ରି ହେଉଥାଏ। ଯେଉଁମାନେ ଲୁଗା କିଣିବାକୁ ଆସୁଥାଆନ୍ତି ଏମାନେ ତାଙ୍କୁ ବାରଣ କରନ୍ତି। ବିଦେଶୀ ଲୁଗା ନ କିଣିବା ପାଇଁ କହୁଥାନ୍ତି। ଦୋକାନୀ ଲଳିତା ଶାସ୍ତ୍ରୀଙ୍କ ଆଡ଼କୁ ଲକ୍ଷ୍ୟକରି କହିଲା ଯେ ସେ ଯେଉଁ ଚୁଡ଼ି ପିନ୍ଧିଛନ୍ତି ତାହା ବିଦେଶୀ। ଲଳିତା ଶାସ୍ତ୍ରୀ କହିଲେ ଯେ ସେ ଯେଉଁ ରିଷ୍ଟୱାଚ୍ ପିନ୍ଧିଛନ୍ତି ତାହା ମଧ୍ୟ ବିଦେଶୀ। ଦୋକାନୀ କହିଲା ଯେ ସେ ଯଦି ଚୁଡ଼ି ଭାଙ୍ଗିଦେବେ ତେବେ ସେ ମଧ୍ୟ ତାଙ୍କ ଘଣ୍ଟା ଭାଙ୍ଗିଦେବ। ଲଳିତା କଣ କରିବେ ଭାବିପାରୁନଥିଲେ। ଏହି ସମୟରେ ଶାସ୍ତ୍ରୀଜୀ ସେଠାରେ ଆସି ପହଞ୍ଚିଥିଲେ। ତାଙ୍କ ନିର୍ଦ୍ଦେଶରେ ଲଳିତା ଚୁଡ଼ି ଭାଙ୍ଗିଦେଲେ। ମାତ୍ର ଦୋକାନୀ ତାର ଘଣ୍ଟା ଭାଙ୍ଗି ନ ଥିଲା। ଫଳରେ ସେଠାରେ ବହୁତ ଗଣ୍ଡଗୋଳ ହେଲା ଏବଂ ଲୋକମାନେ ଦୋକାନରେ ଭଙ୍ଗାରୁଜା କଲେ। ଏହାପରେ ଲଳିତା ଶାସ୍ତ୍ରୀଙ୍କର ସାହାସ ବଢିଗଲା ଓ ସେ ପିକେଣ୍ଟିଂରେ ଅଂଶ ଗ୍ରହଣ କରିବାକୁ ପଛେଇଲେ ନାହିଁ। ବଡ଼ ବଡ଼ ନେତା ଭାଷଣ ଦେବାକୁ ଆସିଲେ ମାଆଙ୍କ ସହ ସେ ସେଥିରେ ଯୋଗ ଦେଉଥିଲେ। ଅନ୍ୟ ଭାଷାରେ କହିଲେ ତାଙ୍କ ପରିବାର ଆନ୍ଦୋଳନରେ ସାମିଲ ହୋଇଗଲେ।

ଶାସ୍ତ୍ରୀଜୀ ଓ ତାଙ୍କ ପରିବାର ସ୍ୱାଧୀନତା ସଂଗ୍ରାମ କାଳରେ ବହୁତ କଷ୍ଟ ସହିଛନ୍ତି। ଥରେ ତାଙ୍କର ଝିଅର ଦେହ ବହୁତ ଖରାପ ହୋଇଥିଲା। ଆର୍ଥିକ ଦୁଃସ୍ଥିତି ଭିତରେ ଯେତିକି ଚିକିତ୍ସା ସମ୍ଭବ କରାଗଲା। ଝିଅକୁ ଦେଖିବାକୁ ଶାସ୍ତ୍ରୀଜୀ ପାରୋଲରେ ଆସିଥିଲେ। ମାତ୍ର ତାଙ୍କର ପହଞ୍ଚିବା ପୂର୍ବରୁ ଝିଅଟି ଆରପାରିକୁ ଚାଲି ଯାଇଥିଲା। ମନର ବେଦନାକୁ ଚାପିଧରି ସେ ପୁଣି ଜେଲକୁ ଫେରିଯାଇଥିଲେ। ଆଉଥରେ ପୁଅର ଦେହ ବହୁତ ଅସୁସ୍ଥ ହୋଇପଡ଼ିଲା। ଶାସ୍ତ୍ରୀଜୀ ପୁଅକୁ ଦେଖିବାକୁ ପାରୋଲରେ ଆସିଥିଲେ। ମାତ୍ର ପାରୋଲ ସମୟ ଚାଲିଗଲା ପୁଅର ଦେହ ଭଲ ହୋଇନଥିଲା। ପୁଅ କରୁଣ ସ୍ୱରରେ ବାପାଙ୍କୁ ରହିବା ପାଇଁ ଯେତେ

ଅନୁରୋଧ କଲେ ମଧ୍ୟ ଶାସ୍ତ୍ରୀଜୀଙ୍କ ଉପାୟ ନଥିଲା । ସେ ଛାତିକୁ ପଥର କରି ପୁଣି ଜେଲକୁ ଫେରିଗଲେ । ଅବଶ୍ୟ ପୁଅ ଦେହ ପରେ ଭଲ ହୋଇଗଲା ।

ଶାସ୍ତ୍ରୀଜୀ କିଛିଦିନ ପରେ ଜେଲରୁ ଖଲାସ ହୋଇଆସିଲେ । ମାତ୍ର ମାହାତ୍ମାଗାନ୍ଧି ଯେତେବେଳେ 'ଭାରତଛାଡ଼' ଡ଼ାକରା ଦେଲେ ସେତେବେଳେ ଆନ୍ଦୋଳନ ଆହୁରି ତେଜି ଉଠିଲା ଏବଂ ପୁନର୍ବାର ଶାସ୍ତ୍ରୀଜୀ ଗିରଫ ହେଲେ । ଏଥର ଆଇନ ଅଧିକ କଡ଼ାକଡ଼ି ଭାବେ ପାଳନ କରାଗଲା । ଶାସ୍ତ୍ରୀଜୀ କେଉଁ ଜେଲରେ ଅଛନ୍ତି ତାହା ତାଙ୍କର ପରିବାର ଜାଣିପାରିଲେ ନାହିଁ । ଶାସ୍ତ୍ରୀଜୀଙ୍କ ଚିନ୍ତାରେ ଲଳିତାଙ୍କ ଦେହ ଖରାପ ହୋଇଗଲା । ତାଙ୍କର ଘନ ଘନ କାଶ ହେଲା ଓ କାଶରେ ରକ୍ତ ପଡ଼ିଲା । କିଛିଦିନ ପରେ ସେ ଜାଣିଲେ ଯେ ଶାସ୍ତ୍ରୀ 'ନୈନୀ' ଜେଲରେ ଅଛନ୍ତି । ଚିଠି ଲେଖିବାକୁ ଅନୁମତି ମିଳିଲା । ତେବେ ଲଳିତା ଶାସ୍ତ୍ରୀ ତାଙ୍କୁ ନିଜ ରୋଗ କଥା ଜଣାଇନଥିଲେ । କାଳେ ସେ ବ୍ୟସ୍ତ ହୋଇପଡ଼ିବେ । ହେଲେ ଶାସ୍ତ୍ରୀ ତାଙ୍କର ଜଣେ ବନ୍ଧୁଙ୍କ ଠାରୁ ଏକଥା ଜାଣିପାରିଲେ । ଶାସ୍ତ୍ରୀଜୀଙ୍କ ଅନେକ ବନ୍ଧୁ ରହିଥିଲେ ଯେଉଁମାନେ ଏ ବିପଦ ସମୟରେ ପରିବାରକୁ ସାହାଯ୍ୟ କରୁଥିଲେ । ଶାସ୍ତ୍ରୀ ଦେଶପାଇଁ ସର୍ବସ୍ୱ ଦେଇଛନ୍ତି ଏବଂ ତାଙ୍କର ପରିବାରକୁ ଏ ଦୁର୍ଦ୍ଦିନରେ ସାହାଯ୍ୟ କରିବା ଏମାନଙ୍କର ପବିତ୍ର କର୍ତ୍ତବ୍ୟ ବୋଲି ଏମାନେ ଭାବୁଥିଲେ । ଶାସ୍ତ୍ରୀଜୀଙ୍କର ଗୁରୁ ନିଷ୍କାମେଶ୍ୱର ମିଶ୍ର ମଧ୍ୟ ସାହାଯ୍ୟ କରିଥିଲେ । ତାଙ୍କର ଅନ୍ୟଜଣେ ବନ୍ଧୁ ଅମରନାଥ ପରିବାରକୁ ଆର୍ଥିକ ସାହାଯ୍ୟ କରିଥିଲେ । ପରିବାରକୁ ସବୁଠାରୁ ଅଧିକ ସାହାଯ୍ୟ କରିଥିଲେ ଜଣେ ମହୀୟସୀ ମହିଳା ପୂର୍ଣ୍ଣିମା ବାନାର୍ଜୀ । ଏ ସମୟରେ ତାଙ୍କର ପରିବାର ଘୋର ଦୟନୀୟ ଅବସ୍ଥାରେ ଥିଲେ । ପିଲାଙ୍କର ପାଠପଢା ବନ୍ଦ ହୋଇଯାଇଥିଲା । ବେଳେ ବେଳେ ସେମାନେ ଦୁଇ ତିନିଦିନ ପର୍ଯ୍ୟନ୍ତ ବାସିରୁଟି ଖାଉଥିଲେ । ତଥାପି ଶାସ୍ତ୍ରୀ ଓ ତାଙ୍କର ପରିବାର ଦେଶପାଇଁ ଅସୀମ ତ୍ୟାଗ ଓ କଷ୍ଟ ସହିବାକୁ ପଛାଉ ନ ଥିଲେ । ପୂର୍ଣ୍ଣିମା ଦେବୀଙ୍କ ସାହାଯ୍ୟ ଯୋଗୁଁ ଲଳିତା ରୋଗରୁ ମୁକ୍ତି ପାଇଲେ ।

ଶାସ୍ତ୍ରୀ ବହୁବାର ଜେଲ ଯାଇଥିଲେ । ଏ ସମ୍ପର୍କରେ ମନୋଜ ପବ୍ଲିକେସନ୍ ପକ୍ଷରୁ ଯେଉଁ ବହିଟି ଛପାଯାଇଛି ସେଥିରେ କୁହାଯାଇଛି ଯେ

"Now jail became his second home. He went into various prisons seven times for a total period of twelve years".

ଦେଶ ସ୍ୱାଧୀନ ହେଲାପରେ ଶାସ୍ତ୍ରୀଜୀ ବହୁ ଉଚ୍ଚପଦରେ ରହିଥିଲେ ମାତ୍ର ନିଜର ନୀତି ଓ ଆଦର୍ଶରେ ଜଳାଞ୍ଜଳି ଦେଇନଥିଲେ । ସେ ପ୍ରଥମେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଗୋବିନ୍ଦବଲ୍ଲଭ ପନ୍ଥଙ୍କ ପାର୍ଲାମେଣ୍ଟାରୀ ସେକେଟ୍ରେରୀ ହେଲେ । ପରେ ମନ୍ତ୍ରୀ ହେଲେ । ପରିଶେଷରେ ନେହେରୁ ତାଙ୍କୁ କେନ୍ଦ୍ରକୁ ଆଣିଥିଲେ । ଏଠାରେ ରେଳ ବିଭାଗ ବାଣିଜ୍ୟ

ବିଭାଗ ଓ ପରେ ଘରୋଇ ବିଭାଗର ଦାୟିତ୍ୱ ନେଇଥିଲେ । ସେ ପ୍ରତ୍ୟେକ ବିଭାଗରେ ନିଷ୍ଠା ଓ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ରେଳ ବିଭାଗର ମନ୍ତ୍ରୀ ଥିଲା ବେଳେ ଥରେ ଟ୍ରେନ ଦୁର୍ଘଟଣା ପାଇଁ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେଇଥିଲେ । ସେ ମନ୍ତ୍ରୀ ଥିଲାବେଳେ ଯେଉଁ ସ୍ୱତନ୍ତ୍ର ସାଲୁନ୍‌ରେ ଯାଉଥିଲେ ସେଥିରେ  କୁଲର ଲଗାଇବାକୁ ମନା କରିଦେଇଥିଲେ । ଯଦି ଅନ୍ୟ ଯାତ୍ରୀମାନେ ଗରମରେ କଷ୍ଟ ସହୁଛନ୍ତି ସେ ନ ସହିବେ କହିଁକି ? ଶାସ୍ତ୍ରୀଜୀ ନେହେରୁଙ୍କର ସବୁଠାରୁ ବିଶ୍ୱସ୍ତ ଥିଲେ । ୧୯୬୪ ମସିହା ମେ ୨୭ରେ ନେହେରୁଙ୍କ ବିୟୋଗ ହେଲା । ନେହେରୁଙ୍କ ବିୟୋଗ ଦେଶବାସୀଙ୍କୁ ଦାରୁଣ ଆଘାତ ଦେଇଥିଲା । ତେବେ ସର୍ବସମ୍ମତିକ୍ରମେ ଶାସ୍ତ୍ରୀଜୀଙ୍କୁ ପ୍ରଧାନମନ୍ତ୍ରୀ ରୂପେ ବଛା ଯାଇଥିଲା । ସେ ନିଜର ଦକ୍ଷତା ପ୍ରମାଣିତ କରିଥିଲେ । ଭାରତ ପାକିସ୍ଥାନ ଯୁଦ୍ଧରେ ସେ ଦେଶକୁ ବିଜୟୀ କରିଥିଲେ । ତାଙ୍କର ଆହ୍ୱାନ 'ଜୟ ଜବାନ, ଜୟ କିଶାନ' ସମଗ୍ର ଦେଶରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା । କିନ୍ତୁ  ବିଧିର ବିଧାନ ବଡ଼ ବିଚିତ୍ର । ତାସକନ୍ଦରେ ପାକିସ୍ତାନ ସହିତ ଚୁକ୍ତିନାମାରେ ସ୍ୱାକ୍ଷର କରିବାର କିଛି ଘଣ୍ଟାପରେ ଭାରତ ମାତାର ଯୋଗ୍ୟ ସନ୍ତାନ ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଯିବାରୁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାହା ଥିଲା ୧୯୬୬ ମସିହା ଜାନୁଆରୀ ୧୦ ତାରିଖ ଅର୍ଦ୍ଧରାତ୍ର । ଦେଶପାଇଁ ଏହାଥିଲା ଅକାଳ ବଜ୍ରପାତ ଭଳି ।

ଦେଶପାଇଁ ତ୍ୟାଗ ଓ ବଳିଦାନ, ରାଜନୀତିରେ ନୀତି ଓ ଆଦର୍ଶର ସେ ଯେଉଁ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ତାହା ତାଙ୍କୁ ଇତିହାସରେ ଅମର କରିଛି ।

ଧନ୍ୟ ଶାସ୍ତ୍ରୀଜୀ ।।

●●●

# ଚକ୍ରବର୍ତ୍ତୀ ରାଜଗୋପାଳଚାରୀ



ରାଜଗୋପାଳଚାରୀ ଭାରତ ବର୍ଷର ରାଜନୀତିରେ ଥିଲେ ଭୀଷ୍ମ ପିତାମହ । ସେ ଜଣେ ବିବେକବାନ୍ ବ୍ୟକ୍ତି ଥିଲେ । ତାଙ୍କ ବିଚାରଧାରାରେ ମୌଳିକତା ରହିଥିଲା । ଶସ୍ତା ଲୋକପ୍ରିୟତାକୁ ପରିହାର କରି ଯାହା ସେ ଉଚିତ୍ ମନେ କରୁଥିଲେ ତାହାହିଁ କହୁଥିଲେ । ଫଳରେ କଂଗ୍ରେସ ଦଳରେ ତାଙ୍କର କେତେକ ସମାଲୋଚକ ବାହାରି ପଡିଲେ । ତଥାପି ସେ ସେଥିରେ ବିଚଳିତ ହୋଇନଥିଲେ । ସେ ଥିଲେ ତୀକ୍ଷ୍ଣ ମେଧା ସମ୍ପନ୍ନ ବ୍ୟକ୍ତି । ଇଂଲଣ୍ଡର ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ଜନ୍ ଗୁଣ୍ଟର ରାଜାଜୀଙ୍କ ତୀକ୍ଷ୍ଣବୁଦ୍ଧିକୁ ଲକ୍ଷ୍ୟକରି କହିଥିଲେ 'Rajaji has got razor sharp intellect'ରାଜାଜୀ ନିଜର ନୀତି, ଆଦର୍ଶ ଓ ବିବେକ ବିରୁଦ୍ଧରେ କୌଣସି କାର୍ଯ୍ୟ କରି ନାହାନ୍ତି । ମହାତ୍ମାଗାନ୍ଧିଙ୍କୁ ସେ ଯଥେଷ୍ଟ ସମ୍ମାନ ଦେଉଥିଲେ କିନ୍ତୁ ଯଦି ତାଙ୍କ କାର୍ଯ୍ୟରେ ସେ ତ୍ରୁଟି ଦେଖୁଥିଲେ ତେବେ ତାଙ୍କୁ ଚେତାଇ ଦେଉଥିଲେ । ଏଣୁ ଗାନ୍ଧୀଜୀ ତାଙ୍କର ଉଚ୍ଚ ପ୍ରଶଂସା କରି କହିଥିଲେ ଯେ - 'Rajaji is my alter ego and conscience keeper'

ଏହି ମହାନ୍ ବ୍ୟକ୍ତିଙ୍କର ଜନ୍ମ ୧୮୭୮ ମସିହା ଡିସେମ୍ବର ୧୦ ତାରିଖ ଦିନ ବାଙ୍ଗାଲୋରଠାରୁ ଚାଳିଶ କିଲୋମିଟର ଦୂର ଥୋରାପଲ୍ଲୀ ଗ୍ରାମରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଚକ୍ରବର୍ତ୍ତୀ ଆୟାଙ୍ଗର । ସେ ଗ୍ରାମର ମୁଖ୍ୟ ଥିଲେ । ତାଙ୍କୁ ମୁନସିଫ୍ ପଦବୀ ମିଳିଥିଲା ଓ ଏଥିପାଇଁ ଇଂରେଜ ସରକାର ତାଙ୍କୁ ମାସିକ ୫ଟ ଦରମା ଦେଉଥିଲେ । ଅଳ୍ପକିଛି ଜମି ମଧ୍ୟ ସେ ପାଇଥିଲେ । ଗ୍ରାମରେ ଆଇନଶୃଙ୍ଖଳା ରକ୍ଷା କରିବା ଓ ଜମିଜମା ରେକର୍ଡ଼ ରଖିବା ତାଙ୍କର କାମଥିଲା । ଆୟାଙ୍ଗରଙ୍କର ଗଭୀର ଧର୍ମ ବିଶ୍ୱାସ ରହିଥିଲା । ପିତାଙ୍କର ଏହି ଧର୍ମ ବିଶ୍ୱାସ ରାଜାଜୀଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା ।

ଥୋରାପଲ୍ଲୀରେ ପିଲାଙ୍କର ଭଲ ପଢ଼ାପଢ଼ିର ସୁବିଧା ନଥିବାରୁ ଆୟାଙ୍ଗରଙ୍କ ପରିବାର ଅଳ୍ପଦୂରରେ ଅବସ୍ଥିତ ହୋସୁର ନାମକ ସ୍ଥାନକୁ ଉଠି ଆସିଥିଲେ । ରାଜାଜୀଙ୍କୁ ପିଲାଦିନେ ସମସ୍ତେ ରାଜା ବୋଲି ଡାକୁଥିଲେ । ସେ ଭଲ ପଢୁଥିଲେ । ମାତ୍ର ତାଙ୍କର ଦୃଷ୍ଟି ଶକ୍ତି ଖରାପ

ଥିଲା । ତେବେ ଡାକ୍ତରଙ୍କ ପରାମର୍ଶରେ ସେ ଚଷମା ଲଗାଇଲେ ଏବଂ ଏହା ଫଳରେ ଭଲ ଦେଖି ପାରିଲେ । ସେ ପରୀକ୍ଷାରେ ଶ୍ରେଣୀରେ ସବୁବେଳେ ପ୍ରଥମ ହେଉଥିଲେ ।

କୃତିତ୍ୱର ସହିତ ମାଟ୍ରିକ୍ ପାସ୍ କଲେ । ଏହାପରେ ସେ ଉଚ୍ଚଶିକ୍ଷା ପାଇଁ ବାଙ୍ଗାଲୋର ଗଲେ । ବାଙ୍ଗାଲୋର ଅତି ସୁନ୍ଦର ସହର । ଏଠାକାର ପରିବେଶ ତାଙ୍କର ବୌଦ୍ଧିକ ଚେତନାର ଉନ୍ମେଷପାଇଁ ସହାୟକ ହୋଇଥିଲା । ଏଠାରେ ଏକ ବୃହତ୍ତର ପରିବେଶ ମଧ୍ୟରେ ତାଙ୍କର ସ୍ୱାଧୀନ ଚିନ୍ତା ଅଧିକ ପ୍ରସାରିତ ହେଲା । ସେ ପାଶ୍ଚାତ୍ୟ ସାହିତ୍ୟକୁ ଭଲ ଭାବରେ ଅଧ୍ୟୟନ କଲେ । ଫରାସୀ ବିପ୍ଳବର ଇତିହାସ ଏବଂ ଏହାର ସଂଗ୍ରାମୀ ବୀରଙ୍କର ଦର୍ଶନ ଓ ବାଣୀ ତାଙ୍କ ପ୍ରାଣରେ ସ୍ୱାଧୀନତାର ଭାବନା ସୃଷ୍ଟିକଲା । ଭାରତର ସମସ୍ତ ଦୁଃଖ ଓ ଦୁର୍ଦ୍ଦଶାର କାରଣ ହେଉଛି ପରାଧୀନତା । ଦେଶ କିଭଳି ସ୍ୱାଧୀନ ହେବ, ଏହି ଭାବନା ତାଙ୍କର ମନକୁ ଆନ୍ଦୋଳିତ କଲା । ସେ ଦାର୍ଶନିକ ସକ୍ରେଟିସ୍, ଇମରସନ୍,ଟଲଷ୍ଟୟଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ । ଭଲଟେୟାର ଓ ରୁଷୋଙ୍କ ବୈପ୍ଳବିକ ଚିନ୍ତା ମଧ୍ୟ ତାଙ୍କୁ ପ୍ରଭାବିତ କରିଥିଲା । ଯେଉଁ ଭାରତୀୟ ଚିନ୍ତାନାୟକ ତାଙ୍କମନକୁ ପ୍ରଭାବିତ କରିଥିଲେ ସେ ହେଉଛନ୍ତି ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦ ।

ସେ କୃତିତ୍ୱର ସହ ବି.ଏ ପାଶ୍ କଲେ । ଏହାପରେ ସେ ଆଇନ ପଢିବାକୁ ଇଚ୍ଛାକଲେ । ଇଂରେଜ ସରକାର ଅଧୀନରେ ସରକାରୀ ଚାକିରି କରିବା ତାଙ୍କର ଇଚ୍ଛା ନଥିଲା । ଆଇନ ପଢିଲେ ସେ ସ୍ୱାଧୀନ ଭାବରେ ଜନସାଧାରଣଙ୍କର ଉପକାର କରି ପାରିବେ । ଆଇନ ପଢିବାପାଇଁ ସେ ମାନ୍ଦ୍ରାଜ ଆସିଥିଲେ । ଏହି ମାନ୍ଦ୍ରାଜରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସେ ପ୍ରଭାବିତ ହୋଇଥିଲେ । ଏଠାରେ ସମାଜ ସଂସ୍କାର ପାଇଁ ଯେଉଁ ଆନ୍ଦୋଳନ ହୋଇଥିଲା ତାହାଦ୍ୱାରା ସେ ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ସମାଜରୁ କୁସଂସ୍କାର କିଭଳି ଦୂରହେବ ସେହି ଚିନ୍ତା ତାଙ୍କୁ ପ୍ରଭାବିତ କରିଥିଲା । ମାନ୍ଦ୍ରାଜରେ ପଢିଲା ସମୟରେ ସ୍ୱାମୀ ବିବେକାନନ୍ଦଙ୍କର ଭାଷଣ ଶୁଣିବାର ସୁଯୋଗ ଲାଭ କରିଥିଲେ । ବିବେକାନନ୍ଦଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱ, ଦୀନଦୁଃଖୀଙ୍କର ସେବାପାଇଁ ଆହ୍ୱାନ ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ସେହିଭଳି ବାଲଗଙ୍ଗାଧର ତିଳକଙ୍କର ବାଣୀ– 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ତାଙ୍କ ମନକୁ ସ୍ପର୍ଶ କରିଥିଲା । ସେ ତିଳକଙ୍କୁ ଜୀବନର ଆଦର୍ଶ ବୋଲି ଭାବି ନେଇଥିଲେ ।

ଆଇନ୍ ପରୀକ୍ଷାରେ ସଫଳତା ଲାଭ କରିବାପରେ ସେ ମାନ୍ଦ୍ରାଜ ପରିବର୍ତ୍ତେ ସାଲେମ ସହରରେ ଆଇନ୍ ବ୍ୟବସାୟ ଆରମ୍ଭ କଲେ । କାରଣ ମାନ୍ଦ୍ରାଜରେ ବହୁ ପ୍ରତିଷ୍ଠିତ ଆଇନ୍‌ଜୀବୀଙ୍କ ସହ ତାଙ୍କୁ ପ୍ରତିଯୋଗିତା କରିବାକୁ ପଡ଼ିଥାଅନ୍ତା । ଏଠାରେ ସେ ଆଇନ୍ ବ୍ୟବସାୟରେ ସଫଳତା ଲାଭକଲେ ଏବଂ ରୋଜଗାର ମଧ୍ୟ ଭଲ ହେଲା ।

ଯଦିଓ ଅର୍ଥ ରୋଜଗାର କରି ନିଜର ପରିବାର ଚଳାଇବା ପାଇଁ ସେ ଓକିଲାତି କରୁଥିଲେ ମାତ୍ର ଦେଶସେବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସାଲେମରେ ଥିବାବେଳେ ସି. ବିଜୟରାଘବ ବୋଲି ଜଣେ ଜାତୀୟତାବାଦୀ ଆଇନଜୀବୀଙ୍କ ସଂସ୍ପର୍ଶରେ ଆସି ସେ ରାଜନୀତି ଆଡ଼କୁ ଢ଼ଳିଥିଲେ।

୧୯୦୫ ମସିହାରେ ଲର୍ଡକର୍ଜନଙ୍କ ବଙ୍ଗ ବିଭାଜନ ନିଷ୍ପତ୍ତି ବିରୁଦ୍ଧରେ ସମଗ୍ର ଭାରତ ବର୍ଷ ବିଶେଷତଃ ବଙ୍ଗଳା, ମହାରାଷ୍ଟ୍ର ଓ ମାନ୍ଦ୍ରାଜରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି ହେଲା। କଗ୍ରେସକୁ ଦୁର୍ବଳ କରିବାକୁ କର୍ଜନ ଯେଉଁ ପ୍ରୟାସ କରିଥିଲେ ତାହାର ଫଳ ବିପରୀତ ହେଲା। ଯୁବଗୋଷ୍ଠୀ ଅଧିକ ଉତ୍ତେଜିତ ହୋଇପଡିଲେ ଏବଂ ଆନ୍ଦୋଳନରେ ସାମିଲ ହେଲେ।ଏହି ସମୟରେ ବାଲଗଙ୍ଗାଧର ତିଲକ ଥିଲେ କଂଗ୍ରେସର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱ। ରାଜଗୋପାଳଚାରୀ ତାଙ୍କଦ୍ୱାରା ବିଶେଷଭାବରେ ପ୍ରଭାବିତ ହୋଇଥିଲେ। ସେ ବନାରସ ଓ ସୁରାଟରେ ଅନୁଷ୍ଠିତ ଜାତୀୟ କଂଗ୍ରେସରର ବାର୍ଷିକ ଅଧିବେଶନରେ ଯୋଗ ଦେଇଥିଲେ। ତେବେ ଗୋପାଳକୃଷ୍ଣ ଗୋଖଲେଙ୍କ ନେତୃତ୍ୱରେ ନରମପନ୍ଥୀ ଓ ତିଳକଙ୍କ ନେତୃତ୍ୱରେ ଚରମପନ୍ଥୀ ବା ଉଗ୍ରଜାତୀୟତାବାଦୀମାନେ କିଭଳି ପରସ୍ପରର ସମାଲୋଚନା କରୁଥିଲେ ତାହା ରାଜାଜୀ ଲକ୍ଷ୍ୟ କରୁଥିଲେ ଏବଂ ରାଜନୈତିକ ଜୀବନର ପ୍ରାରମ୍ଭରେ ସେ ତିଳକଙ୍କର ସମ୍ପର୍କରେ ଥିଲେ। ତେବେ ଇଂରେଜ ସରକାର ତିଳକଙ୍କୁ ବନ୍ଦୀକରି ମାଣ୍ଡାଲେ ଜେଲରେ ରଖିଲା ପରେ ରାଜନୀତିରେ ନରମପନ୍ଥୀମାନେ ନିଜର ବିଶେଷ ପ୍ରଭାବ ବିସ୍ତାର କରିପାରିଲେ। ମହାତ୍ମାଗାନ୍ଧି ଭାରତକୁ ୧୯୧୫ ମସିହାରେ ଆସିଥିଲେ। ୧୯୨୦ ମସିହାରେ ତିଳକଙ୍କ ତିରୋଧାନ ଘଟିଲା ପରେ ଗାନ୍ଧି କଂଗ୍ରେସର ଅପ୍ରତିଦ୍ୱନ୍ଦୀ ନେତା ରୂପେ ଆନ୍ଦୋଳନର କର୍ଣ୍ଣଧାର ହେଲେ। ରାଜାଜୀ ଗାନ୍ଧିଜୀଙ୍କଦ୍ୱାରା ବିଶେଷଭାବରେ ପ୍ରଭାବିତ ହେଲେ। ଉଭୟଙ୍କ ମଧ୍ୟରେ ଗଭୀର ଆତ୍ମୀୟତା ସୃଷ୍ଟି ହେଲା। ରାଜାଜୀ ଗାନ୍ଧିଜୀଙ୍କର ଅହିଂସା ନୀତି ଓ ଅସହଯୋଗ ଆନ୍ଦୋଳନକୁ ଦୃଢ଼ଭାବରେ ସମର୍ଥନ କରିଥିଲେ। ଗାନ୍ଧିଜୀ ତାଙ୍କୁ ଗୋଟିଏ ଚରଖା ଉପହାର ଦେଇଥିଲେ। ସେହି ଦିନଠାରୁ ସେ ଖଦଡ଼ ପିନ୍ଧିବାକୁ ଲାଗିଲେ। ଗାନ୍ଧିଜୀଙ୍କ ସହ ତାଙ୍କର ଯେଉଁ ଆତ୍ମୀୟତା ଆରମ୍ଭ ହୋଇଥିଲା ତାହା ପାରିବାରିକ ବନ୍ଧୁତ୍ୱରେ ପରିଣତ ହେଲା ଯେତେବେଳେ ରାଜାଜୀଙ୍କ ଝିଅ ଲକ୍ଷ୍ମୀ ଗାନ୍ଧିଜୀଙ୍କ ପୁଅ ଦେବଦାସଙ୍କୁ ବିବାହ କଲେ। ରାଜାଜୀ ଯେତେବେଳେ ସାଲେମରେ ଆଇନ ବ୍ୟବସାୟ କରୁଥିଲେ ସେତେବେଳେ ସେ ସମାଜ ସଂସ୍କାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ। ଅସ୍ପୃଶ୍ୟତା ବିରୋଧୀ ଆନ୍ଦୋଳନ ଓ ନାରୀଶିକ୍ଷା ପାଇଁ ଉଦ୍ୟମକୁ ସେ ସମର୍ଥନ କରୁଥିଲେ। ସେ ସାମାଜିକ ସମ୍ମିଳନୀରେ ଯୋଗ ଦେଉଥିଲେ। ରାଜାଜୀ ଧୀରେ ଧୀରେ ରାଜନୀତିରେ ଅଂଶଗ୍ରହଣ କରିବାକୁ ଲାଗିଲେ।

ସେ ସାଲେମ ମ୍ୟୁନିସିପାଲଟିର ସଦସ୍ୟ ହେଲେ ଏବଂ ଦୁଇବର୍ଷ ପରେ ଏହାର ଚେୟାରମାନ ହେଲେ। ଜୀବନର ଗତିପଥ ବଦଳିବାକୁ ଲାଗିଲା।

୧୯୧୯ ମସିହାରେ ରାଜାଜୀ ମାନ୍ଦ୍ରାଜରେ ଆଇନ ବ୍ୟବସାୟ ଆରମ୍ଭ କଲେ। ଏହି ସମୟରେ ଗାନ୍ଧିଜୀ ମାନ୍ଦ୍ରାଜ ଆସିବା ଅବସରରେ ରାଜାଜୀଙ୍କ ଅତିଥି ହୋଇଥିଲେ। ରାଜାଜୀ ଗାନ୍ଧିଜୀଙ୍କ ଅନୁଗାମୀ ଥିଲେ ଏବଂ ତାଙ୍କର ସମସ୍ତ କାର୍ଯ୍ୟକ୍ରମକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରୁଥିଲେ।

ରାଓଲତ ଆଇନ୍ ବିରୁଦ୍ଧରେ ଗାନ୍ଧିଜୀଙ୍କ ପରାମର୍ଶରେ ରାଜାଜୀ ମାନ୍ଦ୍ରାଜରେ ହରତାଳ ଡାକରା ଦେଇଥିଲେ। ପ୍ରତିବାଦ ବ୍ୟାପକ କରିବାକୁ ଶୋଭାଯାତ୍ରା ଓ ସ୍ଲୋଗାନ ଦିଆଗଲା। ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବରେ ଓ ଅହିଂସାମାର୍ଗରେ ହୋଇଥିଲା ଏବଂ ସଫଳ ହୋଇଥିଲା। ଏହି ସଫଳତା ଫଳରେ ରାଜାଜୀ ବିଶେଷ ଉତ୍ସାହିତ ହୋଇଥିଲେ। ସେହିପରି ଇଂଲଣ୍ଡର ଯୁବରାଜଙ୍କ ଭାରତ ଗସ୍ତ ସମୟରେ ହରତାଳ ଓ ଅସହଯୋଗ ବ୍ୟାପକ ହେଲା। ଏ ହରତାଳକୁ ସରକାର ଆଇନ ବିରୁଦ୍ଧ ବୋଲି ଘୋଷଣା କଲେ। କିନ୍ତୁ ରାଜାଜୀ ସରକାରଙ୍କ ଏ ଆଦେଶକୁ ଲଂଘନ କରି ଭେଲୋରରେ ଜନସଭାକୁ ସମ୍ବୋଧନ କରିବାକୁ ଯାଇଥିଲେ। ଫଳରେ ତାଙ୍କୁ ଗିରଫ କରାଗଲା ଓ ତିନିମାସ ଜେଲଦଣ୍ଡ ମିଳିଲା।

ସେହିଭଳି ରାଜାଜୀ ଐତିହାସିକ ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ମଧ୍ୟ ଯୋଗ ଦେଇଥିଲେ। ସେ ଶହେଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଦେବାରଣ୍ୟ ନାମକ ସ୍ଥାନକୁ ସତ୍ୟାଗ୍ରହ ପାଇଁ ଯାଇଥିଲେ। ଏପ୍ରିଲ ୨୯ ତାରିଖ ଦିନ ସେ ଲବଣ ଆଇନ ଭଙ୍ଗକରି ଗିରଫ ହୋଇଥିଲେ।

ରାଜାଜୀ ଗାନ୍ଧିଜୀଙ୍କର ଦୃଢ ସମର୍ଥକ ଥିଲେ। ସେ ସୁଭାଷ ବୋଷଙ୍କୁ ସମର୍ଥନ କରୁନଥିଲେ। ହରିପୁର କଂଗ୍ରେସ ଅଧିବେଶନରେ ସୁଭାଷ ଯେତେବେଳେ ସଭାପତି ନିର୍ବାଚିତ ହୋଇ ଗାନ୍ଧିଜୀଙ୍କ ଅହିଂସା ନୀତି ବିରୁଦ୍ଧରେ ଭାଷଣ ଦେଲେ ସେ ସମୟରେ ରାଜାଜୀ ଅହିଂସା ନୀତିକୁ ସମର୍ଥନ କରି ସୁଭାଷଙ୍କ ଉଦ୍ଦେଶ୍ୟରେ କହିଥିଲେ, 'I am not going to his leaky boat' ରାଜାଜୀ ନିର୍ଭୀକ ଓ ସ୍ପଷ୍ଟବାଦୀ ଥିଲେ। ସେ ନିଜ ବିଚାରେ ସର୍ବଦା ଦୃଢ଼ ରହୁଥିଲେ।

ଗାନ୍ଧିଜୀ ଓ ଆମ୍ବେଦକର ଉଭୟଙ୍କ ମଧ୍ୟରେ ଯେତେବେଳେ ତୀବ୍ର ମତଭେଦହେଲା ଦଳିତମାନଙ୍କପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ସ୍ଥିର କରିବାକୁ, ଗାନ୍ଧିଜୀ ଏହା ବିରୁଦ୍ଧରେ ଅନଶନ ଆରମ୍ଭ କରିଦେଲେ। ସତେବେଳେ ରାଜାଜୀ ମଧ୍ୟସ୍ଥତା କରି ଏହାର ସମାଧାନ କରିଥିଲେ। ଏକ ଐତିହାସିକ ରାଜିନାମା ସ୍ୱାକ୍ଷରିତ ହେଲା। ଦଳିତମାନଙ୍କ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ତାହାର ପରିବର୍ତ୍ତନ ହେଲା।

୧୯୩୫ ମସିହା ଭାରତ ଆଇନଦ୍ୱାରା ପ୍ରଦେଶମାନଙ୍କୁ ଅଧିକ କ୍ଷମତା ଦେବାର ବ୍ୟବସ୍ଥାହେଲା। ୧୯୩୭ରେ ଯେଉଁ ନିର୍ବାଚନ ହେଲା ତାହାର ଫଳ ସ୍ୱରୂପ ମାନ୍ଦ୍ରାଜରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ଲାଭକରି ମନ୍ତ୍ରୀମଣ୍ଡଳ ଗଠନ କଲା ଓ ରାଜାଜୀ ପ୍ରଧାନମନ୍ତ୍ରୀ ଭାବରେ ୧୯୩୭ ମସିହା ଜୁଲାଇ ୧୪ ତାରିଖ ଦିନ ଶପଥ ଗ୍ରହଣ କଲେ। ଏହି ସମୟରେ ସେ ମାନ୍ଦ୍ରାଜରେ ଅନେକ ସଂସ୍କାରମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏହା ଫଳରେ କୃଷକମାନେ ଉପକୃତ ହୋଇଥିଲେ। ମନ୍ଦିରଗୁଡ଼ିକ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ହେଲା। ନିଶାନିବାରଣ ପାଇଁ ଆଇନମାନ ପ୍ରଣୀତ ହେଲା।

ଅବଶ୍ୟ ଅବକାରୀ ଆୟ କମିଗଲା ମାତ୍ର ବିକ୍ରିକରଦ୍ୱାରା ଭରଣା ହେଲା। ନିଜର ନୀତି, ଆଦର୍ଶ ଓ ଅଭିଜ୍ଞତା ଦ୍ୱାରା ସେ ଅନ୍ୟ ମନ୍ତ୍ରୀମାନଙ୍କୁ ପ୍ରଭାବିତ କରି ପାରୁଥିଲେ। ହିନ୍ଦୀଭାଷାର ଗୁରୁତ୍ୱକୁ ଉପଲବ୍ଧି କରି ପାଠ୍ୟକ୍ରମରେ ତାକୁ ପ୍ରୋତ୍ସାହନ ଦେଉଥିଲେ। ତେବେ ଏହି ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଇଂରେଜ ସରକାର ଭାରତବାସୀଙ୍କ ମତାମତ ନ ନେଇ ଭାରତବର୍ଷକୁ ଜର୍ମାନ ବିରୁଦ୍ଧରେ ଜଡ଼ିତ କରିଦେଲେ। ଏ ଯୁଦ୍ଧରେ ଭାରତର କୌଣସି ସ୍ୱାର୍ଥ ନଥିଲା। ଏଣୁ ଏହି ଏକ ତରଫା ନିଷ୍ପତ୍ତି ବିରୁଦ୍ଧରେ କଂଗ୍ରେସ ସ୍ୱର ଉତ୍ତୋଳନ କଲା ଏବଂ ଯେଉଁଠାରେ ଏମାନେ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ ସେଠାରୁ ଓହରି ଆସିଲେ। ଏଣୁ ରାଜାଜୀଙ୍କ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲା।

ତେବେ ୧୯୪୫ ମସିହା ସେପ୍ଟେମ୍ବର ବେଳକୁ ବିଶ୍ୱଯୁଦ୍ଧ ସରିଆସିଲା। ନିର୍ବାଚନରେ ଇଂଲଣ୍ଡରେ ଶ୍ରମିକ ଦଳର ବିଜୟ ଯୋଗୁ ଭାରତର ସ୍ୱାଧୀନତାର ପଥ ସୁଗମ ହୋଇଥିଲା। ଇଂଲଣ୍ଡର ନୂତନ ପ୍ରଧାନମନ୍ତ୍ରୀ ଅଟଲି ଭାରତପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ। ଭାରତରେ ଏକ ଅନ୍ତରୀଣ ସରକାର ଗଠନ କରିବାକୁ ଇଂରେଜ ସରକାର ନିଷ୍ପତ୍ତି ନେଲେ। ୧୯୬୪ ମସିହା ସେପ୍ଟେମ୍ବର ମାସରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଅଧକ୍ଷତାରେ ମନ୍ତ୍ରୀମଣ୍ଡଳ ଗଢାହେଲା। ଏହି ମନ୍ତ୍ରୀମଣ୍ଡଳରେ ରାଜାଜୀ ସ୍ଥାନ ପାଇଥିଲେ।

୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ ଭାରତ ସ୍ୱାଧୀନ ହେଲା। ରାଜାଜୀ ପଶ୍ଚିମବଙ୍ଗର ରାଜ୍ୟପାଳ ଦାୟିତ୍ୱ ଗ୍ରହଣ କଲେ। ସେ ସମୟରେ ଦେଶ ବିଭାଜନ ଯୋଗୁ ଯେଉଁ ସାମ୍ପ୍ରଦାୟିକ ଦଙ୍ଗା ଘଟିଥିଲା ତାହାକୁ ମୁକାବିଲା କରିବା ସରକାରଙ୍କ ପ୍ରଥମ ସମସ୍ୟା ଥିଲା। ବଙ୍ଗଳାରେ ଏହାର ପ୍ରଭାବ ଗୁରୁତର ଥିଲା। ରାଜାଜୀ ଶାନ୍ତି ଶୃଙ୍ଖଳା ରକ୍ଷାକରିବାରେ ସରକାରଙ୍କୁ ସହଯୋଗ କରିଥିଲେ ଓ ପରାମର୍ଶ ଦେଇଥିଲେ।

୧୯୪୮ ଜୁନ୍ ମାସରେ ଗଭର୍ଣ୍ଣର ଜେନେରାଲ ପଦରୁ ଲର୍ଡ଼ ମାଉଣ୍ଟବେଟନ୍ ଅବ୍ୟାହିତ ନେଲେ। ଏହି ପଦପାଇଁ ପ୍ରଥମ ଭାରତୀୟ ଭାବେ ରାଜାଜୀଙ୍କୁ ମନୋନୀତ

କରାଯାଇଥିଲା । ନିଜେ ଲର୍ଡ଼ ମାଉଣ୍ଟବେଟେନ୍, ପଣ୍ଡିତ ନେହେରୁ ଓ ପଟେଲ ରାଜାଜୀଙ୍କୁ ଏହି ପଦପାଇଁ ସବୁଠାରୁ ଯୋଗ୍ୟ ମନେକରି ତାଙ୍କୁ ମନୋନୀତ କରିଥିଲେ । ରାଜାଜୀ ନିରପେକ୍ଷ ଭାବରେ ନିଜର ଦାୟିତ୍ୱସମ୍ପନ୍ନ କରି ଏହି ପଦର ମର୍ଯ୍ୟାଦା ବଢାଇଥିଲେ ।

ଯେତେବେଳେ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ସାଧାରଣତନ୍ତ୍ର ପ୍ରତିଷ୍ଠା ହେଲା ସେ ସମୟରେ ବଡଲାଟ ବଦଳରେ ରାଷ୍ଟ୍ରପତି ନିଯୁକ୍ତ ହେବା ସ୍ଥିର ହେଲା । କିଏ ରାଷ୍ଟ୍ରପତି ହେବେ ? ଦୁଇ ଜଣଙ୍କ ନାମ ବିଚାରକୁ ଆସିଲା । ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ଚକ୍ରବର୍ତ୍ତୀ ରାଜଗୋପାଲଚାରୀ । ନେହେରୁଙ୍କର ଇଚ୍ଛା ଥିଲା ରାଜାଜୀ ରାଷ୍ଟ୍ରପତି ହେବା ପାଇଁ ମାତ୍ର କଂଗ୍ରେସ ଦଳରେ ଅଧିକାଂଶ ଚାହୁଁଥିଲେ ରାଜେନ୍ଦ୍ର ପ୍ରସାଦ ରାଷ୍ଟ୍ରପତି ହୁଅନ୍ତୁ । ପରିଶେଷରେ ରାଜେନ୍ଦ୍ରପ୍ରସାଦ ରାଷ୍ଟ୍ରପତି ହେଲେ ।

ରାଜାଜୀଙ୍କ ମନରେ କ୍ଷମତା ପ୍ରତି କୌଣସି ମୋହ ନଥିଲା । ସେ ନୀତି ଓ ଆଦର୍ଶକୁ ସବୁବେଳେ ସମ୍ମାନ ଦେଉଥିଲେ । ଏଣୁ ସେ ରାଜେନ୍ଦ୍ର ପ୍ରସାଦଙ୍କୁ ରାଷ୍ଟ୍ରପତି ଆସନରେ ବସାଇ ତାଙ୍କର ଶୁଭ କାମନା କରି ମାନ୍ଦ୍ରାଜକୁ ଫେରିଆସିଲେ । ସେ ଚାହିଁଥିଲେ ରାଜନୀତିରୁ ସନ୍ନ୍ୟାସ ନେଇ ଅବଶିଷ୍ଟ ସମୟ ଶାନ୍ତିରେ କଟାଇବାକୁ । ହୁଏତ ପୁସ୍ତକ ଅଧ୍ୟୟନ ଓ ରଚନା ତାଙ୍କର ସ୍ୱପ୍ନ ଥିଲା । ମାତ୍ର ତାହା ହୋଇପାରିଲା ନାହିଁ । ମାନ୍ଦ୍ରାଜରେ ଏଭଳି ଏକ ଜଟିଳ ପରିସ୍ଥିତି ସୃଷ୍ଟି ହେଲା, ଯାହା ଫଳରେ ନେହେରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ହେବାପାଇଁ ଅନୁରୋଧ କଲେ । ୧୯୫୨ ନିର୍ବାଚନରେ ମାନ୍ଦ୍ରାଜରେ ୩୭୫ ଆସନରୁ କଂଗ୍ରେସକୁ ୧୫୫ଟି ଆସନ ମିଳିଲା । ସମଭାବାପନ୍ନ କେତେକ ସ୍ୱାଧୀନ ସଦସ୍ୟଙ୍କୁ ନେଇକରି ମନ୍ତ୍ରୀମଣ୍ଡଳ ଗଢାଯିବ । ଏହା ଏକ ଜଟିଳ ପରିସ୍ଥିତି । ନେହେରୁ ଅନୁଭବ କଲେ ଯେ ରାଜାଜୀଙ୍କ ଭିନ୍ନ ଅନ୍ୟ କେହି ଏ ଦିୟିତ୍ୱ ତୁଲାଇପାରିବେ ନାହିଁ । ଏଣୁ ତାଙ୍କୁ ହିଁ ମୁଖ୍ୟମନ୍ତ୍ରୀ କରାଗଲା । ସେ ପାରଦର୍ଶିତାର ସହ କାର୍ଯ୍ୟ କରିପାରିଥିଲେ । ଏହି ସମୟରେ ସେ ଅନେକ ଜନହିତକର କାର୍ଯ୍ୟ କରି ଜନସାଧାରଣଙ୍କର ପ୍ରଶଂସା ଭାଜନ ହୋଇପାରିଥିଲେ ।

ତେବେ ୧୯୫୭ ମସିହା ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କଲା ଓ ରାଜାଜୀ ମୁଖ୍ୟମନ୍ତ୍ରୀ ପଦକୁ ଇସ୍ତଫା ଦେଇ ଏକପ୍ରକାର ରାଜନୀତିରୁ ଓହରିଗଲେ । ପରବର୍ତ୍ତୀ ସମୟରେ ରାଜାଜୀ ପୁସ୍ତକ ରଚନାରେ ସମୟ ବିନିଯୋଗ କରିଥିଲେ ଏବଂ ତାଙ୍କ ପ୍ରଣୀତ ରାମାୟଣ ଓ ମହାଭାରତ ପାଠକମାନଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିଲା । ରାଜାଜୀ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ପାର୍ଟି ଗଠନ କରିଥିଲେ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ଏହା କଂଗ୍ରେସର ବିକଳ୍ପ ଭାବରେ ଉଭାହେବ । କିନ୍ତୁ ଏହା କଂଗ୍ରେସର ବିକଳ୍ପ ହୋଇପାରି ନଥିଲା । ତେବେ ଅନ୍ୟଦଳ ସହ ମିଶି କେତେକ ରାଜ୍ୟରେ କ୍ଷମତା ଅକ୍ତିଆର କରିଥିଲା । ଆମ

ଓଡ଼ିଶାରେ ଏହି ଦଳର ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ହୋଇ ପାରିଥିଲେ ।

ରାଜାଜୀ ସ୍ପଷ୍ଟବାଦୀ ଥିଲେ ଓ ନିଜର ସ୍ୱାଧୀନ ଚିନ୍ତା ବ୍ୟକ୍ତ କରୁଥିଲେ । ସେ ଲକ୍ଷ୍ୟକଲେ ଯେ ଜିନ୍ନାଙ୍କ ଜିଦ୍ ଯୋଗୁ ପାକିସ୍ଥାନ ଗଠନ ନିଶ୍ଚିତ ମନେ ହେଉଛି । ଏଣୁ ସେ କହିଲେ ଯେ ଯଦି ଏହା ଗଠନ ହେବା ସ୍ପଷ୍ଟ ଜଣାଗଲାଣି ତେବେ ଏହାର ବିରୋଧ କରିବାର କୌଣସି କାରଣ ନାହିଁ । ଏଥିପାଇଁ ରାଜାଜୀ ସମାଲୋଚିତ ହୋଇଥିଲେ । ମାତ୍ର ସେ ନିଜ ମତରେ ଅଟଳ ଥିଲେ । ସେ କେବେ ଭାବପ୍ରବଣତାର ପକ୍ଷପାତୀ ନଥିଲେ । ଯାହା ଯୁକ୍ତିଯୁକ୍ତ ଓ ବାସ୍ତବ ତାହା ସେ ପ୍ରକାଶ କରୁଥିଲେ ।

ରାଜାଜୀ ଜଣେ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଥିଲେ । ଭାରତବର୍ଷର ଗୌରବମୟ ଅତୀତ ପାଇଁ ସେ ଗର୍ବ ଅନୁଭବ କରୁଥିଲେ । ପ୍ରାଚୀନ ସାହିତ୍ୟକୁ ଭିତ୍ତିକରି ଅନେକ ଗଳ୍ପ ଓ ପ୍ରବନ୍ଧ ସେ ରଚନା କରିଥିଲେ । ଜଟିଳ ବିଷୟକୁ ଅତି ସରଳ ଭାବରେ ବୁଝାଇଦେବାରେ ସେ ସିଦ୍ଧହସ୍ତ ଥିଲେ । ତାଙ୍କର ରଚନା ଓ ଭାଷଣକୁ ଲକ୍ଷ୍ୟକଲେ ଏହା ଜଣାଯାଏ । ତାଙ୍କର ରାମାୟଣ ଓ ମହାଭାରତ ବିଶ୍ୱପ୍ରସିଦ୍ଧ ଗ୍ରନ୍ଥ । ଏ ସମ୍ପର୍କରେ ତାଙ୍କର ମତକୁ ଉଦ୍ଧାର କରାଯାଇପାରେ.... ଯଥା- ' The best service I have rendered to my people is the re-telling of the Ramayan and the Mahabharata. It has been a great joy to me in the evening of my life.' ପୁସ୍ତକର ବିଷୟବସ୍ତୁକୁ ପ୍ରକାଶ କରିବା ବେଳେ ନିଜର ମତାମତ ମଧ୍ୟ ପ୍ରକାଶ କରିଛନ୍ତି । ଶ୍ରୀରାମ ସୀତାଙ୍କୁ ପରିତ୍ୟାଗ କରିବା ବିଷୟକୁ ସେ ଗ୍ରହଣ କରି ପାରି ନାହାନ୍ତି । ଏବଂ 'My heart rebels' ବୋଲି କହିଛନ୍ତି ।

ଭାରତମାତାର ଏହି ଯୋଗ୍ୟ ସନ୍ତାନଙ୍କୁ ୧୯୫୫ ମସିହା ସାଧାରଣତନ୍ତ୍ର ଦିବସରେ ଭାରତରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା ।

୧୯୭୨ ମସିହା ଡିସେମ୍ବର ୨୫ ତାରିଖ ଦିନ ରାଜାଜୀ ଶେଷନିଶ୍ୱାସ ତ୍ୟାଗ କଲେ । ନୀତିନିଷ୍ଠ, ଭାରତୀୟ ସଂସ୍କୃତିର ପ୍ରବକ୍ତା, ସ୍ୱାଧୀନ ଚେତା ଏହି ମହାମାନବଙ୍କର ଅବର୍ତ୍ତମାନ ଦେଶବାସୀଙ୍କୁ ଦାରୁଣ ଆଘାତ ଦେଇଥିଲା ।

●●●

# ହେ ! ବୀର ସଭରକର

ସ୍ପନ୍ଦିତ ହୃଦୟେ ବହି ଅନୁପମ ଦେଶଭକ୍ତି
ଦୀର୍ଘ କାରାବାସ ତୁମେ ସହିଥିଲ ମଥାପାତି ।
ଦୃପ୍ତକଣ୍ଠେ ଗାଇଥିଲ ଜନ୍ମଭୂମି ଜୟଗାନ
ହେ ବୀର ସଭରକର, ବିପ୍ଳବୀ ଯୋଦ୍ଧା ମହାନ୍ । (୧)
ଭାରତ ମାତାର ପ୍ରାଣ କାନ୍ଦୁଥିଲା ଅହରହ
ପରାଧୀନ ଶୃଙ୍ଖଳରେ ବନ୍ଦିନୀ କରୁଣ କୋହ ।
ସନ୍ତାନ କି ପାରେ ସହି ଦୁଃଖ ଦେଖି ଜନନୀର
ସଂହାରିବି ଶତ୍ରୁ ମୁହିଁ ଏ ବଜ୍ର ଶପଥ ମୋର । (୨)
ଅସ୍ତ୍ରଶସ୍ତ୍ର ଠୁଳ କଲ ଶତ୍ରୁ ସଂହାରିବା ପାଇଁ
ତୁମରି ଯୁଦ୍ଧ ହୁଂକାରେ ଥରିଲା ଇଂଲଣ୍ଡ ଭୂଇଁ
ପ୍ରତିଶୋଧ ପରାୟଣ ବିଦେଶୀ ଶାସକଗଣ
ଯୋଜନା ରଚିଲେ ଲକ୍ଷ୍ୟ ନେବାକୁ ତୁମରି ପ୍ରାଣ । (୩)
ବନ୍ଦୀକରି ପଠାଇଲେ ଜାହାଜ ସେ ମୋରିଆରେ
ଅପରାଧ ପାଇଁ ଶାସ୍ତି ଲଭିବ ନିଜ ଦେଶରେ
ବିଦେଶୀ ଶତ୍ରୁ କବଳୁ ମୁକତି ଲଭିବା ପାଇଁ
ଜାହାଜରୁ ସାଗରକୁ ସହସା ପଡ଼ିଲ ଡେଇଁ । (୪)
ନିର୍ଭୟରେ ସନ୍ତରଣ କରି ସମୁଦ୍ର ବକ୍ଷରେ
ପହଞ୍ଚିଲ ପରିଶେଷେ ଫରାସୀ ଉପକୂଳରେ
ଗିରଫ କଲେ ତୁମକୁ ଫରାସୀ ପୋଲିସଗଣ
ଇଂରେଜ ହସ୍ତରେ ଶେଷେ କରିଥିଲେ ସମର୍ପଣ । (୫)
ଆଣ୍ଡାମାନ ଦ୍ୱୀପର ସେ ସେଲୁଲାର ବନ୍ଦୀଘର
ନରକଠୁ ବଳିପରା ଅଟଇ ସେ ଭୟଙ୍କର
ଧୈର୍ଯ୍ୟଧରି ଦଶବର୍ଷ ରହିଥିଲ ସେହିଠାରେ
ପେଲୁଥିଲ ତେଲଘଣା ବଳଦର ବଦଳରେ । (୬)
ନଜରବନ୍ଦୀ ଭାବରେ ରହିଥିଲ ବହୁକାଳ
ଅନନ୍ୟ ଏ ଦେଶଭକ୍ତି ଜଗତେ ଅଟେ ବିରଳ ।
ତୁମରି ଚରଣ ତଳେ ପ୍ରଣତି ସଦା ମୋହର
ଗ୍ରହଣ କରିବ ଏହା ହେ ବୀର ସଭରକର । (୭)

●●●

# ଲୋକମାନ୍ୟ ତିଳକ

ଦେଶଭକ୍ତି ଥିଲା ତୁମ ଜୀବନର ବ୍ରତ
ବୁଝିଥିଲ ଜୀବନରେ ସେବାର ମହତ୍ତ୍ୱ
ଦେଶପାଇଁ କରିଥିଲ ସବୁକିଛି ଦାନ
ଲୋକମାନ୍ୟ ତୁମଭଳି କେ ଅଛି ମହାନ। (୧)
ଶାସନର ଡୋରୀ ଥିଲା ବିଦେଶୀ ହାତରେ
ଉଦାସୀନ ଥିଲେ ଆମ ଦୁଃଖ ବିପଦରେ।
ଶୋଷୁଥିଲେ ଏ ଦେଶକୁ ନିଜ ସ୍ୱାର୍ଥପାଇଁ
ପ୍ରତିବାଦ କଲେ 'ଜେଲ୍' ଦିଅନ୍ତି ପଠାଇ। (୨)
ଦେଶବାସୀଙ୍କୁ ଯେ ତୁମେ କରିଲ ଆହ୍ୱାନ
ସ୍ୱାଧୀନତା ଜନ୍ମଗତ ଅଧିକାର ଜାଣ।
ବିଦେଶୀ ସରକାରକୁ କାହିଁବି ଡରିବା
ଅନ୍ୟାୟର ପ୍ରତିବାଦ ନିଶ୍ଚୟ କରିବା। (୩)
ତୁମ ଆହ୍ୱାନରେ ଫଳ ହେଲା ଅଦଭୂତ
ଲଢ଼ିବାକୁ ଦେଶବାସୀ ହେଲେ ସଙ୍ଗଠିତ।
'ଦେଶଦ୍ରୋହ' ଅପରାଧେ ହୋଇଲ ଦଣ୍ଡିତ
ଛଅବର୍ଷ ପାଇଁ ଦେଶୁ ହେଲ ନିର୍ବାସିତ। (୪)
ସୁଦୂର ବର୍ମା ଭୂମିର ମାଣ୍ଡାଲ ଜେଲରେ
ଜୀବନ କାଟିଲ ତୁମେ ନିର୍ଜନ ବାସରେ।
ମନରେ ନଥିଲା ତୁମ ତିଳେ ମାତ୍ର ଭୟ
'ଗୀତାର' ଭାଷ୍ୟ ଲେଖିଣ କାଟିଲ ସମୟ। (୫)
ଲୋକମାନ୍ୟ ଦେଶଭକ୍ତ, ତୁମ ବଳିଦାନ
ଇତିହାସରେ ତୁମକୁ କରିଛି ମହାନ।
ପ୍ରଣାମ କରୁଛୁ ଆଜି ତୁମରି ପୟରେ
ଦେଶପାଇଁ ଏ ଜୀବନ ତୁମ ପ୍ରେରଣାରେ। (୬)

●●●

# ଘେନ ପ୍ରଣାମ ମୋହରି ଗୋପାଳକୃଷ୍ଣ

ଜାହ୍ନବୀର ଜଳପରି କେତେ ଯେ ପବିତ୍ର
ଉଦାରହୃଦୟ, ସତ୍ୟନିଷ୍ଠ, ଦେଶଭକ୍ତ
ଦେଶବାସୀଙ୍କ ସେବା ସମାଜ ସଂସ୍କାର
ମାତୃ ଜାତିର କଲ୍ୟାଣ ଶିକ୍ଷାର ପ୍ରସାର
ସମସ୍ତଙ୍କ ସହଯୋଗ ଲୋଡ଼ି ଜୀବନରେ
ଅଗ୍ରସର ହୋଇଥିଲ ସାଧନା ପଥରେ
ଦେଶବାସୀଙ୍କ ସେବାରେ ଥିଲ ସଦା ବ୍ରତୀ
'ସେବକ ସମାଜ' ତୁମ ଅକ୍ଷୟ କୀରତି
ଭାରତ ମାତାର ତୁମେ ସୁଯୋଗ୍ୟ ସନ୍ତାନ
ଇତିହାସ କରୁଅଛି ତୁମ ଜୟଗାନ
ଗାନ୍ଧିଜୀଙ୍କ ପାଇଁ ତୁମେ ଥିଲ ଗୁରୁଭଳି
ହେ ଗୋପାଳକୃଷ୍ଣ, ଘେନ ପ୍ରଣାମ ମୋହରି।

●●●